RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-94 ♦SATURDAY ♦27 SEPTEMBER 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୯୪ ♦ଶନିବାର ♦୨୭ ସେପ୍ଟେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




ସୁଶ୍ରୀ ଓଡ଼ିଶା ଅଧିନାୟିକା

▶ପୃଷ୍ଠା ୧୨ ଦେଖନ୍ତୁ...

# ଅବପାତ ରୂପ ନେଲା ଲଘୁଚାପ

## ଆଜି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା

■ ଭୁବନେଶ୍ୱର, ୨୬।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ଶୁକ୍ରବାର ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ମୟୂରଭଞ୍ଜଠାରୁ ଗଞ୍ଜାମ ପର୍ଯ୍ୟନ୍ତ ବର୍ଷା ଅନୁଭୂତ ହୋଇଛି। ଏହି ଅବପାତ ଶନିବାର ସକାଳ ସୁଦ୍ଧା ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ମୁହାଁ ହୋଇ ସେଠାରେ ସ୍ଥଳଭାଗ ଅତିକ୍ରମ କରିବ। ତେଣୁ ଶନିବାର ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ଆକଳନ କରାଯାଇଛି। ଶନିବାର ନବରଙ୍ଗପୁର ଜିଲ୍ଲା ପାଇଁ ସବୁଠୁ ଅଧିକ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ନୂଆପଡ଼ାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ଅନ୍ୟପଟେ ଶୁକ୍ରବାର ଦିନ ତମାମ ମହାନଦୀରେ ପ୍ରାୟ ୬ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହୋଇଛି। ମହାନଦୀର ଉପରମୁଣ୍ଡରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଏହି ସ୍ଥିତି ସୃଷ୍ଟି ହୋଇଛି। ଯେହେତୁ ଉପରମୁଣ୍ଡରେ ଅଧିକ ବର୍ଷା ହୋଇଛି ଓ ମହାନଦୀକୁ ପାଣି ପଶୁଛି, ତେଣୁ ହୀରାକୁଦରେ ଏବେ ବି ୨୦ ଟି ଗେଟ୍ ଖୋଲାଯାଇ ୩ ଲକ୍ଷ ୫୮ ହଜାର କ୍ୟୁସେକ୍ ▶ପୃଷ୍ଠା-୭

**୨ରେ ଆଉ ଏକ ଲଘୁଚାପ**

## ବର୍ଷା, ବନ୍ୟା ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୨୬।୯ (ସମିସ): ଲଘୁଚାପ ଜନିତ ବର୍ଷା ଯୋଗୁଁ ପ୍ରଭାବିତ ହେବାକୁ ଥିବା ୧୭ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜିଲ୍ଲାପାଳଙ୍କ ସହ ଆଲୋଚନା କରି ବର୍ଷା ଓ ସମ୍ଭାବ୍ୟ ବନ୍ୟା ସ୍ଥିତି ମୁକାବିଲ ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୃଷ୍ଟ ଲଘୁଚାପ ପ୍ରଭାବରେ ୩ଟି ଜିଲ୍ଲା ଯଥା କୋରାପୁଟ, ମାଲକାନଗିରି ଏବଂ କଳାହାଣ୍ଡି ବିଶେଷ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ପାଣିପାଗ

**୧୭ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ**

କେନ୍ଦ୍ର କହିଛି। ଏହାସହ ୧୪ ଜିଲ୍ଲା ଯଥା ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ପୁରୀ, ▶ପୃଷ୍ଠା-୭

## ମୁଣ୍ଡଳୀରେ ପହଞ୍ଚିଲା ମହାନଦୀ ବନ୍ୟାଜଳ

■ ତ୍ରିଶୂଳିଆ, ୨୬।୯ (ସମିସ): ହୀରାକୁଦରୁ ଗେଟ୍ ଖୋଲିବା ପରେ ଶୁକ୍ରବାର ଦିନ ମୁଣ୍ଡଳୀରେ ମହାନଦୀର ବନ୍ୟାଜଳ ପହଞ୍ଚିଛି। ଆଜି ସକାଳ ୬ଟା ସୁଦ୍ଧା ମୁଣ୍ଡଳୀ ଦେଇ ୫ଲକ୍ଷ ୧୨ ହଜାର ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ପୂର୍ବାହ୍ନ ୧୧ଟା ବେଳକୁ ଧୀରେଧୀରେ ଜଳସ୍ତର ବୃଦ୍ଧି ପାଇଥିଲା। ଦିନ ୧ଟା ବେଳକୁ ୫ଲକ୍ଷ ୭୮ ହଜାର ୧୮୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିଲା। ମୁଣ୍ଡଳୀର ଉପର ମୁଣ୍ଡରେ ୮୮.୭୦ ଫୁଟ୍ ଏବଂ ତଳ ମୁଣ୍ଡରେ ୮୬.୬୦ ଫୁଟ ଜଳସ୍ତର ରହିଛି। ଧୀରେଧୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ତଳିଆ ଅଞ୍ଚଳ କାଠଯୋଡ଼ି, କୁଆଖାଇ, ଦୟା ଆଦି ଅନେକ ନଦୀକୂଳିଆ ଅଞ୍ଚଳରେ ▶ପୃଷ୍ଠା-୭

# ଆଜି ଝାରସୁଗୁଡ଼ା ଆସୁଛନ୍ତି ପ୍ରଧାନମନ୍ତ୍ରୀ



**ବିଏସ୍ଏନ୍ଏଲ୍ ୪ଜି ସେବାର କରିବେ ଉଦ୍‌ଘାଟନ**

■ ଭୁବନେଶ୍ୱର, ୨୬।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି (ଶନିବାର) ଝାରସୁଗୁଡ଼ା ଗସ୍ତରେ ଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ସେ ବିଭିନ୍ନ ପ୍ରକଳ୍ପ ସହ ସାରା ଦେଶ ପାଇଁ ବିଏସ୍ଏନ୍ଏଲ୍ ୪ଜି ସେବା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରାୟ ୧ ଲକ୍ଷ ସ୍ଥାନରେ ୪ଜି ସେବା ସି-ଡଟ୍ କୋର୍, ତେଜସ୍ ନେଟୱର୍କ ଏବଂ ଟିସିଏସ୍ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହୋଇଛି।

ବିଏସଏନଏଲ୍ ୪ଜି ନେଟୱର୍କର ଦେଶବ୍ୟାପୀ ଶୁଭାରମ୍ଭ ସମ୍ପୂର୍ଣ୍ଣ "ଆତ୍ମନିର୍ଭର' ୪ଜି ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଏବଂ ଏହି ସଫ୍ଟୱେର୍‌ରେ ୫ଜିକୁ ସହଜରେ ଅପଗ୍ରେଡ କରାଯାଇପାରିବାର ବ୍ୟବସ୍ଥା ରହିଛି। ଏହା କେବଳ ବିଏସ୍ଏନ୍ଏଲ୍‌ର ପୁରୁଣା ଗ୍ରାହକମାନଙ୍କୁ ନୁହେଁ ବରଂ ଡିଜିଟାଲ୍ ଦୁନିଆ ସହିତ କେବେ ସଂଯୋଗ ହୋଇନଥିବା ଲକ୍ଷାଧିକ ଗ୍ରାହକଙ୍କୁ ସାରା ଦେଶରେ ଦ୍ରୁତ ଗତି ସମ୍ପନ୍ନ ମୋବାଇଲ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରିବ। ଡିବିଏନ୍ (ଡିଜିଟାଲ୍ ଭାରତ ନିଧି, ଯାହା ପୂର୍ବରୁ ୟୁଏସଓଏଫ୍ ଥିଲା) ମୋବାଇଲ୍ ପ୍ରୋଜେକ୍ଟରେ ବିଏସଏନଏଲ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୧୪୧୮୦ ଡିବିଏନ୍ ପାଣ୍ଠି ବିଶିଷ୍ଟ ୪ଜି ସାଇଟ୍, ଅନ୍ୟ ଟିଏସପି ମାଧ୍ୟମରେ ୪୭୨୩ ସାଇଟ୍ ଅନ୍ତର୍ଭୁକ୍ତ। ଏହା ଭାରତର ୨୬୭୦୭ ଦୂରଦୂରାନ୍ତ ଗ୍ରାମରେ ପ୍ରାୟ ୨ ମିଲିୟନ୍ ପରିବାରକୁ ମୋବାଇଲ୍ ସେବା ସୁବିଧା ପ୍ରଦାନ କରିବ।

ଓଡ଼ିଶାରେ ବିଏସଏନଏଲ୍ ୨୪୭୨ ଟି ଅପହଞ୍ଚ ଦୂରଦୂରାନ୍ତ ଗ୍ରାମକୁ ସେବା ପ୍ରଦାନ କରିବା ପାଇଁ ୧୬୬୫ ଟି ଟାୱାର ନିର୍ମାଣ କରିସାରିଛି। ଦୃଢ଼ ଆତ୍ମନିର୍ଭରଶୀଳତା ପାଇଁ ସମସ୍ତ ଟାୱାରଗୁଡ଼ିକୁ ସବୁଜ ନବୀକରଣୀୟ ସୌରଶକ୍ତି ପ୍ରଣାଳୀରେ ସଜ୍ଜିତ କରାଯାଉଛି। ସ୍ୱଦେଶୀ ୪ଜି ▶ପୃଷ୍ଠା-୭

### ପୁଣି ଭାରତକୁ ଟ୍ରମ୍ପ ଝଟ୍‌କା

# ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦ ପ୍ରତିଶତ ଟାରିଫ୍

**କିଚେନ୍ କ୍ୟାବିନେଟ୍‌ରେ ୫୦%, ଫର୍ଣ୍ଣିଚରରେ ୩୦%, ଭାରୀ ଟ୍ରକ୍ ଉପରେ ୩୦%**

**ଅକ୍ଟୋବର ପହିଲାରୁ ଲାଗୁ**



■ ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରକୁ ଆଉ ଏକ ଶୁଳ୍କ ବୋମା ଛାଡିଛନ୍ତି। ଏଥର, ଟ୍ରମ୍ପ ଔଷଧ, ଫର୍ଣ୍ଣିଚର ଏବଂ ରୋଷେଇ କ୍ୟାବିନେଟ୍ ଉତ୍ପାଦ ଉପରେ ଭାରୀ ଟାରିଫ୍ ଘୋଷଣା କରିଛନ୍ତି। ଫର୍ଣ୍ଣିଚର, ଔଷଧ ସାମଗ୍ରୀ, ରୋଷେଇ କ୍ୟାବିନେଟ୍ ଏବଂ ବିଦେଶରୁ ଆମଦାନି ହେଉଥିବା ଭାରୀ ଟ୍ରକ୍ ଉପରେ ସେ ଏହି ଶୁଳ୍କ ଲଗାଇଛନ୍ତି। ସେ ଭାରତରୁ ଆସୁଥିବା ବ୍ରାଣ୍ଡେଡ୍ ଔଷଧ ସାମଗ୍ରୀ ଉପରେ ଶତ ପ୍ରତିଶତ ଟାରିଫ୍ ▶ପୃଷ୍ଠା-୭

# ପ୍ରିୟାଂଶୁ ପାଲ୍ ଓସିଏସ୍ ଟପର୍

■ ଭୁବନେଶ୍ୱର/କଟକ, ୨୬।୯ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ୨୦୨୩ ପରୀକ୍ଷା ଫଳ ପ୍ରକାଶ ପାଇଛି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା

**୩୯୮ କୃତୀ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୪୪ ଝିଅ**



ପରିଚାଳିତ ଏହି ପରୀକ୍ଷାରେ ମୋଟ୍ ୩୯୮ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଚଳିତଥର ଝିଅଙ୍କ ତୁଳନାରେ ପୁଅମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୯ ଜଣ ପୁଅ ଥିବା ବେଳେ ଅନୁଗୋଳର ପ୍ରିୟାଂଶୁ ପାଲ ଟପର୍ ହୋଇଛନ୍ତି। ଶ୍ରେଷ୍ଠ ୧୦ରେ ଏକମାତ୍ର ମହିଳା ପ୍ରାର୍ଥୀ ଭାବେ ଅନନ୍ୟା ମିଶ୍ର ▶ପୃଷ୍ଠା-୭







## ଚାଷୀଙ୍କ ସରୁନି ଦୁଃଖ

# ମୁଣ୍ଡବିନ୍ଧା ବଢ଼ାଇଲେଣି କାଣ୍ଡବିନ୍ଧା ପୋକ

**ବିପଦରେ ହଜାର ହଜାର ହେକ୍ଟର ଧାନ ଚାଷ**

**ପୋକଙ୍କୁ ବଳ ଯୋଗାଉଛି ଲଘୁଚାପ ବର୍ଷା ପାଗ**



ଭୁବନେଶ୍ୱର,୨୬।୯ (ସମିସ): ଚଳିତ ବର୍ଷ ଖରିଫ୍ ଚାଷ ଆରମ୍ଭରୁ ଚାଷୀ ବିଭିନ୍ନ ଅସୁବିଧା ଦେଇ ଗତି କରୁଛି। ପ୍ରଥମେ ଧାନ ବିକ୍ରି ନେଇ ପଞ୍ଜୀକରଣରେ ସମସ୍ୟା ଭୋଗିଲେ। ପରବର୍ତ୍ତୀ ସମୟରେ ସାର ଅଭାବ ଚାଷୀଙ୍କ ନିଦ ହଜାଇ ଦେଇଛି। ଏବେ ଧାନ ଗଛରେ ପତ୍ରପୋଡ଼ା, ପତ୍ରମରା ଓ କାଣ୍ଡବିନ୍ଧା ରୋଗ ଚାଷୀଙ୍କ ମୁଣ୍ଡବିନ୍ଧା ବଢ଼ାଇ ଦେଇଛି। ଧାନ ଫସଲରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଚଳିତ ବର୍ଷ ଚାଷୋପଯୋଗୀ ବର୍ଷା ଓ ଅନ୍ୟାନ୍ୟ କାରଣ ଯୋଗୁଁ ଚାଷ କାର୍ଯ୍ୟ ଆଗେଇ ପାରିଥିବାରୁ ଭଲ ଅମଳ ଆଶା କରାଯାଉଛି। ମାତ୍ର ସପ୍ତାହ ହେବ ଧାନ ଗଛରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଶହ ଶହ ହେକ୍ଟର ଚାଷ ଜମିରେ ଧାନ ଚାଷ ନଷ୍ଟ ହୋଇଯିବାକୁ ବସିଲାଣି। ଏହାର ନିରାକରଣ ଦିଗରେ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉନି। ଚାଷୀ ଧାନ ଗଛରେ ରୋଗପୋକ ଦମନ ପାଇଁ ବଜାରରୁ ଅତି ଚଢ଼ା ଦରରେ କୀଟନାଶକ ଔଷଧ କିଣି ଖର୍ଚ୍ଚାନ୍ତ ହେବାକୁ ବାଧ ହେଉଛି। ଏହାସତ୍ତ୍ୱେ ବି କୀଟ ବଂଶ ନାଶ ନ ହେବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଅନୁକୂଳ ପାଗ ସ୍ଥିତି ଯୋଗୁଁ ଚଳିତ ବର୍ଷ ଧାନ ଚାଷ ସୁରୁଖୁରୁରେ ଆରମ୍ଭ ହୋଇଥିଲା। ଏବେ ଧାନ ଗଛରେ ଭଲ ପିଲ ମାରିଥିଲେ ହେଁ କାଣ୍ଡବିନ୍ଧା ପୋକଙ୍କ ଯୋଗୁଁ ଗଛ ମରିଯାଉଛି। ରୋଗପୋକ ଦମନ ପାଇଁ କୀଟନାଶକ ଔଷଧ ସିଞ୍ଚନ କରୁଥିଲେ ମଧ୍ୟ ରୋଗ ପୋକ ଦମନ ହୋଇପାରୁ ନ ଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ଉପକୂଳ ଓଡ଼ିଶାରେ ପ୍ରାୟ ଏକ ସପ୍ତାହ ଧରି କ୍ରମାଗତ ଲଗାଣ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗିରହିଛି। ଏଥିଯୋଗୁଁ ଧାନ ବିଲରେ ବିଭିନ୍ନ ରୋଗପୋକ ଦେଖାଦେଇଛି। ବେଉଷଣ ପରେ ବଢୁଥିବା ଧାନ ଗଛକୁ ଏବେ ପାଣି ସହିତ ଖରାର ଆବଶ୍ୟକତା ରହିଛି। ହେଲେ ନିୟମିତ ବର୍ଷା ଯୋଗୁଁ ଚାଷ ଜମିରେ ଏବେ ଜଳ ସଙ୍କଟ ନ ଥିଲେ ହେଁ ନରମ ପାଣିପାଗ ଧାନ ଗଛକୁ ରୋଗ ପୋକ କବଳିତ କରିଛି। ଧାନ ଗଛର କଅଁଳିଆ ପତ୍ର ଏବଂ କାଣ୍ଡରେ ଏବେ କାଣ୍ଡବିନ୍ଧା ପୋକ, ଗୁଣ୍ଡି ପୋକ ଏବଂ ପତ୍ର ଝାଉଁଳା ରୋଗ ଦେଖାଦେଇଛି। ଅନ୍ୟପଟରେ ଲଘୁଚାପଜନିତ ତୁହାକୁ ତୁହା ବର୍ଷା ଲାଗି ରହିଥିବା ଯୋଗୁଁ ଧାନ ଗଛରେ ବିଷ ସିଞ୍ଚନ କଲେ ମଧ୍ୟ ତାହା ବର୍ଷା ପାଣିରେ ଧୋଇଯାଉଛି। ଫଳରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବିଲରେ ବିଷ ଦେଲେ ମଧ୍ୟ ତାହା କାମ ଦେଉନି। ଏହିଭଳି ପାଗ ଆଉ କିଛିଦିନ ଲାଗି ରହିଲେ, ପରସ୍ଥିତି ଅସମ୍ଭାଳ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

କୃଷି ବିଶେଷଜ୍ଞଙ୍କ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ପୂର୍ବଭଳି ଏବେ ଆଉ ଜମିରେ ଜୈବିକ ଖତ ଦିଆଯାଉନି। ବେଳକୁ ବେଳ ଜମିର ଉର୍ବରତା ହ୍ରାସ ପାଉଛି। ଏଣୁ ଏକାଧିକ କିସମର ସାର ଓ ରସାୟନର ଆବଶ୍ୟକତା ଦେଖାଦେଉଛି। କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଏ ବାବଦରେ ବାରମ୍ବାର ସଚେତନ କରାଇବା ଜରୁରୀ ବୋଲି ସେ କହିଛନ୍ତି।

# ରାଜ୍ୟରେ 'ଏସ୍‌ଆଇଆର୍' ପାଇଁ ତତ୍ପରତା



**ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲାପାଳଙ୍କ ସହ ସିଇଓଙ୍କ ଆଲୋଚନା**

**ବିଏଲ୍‌ଓଙ୍କୁ ପୂର୍ଣ୍ଣ ସହଯୋଗ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ**

ଭୁବନେଶ୍ୱର,୨୬।୯ (ସମିସ): ରାଜ୍ୟରେ ବିଶେଷ ସଘନ ସଂଶୋଧନ (ଏସ୍‌ଆଇଆର୍), ୨୦୨୬କୁ ନେଇ ତତ୍ପରତା ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆରଏସ ଗୋପାଳନଙ୍କ ରାଜ୍ୟର ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ସହିତ ଆଭାସୀ ମାଧ୍ୟମରେ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନର ବର୍ତ୍ତମାନର ସ୍ଥିତି ଏବଂ ବିଶେଷ ସଘନ ସଂଶୋଧନର ସୁଗମ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଛି।

ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ସମସ୍ତ ସ୍ତରରେ ନିର୍ବାଚନ ଆୟୋଗ ଦ୍ୱାରା ନିୟମିତ ଭାବରେ ଦିଆଯାଉଥିବା ନିର୍ଦ୍ଦେଶନାମାର ସମୟୋଚିତ ଅନୁପାଳନ ଏବଂ ଅନ୍ୟାନ୍ୟ ପ୍ରସ୍ତୁତିର କ୍ରିୟାଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ନିର୍ବାଚନ ଅଧିକାରୀ ମାନଙ୍କୁ ଅଧିକ କ୍ରିୟାଶୀଳ ହେବାକୁ କହିଛନ୍ତି। ଏହାସହିତ ଏହି ସଂଶୋଧନ ପ୍ରକ୍ରିୟା ଚାଲୁଥିବା ଓ ଅନ୍ୟାନ୍ୟ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟତଃ ୨୦୦୨ ଏବଂ ୨୦୨୫ ନିର୍ବାଚନ ତାଲିକା ମଧ୍ୟରେ ତୁଳନାତ୍ମକ ସ୍ଥିତି ଏବଂ ସାରାଂଶ ରିପୋର୍ଟ ଦାଖଲ କରାଯିବା ଉପରେ ଆଲୋଚନା ହୋଇଥିବା ବେଳେ ଏସ୍‌ଆଇଆର୍ ସୂଚୀ ଘୋଷଣା ପରେ ତୁରନ୍ତ ପରିଗଣନା ଫର୍ମ ମୁଦ୍ରଣ ଏବଂ ସେଗୁଡ଼ିକର ବୁଥ୍ ସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଜନା ପ୍ରସ୍ତୁତ କରିବା ଉପରେ ମଧ୍ୟ ଆଲୋଚନା ହୋଇଛି।

ଏହାସହିତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ଦ୍ୱାରା ନିର୍ବାଚନ କାର୍ଯ୍ୟକଳାପ ସହ ଜଡ଼ିତ ଖାଲି ପଦବୀ ପୂରଣ କରିବା ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏ ସମ୍ପର୍କିତ ଆବଶ୍ୟକୀୟ ସାମଗ୍ରୀର ପରିବହନ ଏବଂ ମାନବସମ୍ବଳ ସହାୟତାରେ ସ୍ଥିରୀକୃତ ସ୍ଥାନରେ ପରିଗଣନା ଫର୍ମ ଅପ୍‌ଲୋଡ୍ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ସହଯୋଗ ଉପରେ ମଧ୍ୟ ଆଲୋଚନା ହୋଇଛି।

## ଅକ୍ଟୋବର ୧୩ରେ ଦିଲ୍ଲୀ ମହାନଦୀ ସଂସଦ

# ଯୋଗଦେବେ ଓଡ଼ିଶା, ଛତିଶଗଡ଼ ଓ ଜାତୀୟ ନଦୀ ଅଧିକାର କର୍ମୀ

**ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ହେବ ଆଲୋଚନା**

**ଆଡ୍‌ଭୋକେଟ ଜେନେରାଲଙ୍କ ମନ୍ତବ୍ୟକୁ ନାପସନ୍ଦ**

ଭୁବନେଶ୍ୱର,୨୬।୯ (ସମିସ): ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦିଲ୍ଲୀର ସମ୍ବିଧାନ କ୍ଲବରେ ଆସନ୍ତା ଅକ୍ଟୋବର ୧୩ ରେ ମହାନଦୀ ସଂସଦ ବସିବ। ଏଥିରେ ଓଡ଼ିଶା, ଛତିଶଗଡ଼ରୁ ପ୍ରତିନିଧି ମାନଙ୍କ ସହିତ ଦେଶର ବିଭିନ୍ନ ନଦୀର ସୁରକ୍ଷା ନେଇ କାର୍ଯ୍ୟରତ ନେତୃତ୍ୱ ତଥା ନଦୀ ବେଶଷଜ୍ଞ ମାନେ ଯୋଗଦେବେ। ଏହାସହିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତା ମାନଙ୍କୁ ମଧ୍ୟ ଯୋଗ ଦେବାକୁ ନିବେଦନ କରାଯିବ ବୋଲି ଏକ ପ୍ରେସ ଇସ୍ତାହାରରେ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି।

ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ସମ୍ପ୍ରତି କେନ୍ଦ୍ର ଓ ଦୁଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ଏହାକୁ ସ୍ୱାଗତ କରିବା ସହିତ କେବଳ ସରକାରୀ ବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ଏହାକୁ ସୀମାବଦ୍ଧ ନ କରି ଏହାର ବେଶିନ୍ ସହିତ ଜଡିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀ, ସାମାଜିକ ସଂଗଠନ, ରାଜନୈତିକ ଦଳ ଓ ବିଶେଷଜ୍ଞ ମାନଙ୍କୁ ମଧ୍ୟ ଯୋଡ଼ିବାକୁ କୁହାଯାଇଛି। ତେଣୁ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ମହାନଦୀ ସଂସଦରେ ଆପୋଷ ସମାଧାନର ବିଭିନ୍ନ ଦିଗ ବିଷୟରେ ଆଲୋଚନା ହେବ ଓ ଏହାର ସୁପାରିଶ ଗୁଡ଼ିକୁ କେନ୍ଦ୍ର ଓ ଉଭୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଅନ୍ୟପଟେ ଓଡ଼ିଶା ଆଡଭୋକେଟ ଜେନେରାଲ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ "ମହାନଦୀ ଜଳ ବିବାଦ ଏକ କୃତ୍ରିମ ବିବାଦ' ବୋଲି କହିଛନ୍ତି। ଏହି ବକ୍ତବ୍ୟ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ପ୍ରକ୍ରିୟାର ପରିପନ୍ଥୀ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ କହିଛି। ବିବାଦ ଯଦି ନାହିଁ, ଆପୋଷ ସମାଧାନର ଆବଶ୍ୟକତା କଣ ରହିଛି ବୋଲି ଏଠାରେ ପ୍ରଶ୍ନ କରାଯାଇଛି। 'ଜଳ ବିବାଦ ଟ୍ରିବୁନାଲ ହେଉଛି ଓକିଲ ପୋଷିବା ସଂସ୍ଥା' ବୋଲି ମଧ୍ୟ ଆଡଭୋକେଟ ଜେନେରାଲ କହିଛନ୍ତି। ଏକ ସାମ୍ବିଧାନିକ ପଦବୀରେ ରହି ଦେଶର ସମ୍ବିଧାନରେ ଆନ୍ତଃ ରାଜ୍ୟ ନଦୀ ଜଳ ବିବାଦର ସମାଧାନ ପାଇଁ ଏକ ଆଇନ ବ୍ୟବସ୍ଥାକୁ ଏଭଳି ତାଚ୍ଛଲ୍ୟ କରିବା କେତେ ଯୁକ୍ତି ଯୁକ୍ତ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପ୍ରଶ୍ନ ଉଠାଇଛି।

# ନକଲି ବିଦେଶୀ ମଦ କାରଖାନା ଠାବ; ୨ ଅଟକ

ଅନୁଗୋଳ, ୨୬।୯ (ସମିସ): ଅନୁଗୋଳ ଥାନା ଶିକ୍ଷକପଡ଼ାରୁ ଶୁକ୍ରବାର ଏକ ନକଲି ବିଦେଶୀ ମଦ କାରଖାନା ଠାବ ହୋଇଛି। ସେଠାରୁ ବିପୁଳ ପରିମାଣର ନକଲି ମଦ ଜବତ କରାଯିବା ସହ ଦୁଇଜଣଙ୍କୁ ଅଟକ ରଖାଯାଇଛି। ଅପରାଧ ନିୟନ୍ତ୍ରଣ ପାଇଁ ଅନୁଗୋଳ ଜିଲ୍ଲାରେ ଅପରେସନ 'ପ୍ରହାର' ଚାଲିଛି। ଏହି ଅପରେସନ ବେଳେ ଅନୁଗୋଳ ସ୍ୱତନ୍ତ୍ର ସ୍କ୍ୱାଡ୍ ଶିକ୍ଷକପଡ଼ାରେ ଏକ ଭଡ଼ାଘରେ ନକଲି ମଦ କାରଖାନା ଚାଲିଥିବା ଖବର ପାଇଥିଲା। ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ଅନୁଗୋଳ ଟାଉନ ଥାନା ପୁଲିସ ସେଠାରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୪୦୦ ଲିଟରରୁ ଅଧିକ ନକଲି ମଦ, ୧୫ବସ୍ତା ଠିପି, ୨୦ଜାରକିନ ସ୍ପିରିଟ୍, ବିପୁଳ ପରିମାଣର ଲେବେଲ୍ ଜବତ କରାଯାଇଛି।

## ୮ ମାସରେ ଏସ୍‌ସିବିରେ ଓପନହାର୍ଟ ସର୍ଜରୀ କରିଥିବା ୨୬ଜଣଙ୍କ ମୃତ୍ୟୁ

# ସମୀକ୍ଷା କରି ସ୍ଥିତି ସୁଧାର: ହାଇକୋର୍ଟ

କଟକ, ୨୬।୯ (ସମିସ): ଗତ ୮ମାସ ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥୋରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ-ହାର୍ଟ ସର୍ଜରୀ କ୍ଷେତ୍ରରେ ୨୬ଜଣଙ୍କ ମୃତ୍ୟୁ ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରୁଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଏହି ପ୍ରସଙ୍ଗରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲ ଅଧୀକ୍ଷକଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ତେବେ ମୃତ୍ୟୁ ସମ୍ପର୍କିତ କାରଣ ଦର୍ଶାଯାଇ ନଥିବାରୁ ଏହାକୁ ସମୀକ୍ଷା କରିବା ସହ ସ୍ଥିତି ସୁଧାରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତି ୩ ଜଣରେ ଜଣେ ରୋଗୀଙ୍କ ମୃତ୍ୟୁ ନେଇ ଅଦାଲତ ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ମେଡିକାଲରେ ଥିବା ମୃତ୍ୟୁ ସମୀକ୍ଷା ବୋର୍ଡ ରିପୋର୍ଟ ଉପସ୍ଥାପନ କରାଯାଇଥିଲେ ହେଁ ମୃତ୍ୟୁର କାରଣ କିଛି ଉଲ୍ଲେଖ କରାଯାଇନଥିବାରୁ ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କିତ ତଥ୍ୟ ରଖିବାକୁ କହିଛନ୍ତି ଖଣ୍ଡପୀଠ।

୨୦୨୩ ମସିହାରେ ଓପନ ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି, ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ରେ ମାତ୍ର ୮୫ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ ହାର୍ଟସର୍ଜରୀ ପରେ ମୃତ୍ୟୁ ଘଟିଥିଲା ବୋଲି ପୂର୍ବ ସତ୍ୟପାଠରେ କୁହାଯାଇଥିଲା। ତେବେ ଏସ୍‌ସିବିରୁ ଓପନହାର୍ଟ ସର୍ଜରୀ କରି ଡିସ୍‌ଚାର୍ଜ ହୋଇଯାଇଥିବା କେତେ ରୋଗୀଙ୍କ ମୃତ୍ୟୁ ହୋଇଛି, ସେ ସମ୍ପର୍କିତ ତଥ୍ୟ ଆଜି ଅଦାଲତରେ ଉପସ୍ଥାପନ କରାଯାଇଥିଲା।

# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ

ସମ୍ବଲପୁର, ୨୬।୯ (ସମିସ): ସମ୍ବଲପୁର ପ୍ରଥମ ଅତିରିକ୍ତ ସେସନ୍ସଜଜ୍ ଶିବପ୍ରସାଦ ମିଶ୍ର ଆଜି ୨୦୧୭ମସିହାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ଗଗନ ମାଝି(୬୩)କୁ ଆଜୀବନ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ୨୭ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ୨୦୧୭ ଜୁନ୍ ୧୨ରେ ଠେଲକୋଲୋଇ ଥାନା ଅଧୀନ ଡେର୍ବା ନାରୁପଡ଼ା ଗ୍ରାମରେ ଏହି ଆପରାଧିକ କାଣ୍ଡ ଘଟିଥିଲା। ପୂର୍ବ ବିବାଦକୁ କେନ୍ଦ୍ର କରି ଗଗନ ସେହି ଗ୍ରାମର ମହେନ୍ଦ୍ର ମାଝିଙ୍କୁ ହତ୍ୟା କରିଥିଲା। ସଂଧ୍ୟାରେ ମହେନ୍ଦ୍ର ଘର ସାମ୍ନାରେ ଛିଡ଼ା ହୋଇଥିବାବେଳେ ଗଗନ ଏକ ଟାଙ୍ଗିଆରେ ତାଙ୍କ ବେକକୁ ଚୋଟ ପକାଇଥିଲା। ଘଟଣାସ୍ଥଳରେ ହିଁ ମହେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ମହେନ୍ଦ୍ରଙ୍କ ସ୍ତ୍ରୀ ସରୋଜିନୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୁଲିସ ଅଭିଯୁକ୍ତ ଗଗନକୁ ଗିରଫ କରିଥିଲା।

# ୨୭ରୁ ହାଇକୋର୍ଟର ଶାରଦୀୟ ପୂଜା ଅବକାଶ

କଟକ, ୨୬।୯ (ସମିସ): ଆସନ୍ତା ୨୭ ତାରିଖଠାରୁ ଓଡ଼ିଶା ହାଇକୋର୍ଟର ଶାରଦୀୟ ଦୁର୍ଗାପୂଜା ଅବକାଶ ଆରମ୍ଭ ହେଉଛି। ଅକ୍ଟୋବର ୭ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ଛୁଟି ରହିବ। ଜରୁରୀ ମାମଲା ଥିଲେ, ଏହା ଅବକାଶକାଳୀନ ଖଣ୍ଡପୀଠରେ ଶୁଣାଣି ହେବ। ଏହି ସମୟରେ ଆସନ୍ତା ସେପ୍ଟେମ୍ବର ୨୯ ତାରିଖ, ଅକ୍ଟୋବର ୧ ଓ ୬ ତାରିଖ ଦିନ ଅବକାଶକାଳୀନ ଖଣ୍ଡପୀଠ ଜରୁରୀ ମାମଲାର ଶୁଣାଣି କରିବେ। ସେପ୍ଟେମ୍ବର ୨୯ରେ ଜଷ୍ଟିସ ଭି. ନରସିଂହ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଦୁଇଜଣିଆ ଖଣ୍ଡପୀଠ ସହ ଏହି ଦୁଇ ବିଚାରପତିଙ୍କ ଜଣକିଆ ପୀଠ ଓ ଜଷ୍ଟିସ ଚିତ୍ତରଂଜନ ଦାଶ ମାମଲାର ଶୁଣାଣି କରିବେ।

ସେହିଭଳି ଅକ୍ଟୋବର ୧ରେ ଜଷ୍ଟିସ ଭି.ନରସିଂହ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ସହ ଏମାନଙ୍କ ଜଣକିଆ ପୀଠ, ଅକ୍ଟୋବର ୬ରେ ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଓ ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କ ଦୁଇଜଣିଆ ଖଣ୍ଡପୀଠ ସହ ଜଣକିଆ ପୀଠଙ୍କ ଅବକାଶକାଳୀନ ଅଦାଲତରେ ମାମଲା ଶୁଣାଣି କରାଯିବ। ଆସନ୍ତା ଅକ୍ଟୋବର ୮ ରେ ହାଇକୋର୍ଟ ଖୋଲିବ କିନ୍ତୁ ପୂଜା ଅବକାଶ ସମୟରେ ସେପ୍ଟେମ୍ବର ୨୯, ଅକ୍ଟୋବର ୧, ୪, ୬ ଓ ୭ ତାରିଖରେ ହାଇକୋର୍ଟ କାର୍ଯ୍ୟାଳୟ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖୋଲା ରହିବ। କାର୍ଯ୍ୟଦିବସରେ ଦିନ ୧୧ଟାରୁ ୧୨ଟା ମଧ୍ୟରେ ଜରୁରୀ ଆବେଦନ ଦାଖଲ କରାଯାଇପାରିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

## ଆରମ୍ଭ ହେଲା 'ଆମ ସାଥୀ'

# ହ୍ୱାଟସ୍‌ଆପ୍‌ରେ ମିଳିବ ୧୨୦ ପ୍ରକାର ସେବା



ଭୁବନେଶ୍ୱର,୨୬।୯ (ସମିସ): ରାଜ୍ୟରେ ଆରମ୍ଭ ହୋଇଛି "ଆମ ସାଥୀ' ନାମକ ଏକୀକୃତ ହ୍ୱାଟ୍‌ସଆପ୍ ସେବା। ଏହି ହ୍ୱାଟ୍‌ସଆପ୍ ମାଧ୍ୟମରେ ରାଜ୍ୟବାସୀ ୧୨୦ ପ୍ରକାର ନାଗରିକ ସେବା ପାଇପାରିବେ। ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଶୁକ୍ରବାର ଏହି ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟା କମ୍ପାନୀ 'ମେଟା' ସହିତ ସହଭାଗିତାରେ ଓଡ଼ିଶା ସରକାର ଏହି ବ୍ୟବସ୍ଥା ଆରମ୍ଭ କରିଥିବା ବେଳେ ଏଭଳି ସେବା ପ୍ରଦାନ କରିବାରେ ଓଡ଼ିଶା ଦେଶର ଦ୍ୱିତୀୟ ରାଜ୍ୟ ହୋଇଛି।

ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏହା ମାଧ୍ୟମରେ ନାଗରିକମାନେ ଜନ୍ମ ଏବଂ ଆୟ ପ୍ରମାଣପତ୍ର ପାଇବା, ଡ୍ରାଇଭିଙ୍ଗ ଏବଂ ସାର ଲାଇସେନ୍ସ ପାଇଁ ଆବେଦନ ସହିତ "ଜାତୀୟ ପରିବାର କଲ୍ୟାଣ ଯୋଜନା' ପରି ସୁବିଧା , ସବୁକିଛି ଏକୀକୃତ ହ୍ୱାଟ୍‌ସ୍‌ଆପ୍ ନମ୍ବର ମାଧ୍ୟମରେ ପାଇପାରିବେ। ଏହା ସହିତ ଆଜି ଓଡ଼ିଶା ଲୋକ ସେବା ଅଧିକାର ଅଧିନିୟମର କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥା ୨.୦(ସିଏମଏସ)କୁ ମଧ୍ୟ ଆରମ୍ଭ କରାଯାଇଛି। "ଆମସାଥୀ' ସହାୟକ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍ ନମ୍ବର ୯୪୩୭୨୯୨୦୦୦ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପଲବ୍ଧ ହେବ। କଣ୍ଠସ୍ୱର (ଭଏସ୍) ମାଧ୍ୟମରେ ମଧ୍ୟ ଏଥିରେ ସେବା ପ୍ରଦାନ କରାଯାଇପାରିବ। ଏହା ମାଧ୍ୟମରେ ଲୋକମାନେ ସୁବିଧାରେ ଅଭିଯୋଗ ଦାଖଲ କରିବା ସହିତ ତାହାର ସ୍ଥିତି ଅନୁସରଣ କରିପାରିବେ। ଏହି ବ୍ୟବସ୍ଥା ମାଧ୍ୟମରେ ମଧ୍ୟ ଓଡ଼ିଶାର ନାଗରିକମାନେ ପୁଲିସ୍ ସହିତ ସଂଯୁକ୍ତ ସେବା, ଜମିର ରେକର୍ଡ ଏବଂ ରାଜସ୍ୱ ସମ୍ବନ୍ଧୀୟ ସୂଚନା ଯାଞ୍ଚ କରିବା ସହିତ ଆବଶ୍ୟକ ସହାୟତା ସୁବିଧାରେ ଉପଲବ୍ଧ କରିପାରିବେ। ପ୍ରୋତ୍ସାହନ ଯୋଜନାଗୁଡ଼ିକ ଯଥା ଜାତୀୟ ପରିବାର ଲାଭ ଯୋଜନା, ଆନ୍ତଃ-ଜାତି ବିବାହ ସହାୟତା ଇତ୍ୟାଦି ସହାୟତା ସହଜରେ ଉପଲବ୍ଧ ହେବ। ଆଗାମୀ କିଛି ମାସରେ ଏହି ସହାୟତା ୫୦୦ରୁ ଅଧିକ ସେବା ପ୍ରଦାନ ପାଇଁ ଯୋଡ଼ାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ କହିଛନ୍ତି ଯେ ଓଡ଼ିଶା ସରକାର ସାର୍ବଜନୀନ ସେବାକୁ ସହଜ, ସୁନିଶ୍ଚିତ ଭାବେ ପ୍ରଦାନ କରିବାକୁ ପ୍ରତିବଦ୍ଧ। ସୁବିଧାରେ ସେବା ପାଇପାରୁ ନ ଥିବା ପ୍ରତ୍ୟେକ ନାଗରିକକୁ ଏହି ବ୍ୟବସ୍ଥା ସହଜରେ ସେବା ପାଇବାର ଅନୁଭୂତି ଆଣି ଦେବ। ମେଟା ସହ ସହଭାଗିତାରେ "ଆମସାଥୀ'ର ଶୁଭାରମ୍ଭ, ଓଡ଼ିଶା ଶାସନର ପ୍ରକୃତ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କରିବାରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ 'ମେଟା'ର ଭାରତ ପରିଚାଳନା ନିର୍ଦ୍ଦେଶକ ତଥା ଦେଶ ମୁଖ୍ୟ ଅରୁଣ ଶ୍ରୀନିବାସ କହିଲେ ଯେ ମେଟା ସହ ଓଡ଼ିଶା ସରକାରଙ୍କ "ଆମ ସାଥୀ' ଶୁଭାରମ୍ଭରେ ସହଭାଗିତା ହେବା ପାଇଁ ଆମେ ଗର୍ବିତ। ଏହି ବ୍ୟବସ୍ଥା ହ୍ୱାଟ୍‌ସଆପ୍ ଶକ୍ତିକୁ ଉପଯୋଗ କରି ନାଗରିକମାନଙ୍କ ପାଇଁ ସାର୍ବଜନୀନ ସେବାଗୁଡ଼ିକୁ ସହଜ ଓ ସୁଲଭ କରିବ।





ଶ୍ରଦ୍ଧାଞ୍ଜଳି ଜାତୀୟ ଚୟନକର୍ତ୍ତା

▶ପୃଷ୍ଠା ୧୨


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-94 •SATURDAY •27 SEPTEMBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୯୪ •ଶନିବାର •୨୭ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



Congratulations

OCS 2023 SELECTIONS

VANIK

VANIK-IAS

Under the Guidance of
Subrat Chhatoi
Founder (Vanik Group)

RANK 3 SOVAN PATTANAIK

RANK 8 MOHAMMAD NAZIF HATIF

2 IN TOP 10

TOTAL SELECTION TILL NOW 159 OUT OF 398

40% Selections

12 SWARUPINI PATNAIK · 14 SNEHA DAS MOHAPATRA · 15 ASHUTOSH SATPATHY · 16 DEEPSITA BEHERA · 18 ASEEMA ANWESHA · 25 AKASH NAYAK · 27 PRASANNAJIT PANDA · 30 GOUTAM PRADHAN · 31 MRUTYUNJAYA ROUL · 32 SOUMYA STHITA PRAGYAN · 33 MANISHA NAYAK · 34 SHASWATEE PATTANAIK · 35 SOURAV MITTAL

37 SAI RAMAN PATRA · 39 SONALI TRIPATHY · 40 BUBUN SAHOO · 41 JYOTIPRAKASH SAMAL · 42 PUSPITA TRIPATHY · 44 SRIKUMAR PRADHAN · 45 NIPUN KUMAR PUROHIT · 47 BHAGYASHREE SWAIN · 48 MOHIT MOHAPATRA · 49 JYOTIRMAYEE SWAIN · 51 MIHIKA DAS · 53 SIDHANT MISHRA · 55 AHALYA ROUTARAY · 61 SUBHASHREE JENA · 68 TARINI PRASAD DASH · 71 MOHIT BISWAL · 72 MONALISHA ROUT

74 LIPIKANT SAHOO · 82 DEBABRAT SAHU · 85 ROJALIN JENA · 86 ANSHUMAN SAHU · 87 T. NARASINGHA PATRO · 88 KHARAVEL PRADHAN · 90 PRIYANKA NAYAK · 93 MONALISA SAHU · 97 KUMAR SATYAJEET · 99 TARINI PRASAD GOCHHAYAT · 100 B. AVINASH · 104 AKSHYA KU. PATEL · 109 PRATYUSH KU. MOHAPATRA · 113 RAJESH KU. MOHAPATRA · 116 ASHIS KU. SAHU · 118 BAISAKHI DASH · 121 ANWESH MISHRA

122 MANAS PARIDA · 124 ARCHANA SARANGI · 125 SWASTIRANJAN SAHOO · 131 PRAGATI SATPATHY · 139 SATYAJIT RAIGURU · 141 BISWAJIT BEHERA · 146 SUDHIRANJAN D. DASH · 147 PUSPANJALI SAHOO · 151 SHASHANKA S. SAMAL · 152 SAHIL KUMAR PATRA · 153 ABHIJIT J. PRADHAN · 154 SOUMYA R. SAHOO · 155 AKASH U. ACHARYA · 156 SAMYAK S. MOHAPATRA · 157 POOJA SAMAL · 158 NIRAKAR SAHU · 161 CHINMAY K. PANDA

166 SAAJAN KU. SAHA · 167 BISWAJIT RANA · 170 MITALI PATTANAIK · 173 ASHUTOSH SAHU · 174 ARICHISA NAYAK · 175 SONALI SAHOO · 180 BYOMAKESH SATAPATHY · 181 JAGABANDHU MEHER · 192 SARMISTHA PRIYADARSHINI · 195 KALU RAUTA · 197 ABHIGNA KHUNTIA · 202 AISHWARYA PANDA · 204 ASHUTOSH SAHOO · 207 MURALIDHAR PAKAL · 209 RAJENDRA KU. OJHA · 212 NIKHIL AGRAWAL · 220 SARTHAK KU. MAHAPATRA

222 RAKHI BISWAL · 230 SONALI Y. DALAI · 233 RUPAK KUMAR SAHU · 235 SASWAT SOUMYAKANT · 242 BHABANI S. BEJ · 243 JAGANNATH SHA · 244 SATAROOPA SAHU · 245 SHUBHADARSHAN BISWAL · 248 ROJALIN MAJHI · 252 JATIN KUMAR BADI · 254 HEMRAJ KUMBHAR · 259 SOUMYA R. SETHI · 261 KALYANI GARDIA · 266 CHANDAN DAS · 268 YAGNASENI SETHI · 275 ALIBHA BEHERA · 282 BISHAL MAHANANDA

288 SUSHRI SANGITA · 298 PRITAM S. P. BEHERA · 299 SIPSARANI BEHERA · 303 ABINASH TRIPATHY · 306 BISWAJIT SINGH · 309 SOURABH BAG · 326 VISHAL DEV JANI · 329 MANASH KUMAR SOREN · 335 SMRUTI SIKHA BHOI · 342 SELINA P. NAIK · 346 BISHAL RANJAN BHOI · 352 PARBATI MARNDI · 370 RASHMI RANJAN PUJARI · 373 MANAS BHOI · 374 SATYANARAYAN BHOI · 382 NIKITA PATRO · 391 JITESH PANDA

Admission Open for

IAS/OAS
(GENERAL STUDIES) Time : 10.30am-1.30pm
Starts from 16th October 2025
EXPERT FACULTIES FROM NEW DELHI

EXCLUSIVE OAS-2025
(Prelims & Mains)
New Batch Starts from 29th Sept' 2025
BERHAMPUR-Time : 7.00am-10.00am
CUTTACK-Time : 9.30am-1.45pm
BALASORE-Time : 9.30am-1.45pm
JEYPORE- Time : 5.00pm-8.00pm
ONLINE LIVE BATCH
Starts from 16th October 2025 | Time : 5.30pm-8.30pm

OPTIONAL SUBJECTS
- Geography-Starts from 23rd October 2025
- Public Administration-Starts from 29th September 2025
- Political Science-Starts from 23rd October 2025
- Sociology-Starts from 23rd October 2025
- Home Science-Starts from 23rd October 2025
- Odia-Starts from 27th September 2025

MENTORS OF VANIK-IAS
- Sunil Gupta – Gov. & Social Issues, Public Administration
- Mansiz Sharma – General Science & Technology
- Naman Jain – Indian Economics
- Jai Prakash Rou – Internal Security
- Pramod Padhi – Odisha Economy, Current Af fairs
- Abhaya Thakur – World & Indian History, International Relations
- Vinay Tripathi – Environment & Ecology
- B.M. Panda – Geography & Disaster Management
- Saroj Samal – Sociology, Social Issue, Ethics
- Shantanu Roy – History, Polity

DURGA PUJA OFFER
20% Discount on all Courses of VANIK-IAS
Offer Valid till 02nd Oct' 2025

Contact : 8093083555, 8984111101

www.vanikias.com · vaniksias@gmail.com · www.facebook.com/vanikias

Bhubaneswar (CRP): Plot-1441, Opp. IOCL Petrol Pump, CRP Square, Bhubaneswar 8093083555, 8984111101

Cuttack: Near Yamaha Showroom, Link Road, Cuttack 8984556677, 9040656677

Berhampur: OSRTC Depo, Infornt of SBR Women's College, Near Khalikot College 7992556677, 8018036677

Balasore: Gadagadia Chowk Near Sanjay Heights-756001 8093136677, 8093146677

Jeypore: JCN Heights, Above Patra Electronics, Labour Office Chhak, Dhepaguda 7205556677

### ମିଥ୍ୟା ଅଭିଯୋଗରୁ ମାମଲା

# ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ,୨୬।୯ (ସମିସ):



ଗଣତାନ୍ତ୍ରିକ ପଦ୍ଧତିରେ ନିଜ ଅଧିକାର ସାବ୍ୟସ୍ତ କରୁଥିବା ଶହ ଶହ ନୀରିହ ଆଦିବାସୀଙ୍କ ବିରୁଦ୍ଧରେ କେତେକ ଘରୋଇ କମ୍ପାନୀ ପ୍ରରୋଚନାରେ ପୁଲିସ ମିଥ୍ୟା ଆରୋପ ଲଗାଇ ମକଦ୍ଦମା ରୁଜୁ କରିବା ଘଟଣାକୁ ବିରୋଧ କରି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ କୋରାପୁଟ ଜିଲ୍ଲାରେ ଏସିଆର ବୃହତ୍ତମ ଆଲୁମିନିଅମ ଶିଳ୍ପ ନାଲକୋ ରହିଛି କିନ୍ତୁ ଆଶାତୀତ ଭାବେ ସ୍ଥାନୀୟ ଅଞ୍ଚଳର ବିକାଶ ହେଉ ନାହିଁ କିମ୍ବା ନିଯୁକ୍ତି ମିଳୁନି। ବର୍ତ୍ତମାନ ନାଲକୋ ପାଇଁ ଆବଶ୍ୟକ ବକ୍ସାଇଟ ସେରୁବନ୍ଧ ଓ ମାଳି ପର୍ବତରୁ ଉତ୍ତୋଳନ ପାଇଁ ରାଜ୍ୟ ସରକାର କିଛି ଘରୋଇ କମ୍ପାନୀକୁ ଅନୁମତି ଦେଇଛନ୍ତି। ସେହିପରି ନନ୍ଦପୁର ବ୍ଲକ ବାଲଡା ସ୍ଥିତ ନାଗେଶ୍ୱରି ପାହାଡ଼ରୁ ବକ୍ସାଇଟ ଖନନ ପାଇଁ ଆଦାନୀ କମ୍ପାନୀକୁ ଦିଆଯାଇଛି। ଯାହାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରୁଛନ୍ତି। କୋରାପୁଟ ବ୍ଲକ ସୁକୁ ନିକଟ ଚାଇନା ମାଟି ଖୋଲାକୁ ମଧ୍ୟ ଲୋକେ ବିରୋଧ କରୁଛନ୍ତି। ଲୋକେ ନିଜ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଖଣିଜ ସମ୍ପଦର ସୁରକ୍ଷା ନିମନ୍ତେ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିବାଦ କରିବା ସହ ଜନଶୁଣାଣି କାର୍ଯ୍ୟକ୍ରମରେ ମଧ୍ୟ ବିରୋଧ କରିଥିଲେ। ମାଳି ପର୍ବତ ସୁରକ୍ଷା ସମିତି, ସେରୁବନ୍ଧ ସୁରକ୍ଷା ସମିତି, ହାଲ ବିସ୍ଥାପିତ ସଂଘ, ବାଲଡା ମା' ନାଗେଶ୍ୱରି ସୁରକ୍ଷା ସଂଘ, ଚାଇନା ମାଟି ସଂଘ ପ୍ରତିବାଦର ନେତୃତ୍ୱ ନେଉଥିବାରୁ ଉପରୋକ୍ତ କମ୍ପାନୀ ମାନଙ୍କ ପ୍ରରୋଚନାରେ ପୁଲିସ ନିରୀହ ଆଦିବାସୀଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ୧୨୯ରେ ମାମଲା ରୁଜୁ କରି ହଇରାଣ କରୁଛି। ଫଳରେ ଶାନ୍ତ ସରଳ ଆଦିବାସୀ ପ୍ରତିକ୍ରିୟାଶୀଳ ହେବାକୁ ବାଧ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନକରିବାକୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରିବା ସହ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଛନ୍ତି। ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲଙ୍କ ନେତୃତ୍ୱରେ ଦୀନବନ୍ଧୁ ଗୁଣ୍ଡା, ବିଜୟ ମୁଦୁଲି, ଲସୁ ହନ୍ତାଳ, ସବିତା ଖରା, ରାଜେନ୍ଦ୍ର ଖରା, ମାଳିତି ଖରା, ଗୀତା ଖରା, ଲକ୍ଷ୍ମୀ ହନ୍ତାଳ, ବିମଳା ପୂଜାରୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ରେଳ ବିକାଶ ନେଇ ସ୍ମାରକପତ୍ର

ଗୁଣପୁର,୨୬।୯ (ସମିସ): ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ନବ ନିର୍ମାଣ ସମିତି ଆନୁକୂଲ୍ୟରେ ଗୁଣପୁର ଗ୍ରସ୍ତରେ ଥିବା ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୮ ଦଫା ସମ୍ବଳିତ ସ୍ମାରକ ପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ଶନିବାର ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡା ଗ୍ରସ୍ତ ସମୟରେ ଦାବିପତ୍ର ପ୍ରଦାନ କରିବାକୁ ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଗୋପାଳପୁର ଠାରୁ ରାୟଗଡା ପ୍ରସ୍ତାବିତ ରେଳ ପ୍ରକଳ୍ପ ଶୀଘ୍ର ଆରମ୍ଭ ଏବଂ ଗୁଣପୁର ଥେରୁବାଲି ସ୍ୱତନ୍ତ୍ର ରେଳପଥର ନିର୍ଦ୍ଧାରିତ ସମୟ ସୀମାରେ କାର୍ଯ୍ୟକ୍ଷମ, ରାୟଗଡା କିମ୍ବା ଗୁଣପୁର ର ମେଡିକାଲ କଲେଜ ସ୍ଥାପନ, ଏମ୍ସ ସାଟଲାଇଟ୍ କେନ୍ଦ୍ର ସ୍ଥାପନ, ଗୁଣପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ଗୁଣପୁରୁ ଟେରମିନାଲରୁ ହାୱାଡା ପର୍ଯ୍ୟନ୍ତ ନୂତନ ବନ୍ଦେଭାରତ ଟ୍ରେନ ଚଳାଚଳ ଏବଂ ଗୋଦାବରୀ ସୁପରଫାଷ୍ଟ ଟ୍ରେନକୁ ଗୁଣପୁର ଯାଏଁ ସମ୍ପ୍ରସାରଣ ଏବଂ ମହେନ୍ଦ୍ରାଞ୍ଚଳ ଜୈବ ବିବିଧତାର ସଂରକ୍ଷଣ ସହ ପୁଣ୍ୟତୋୟା ବଂଶଧରା ନଦୀ ଉପର ମୁଣ୍ଡରେ ଅନିକଟ ନିର୍ମାଣ ସହ ଜଳ ବିଦ୍ୟୁତ ପ୍ରକଳ୍ପ ନିର୍ମାଣ ଅନ୍ତର୍ଭୁକ୍ତ। ଏହି ଦାବିପତ୍ର ପ୍ରଦାନବେଳେ ସମାଜସେବୀ ତଥା ନବ ନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାଶ, ସମ୍ପାଦକ ରଂଜିତ ପାଢ଼ୀ ,ବରିଷ୍ଠ ନାଗରିକ ରାଜେନ୍ଦ୍ର ନାୟକ, ନୀଳମାଦବ ପାଢ଼ୀ, ରିଙ୍କୁ ପଣ୍ଡା, ପିଙ୍କି ମହାପାତ୍ର , ଖବରଦାତା ବ୍ରଜ ପାଢି ଏବଂ ୱାଇ.ଗଣପତି ଉପସ୍ଥିତ ଥିଲେ।

### ● ଚିନାବାଦାମ କିଣାରେ ଜାଲିଆତି ଅଭିଯୋଗ

## ମାର୍କଫେଡ୍‌ର ୨ କର୍ମଚାରୀଙ୍କ ନାଁରେ ଏତଲା



ବୈପାରିଗୁଡ଼ା,୨୬।୯ (ସମିସ): ବୈପାରିଗୁଡା ଲ୍ୟାମ୍ପସର ଚିନାବାଦାମ କିଣାରେ ଦୁର୍ନୀତି ଅଭିଯୋଗ ହୋଇଛି । ଏହି ଜାଲିଆତିରେ ସମ୍ପୃକ୍ତ ମାର୍କଫେଡର ଦୁଇ କର୍ମଚାରୀଙ୍କ ନାଁରେ ଥାନାରେ ଏତଲା ଦେଲେ ବାଦାମ ଚାଷୀ । ବୈପାରିଗୁଡା ଚିନାବାଦାମ ମଣ୍ଡିରେ ୨୪୦ ଜଣ ଚାଷୀଙ୍କ ଠାରୁ ୨ ହଜାର ୨୩୦. ୯୦ କୁଇଣ୍ଟାଲ ଚିନାବାଦାମ କ୍ରୟ କରିଥିଲା। ଏହାବ୍ୟତୀତ ପୁଣିଥରେ ୬୨ ଜଣ ଚାଷୀଙ୍କ ୭ ଶହ କୁଇଣ୍ଟାଲ ଚିନାବାଦାମ କିଣିଥିଲା ଲ୍ୟାମ୍ପସ। ମାର୍କଫେଡ୍ ଦୁଇ କର୍ମଚାରୀ ବୈପାରିଗୁଡା ବ୍ଲକର ୭୫ ଜଣ ଚାଷୀଙ୍କ ନାମ ପଞ୍ଜିକୃତ କରିବା ସହ ଟୋକେନ ମଧ୍ୟ ପ୍ରଦାନ କରିଥିଲା ଲ୍ୟାମ୍ପସ୍। କିନ୍ତୁ ଏହି ୭୫ ଜଣ ଚାଷୀଙ୍କ ଟଙ୍କା ଏକାଉଣ୍ଟ୍ କୁ ଆସିନଥିଲା। ବାରମ୍ବାର ଅଭିଯୋଗ ହେବାପରେ ମଧ୍ୟ ଲ୍ୟାମ୍ପସ୍ କିମ୍ବା ମାର୍କଫେଡ୍ ଅଭିଯୋଗକୁ ଅଣଦେଖା କରି ଆସୁଥିଲା। ଚାଷୀ ଲ୍ୟାମ୍ପସରେ ତାଲା ପକାଇବା ସହ ଅନ୍ ଲାଇନରୁ ସମସ୍ତ ତଥ୍ୟ ବାହାର କରିଥିଲେ। ତଥ୍ୟରୁ ଜଣାପଡିଥିଲା ଯେ, ୭୫ ଜଣ ଚାଷୀଙ୍କ ଆକାଉଣ୍ଟରେ ଚିନାବାଦାମ ବିକ୍ରି ଟଙ୍କା ନପକାଇ ମାର୍କଫେଡର ଦୁଇ କର୍ମଚାରୀ ଜେ. ବିନୀତ କୁମାର ଏବଂ ମନୋଜ କୁମର ନାୟକ ଚକ୍ରାନ୍ତ କରି କିଛି ନକଲି ଚାଷୀ ଏବଂ କିଛି ସଂପର୍କୀୟଙ୍କ ନାଁରେ ଥିବା ଆକାଉଣ୍ଟରେ ଟଙ୍କା ପଠାଇଛନ୍ତି। ଏସବୁ ଦୁର୍ନୀତି ହୋଇଥିବା ଜଣାପଡିବା ପରେ ଆଜି ସମସ୍ତ ଚାଷୀ ଏକତ୍ରିତ ହୋଇ ମାର୍କଫେଡର ଦୁଇ କର୍ମଚାରୀଙ୍କ ନାଁରେ ଥାନାରେ ଏତଲା ଦେଇଥିବା ଜଣାପଡିଛି।

## ବାଣ ଜବତ

କୋରାପୁଟ,୨୬।୯ (ସମିସ): ଜିଲ୍ଲା ପୁଲିସ ପକ୍ଷରୁ କୋଟପାଡ ଓ ଜୟପୁରର ବିଭିନ୍ନ ଦୋକାନରେ ଚଢଉ କରା ଯାଇ ବେଆଇନ ଭାବେ ଗଚ୍ଛିତ ବିପୁଳ ପରିମାଣର ବାଣ ଜବତ କରା ଯାଇଥିବା ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି। ଶୁକ୍ରବାର ସକାଳେ କୋଟପାଡ଼ର ଏକ ବେଆଇନ ବାଣ ଦୋକାନ ଉପରେ ପୁଲିସ ଟିମ୍ ଚଢଉ କରି ବିଭିନ୍ନ ପ୍ରକାର ୯ ପେଟି ବାଣ ଜବତ କରିଥିଲେ। ଆଗକୁ ଦୀପାବଳି ଆସୁଛି ତେଣୁ କୋଟପାଡ଼ ଅଞ୍ଚଳରେ କିଛି ବ୍ୟବସାୟୀ ବାଣ ମଗାଇ ଏବେଠୁ ଗଚ୍ଛିତ କରିଥିବାର ସୂଚନା ପାଇବାପରେ ଏସପିଙ୍କ ନିର୍ଦ୍ଦେଶ କ୍ରମେ କୋଟପାଡ଼ ଥାନା ଅଧିକାରୀ ପରମାନନ୍ଦ ସୁନାନୀଙ୍କ ନେତୃତ୍ୱରେ ଏକ ଟିମ କୋଟପାଡ଼ ସଦର ମହକୁମାର ବଡଦାଣ୍ଡ ଅଂଚଳରେ ଥିବା ଏକ ଦୋକାନ ଉପରେ ଚଢ଼ାଉ କରିଥିଲେ। ଦୋକାନରେ ଲୁଚାଇ ରଖାଯାଇଥିବା ୯ ପେଟି ବାଣକୁ ଜବତ କରାଯାଇ କୋଟପାଡ଼ ଥାନାରେ ଏକ ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଜୟପୁର ଟାଉନ ଥାନା ଅଂଚଳରେ ମଧ୍ୟ ବେଆଇନ ବାଣ ରଖିଥିବା କିଛି ଗୋଦାମରେ ଜୟପୁର ପୁଲିସ ଦ୍ୱାରା ଚଢ଼ଉ କରାଯାଇ ବିପୁଳ ପରିମାଣର ବାଣ ଜବତ କରାଯାଇଥିବା ନେଇ ଏସ୍‌ପି ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇଛନ୍ତି।

## ଭୁଶୁଡ଼ିଲା ସେୱା ପେପର ମିଲର କନଭେୟର୍ ବେଲ୍ଟ

ଜୟପୁର, ୨୬।୯, (ସମିସ) : ଜୟପୁର ସେୱା ପେପରମିଲର ମୁଖ୍ୟ କୋଇଲା କନଭେୟର୍ ବେଲ୍ଟ୍ ଭୁଶୁଡ଼ି ପଡିଛି। ଦୁଇ ଦିନ ତଳେ ପ୍ରାୟ ଚାଳିଶ ଫୁଟ ଉଚ୍ଚତାରୁ ଖସି ପଡ଼ିଥିଲା। ଏକ ବଡ଼ ଅଘଟଣରୁ କାର୍ଯ୍ୟରତ କର୍ମଚାରୀ ମ ବର୍ତ୍ତି ଯାଇଛନ୍ତି। ଏହି ପେପର ମିଲ ଗତ ବର୍ଷ ଜୁଲାଇ ମାସରୁ ଉତ୍ପାଦନ ବନ୍ଦ ରହିଛି। ଗତ ୨୦୨୦ ମସିହା ଅଗଷ୍ଟ ୮ ତାରିଖରେ ପ୍ରବଳ ବର୍ଷାରେ ପଲ୍ପ ମିଲ୍ ବିଭାଗର ବିଶାଳ ଛାତ ଭୁଶୁଡି ପଡିଥିଲା। ଅନ୍ୟପକ୍ଷରେ କର୍ମଚାରୀ ମାନଙ୍କୁ ଗତ ୧୪ ମାସ ଦରମା ନାହିଁ ମିଳିନାହିଁ । କିନ୍ତୁ କିଛି କର୍ମଚାରୀ ନିୟମିତ ଡ୍ୟୁଟି କରୁଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗତ ଅଗଷ୍ଟ ମାସରେ ଜୟପୁର ଗସ୍ତ ସମୟରେ ପେପରମିଲକୁ ପୁନଃ କାର୍ଯକ୍ଷମ ନେଇ ଘୋଷଣା କରିଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କାରଖାନା ପୂର୍ବଭଳି ରହିଛି। ଏହିପରି ଅବସ୍ଥା ଜାରୀ ରହିଲେ ଜୟପୁରର ଏକ ମାତ୍ର ବୃହତ୍ ଶିଳ୍ପ ଅଧୋଗତିର ସମ୍ମୁଖୀନ ହେବ। ତେଣୁ ରାଜ୍ୟ ସରକାର ଏବଂ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କର୍ମଚାରୀ ନେତା ପ୍ରମୋଦ କୁମାର ମହାନ୍ତି ଦାବି କରିଛନ୍ତି।

## ରାୟଗଡ଼ା ବିଧାୟକ କାଡ୍ରକା ଅପଲାସ୍ୱାମି ଡିସିସି ସଭାପତି



ରାୟଗଡ଼ା,୨୬।୯ (ସମିସ): ରାୟଗଡ଼ା ଜିଲ୍ଲା କଂଗ୍ରେସ ସଭାପତି ହେଲେ ବିଧାୟକ ଆପଲସ୍ୱାମୀ କାଡ୍ରାକା। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ଭେଣୁଗୋପାଳ ବିଧିବଦ୍ଧ ଘୋଷଣା କରିଛନ୍ତି। ପୂର୍ବରୁ ରାୟଗଡ଼ା ଜିଲ୍ଲା ସଭାପତି ପାଇଁ କଂଗ୍ରେସ ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତି ହୋଇ କର୍ଣ୍ଣାଟକ ରାଜ୍ୟର ବିଧାୟକ ଅର୍ଶଦ ରିଜୱାନ ଜିଲ୍ଲା ଗସ୍ତରେ ଆସି କର୍ମୀଙ୍କ ମତ ସଂଗ୍ରହ କରିଥିଲେ। ଫଳସ୍ୱରୂପ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କୁ ଦଳ ସଂଗଠନ ମଜଭୂତ କରିବା ପାଇଁ ଆସ୍ଥା ପ୍ରକଟ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଛି ବୋଲି କର୍ମୀ ମହଲରେ ଆଲୋଚନା ଚାଲିଛି। ବିଧାୟକ କାଡ୍ରାକାଙ୍କ ନାଁ ଜିଲ୍ଲା ସଭାପତି ଭାବେ ଘୋଷଣା ହେବା ପରେ କର୍ମୀ ମହଲରେ ଉତ୍ସାହ ଖେଳି ଯାଇଛି। ତେବେ ଏଥିପାଇଁ ବିଧାୟକ ଶ୍ରୀ କାଡ୍ରାକା ଏଆଇସିସି ସଭାପତି ମଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଆନ୍ଦୋଳନକୁ ସମର୍ଥନ ଦେଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା

କୋରାପୁଟ,୨୬।୯ (ସମିସ): ପୂର୍ବ ନିର୍ଦ୍ଧାରିତ ପାରିଶ୍ରମିକ ରାଶି ପ୍ରଦାନ କରିବା ଦାବିରେ କୋରାପୁଟ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଜାରି ରଖିଥିବା ଧାରଣା ଆଜି ପଞ୍ଚମ ଦିନରେ ପହଞ୍ଚି ଥିବାବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଆନ୍ଦୋଳନ ସ୍ଥାନରେ ପହଞ୍ଚି ଦାବିକୁ ସମର୍ଥନ ଜଣାଇଛନ୍ତି। ଉପମୁଖ୍ୟମନ୍ତ୍ରି ପ୍ରଭାତୀ ପରିଡ଼ା କେବଳ ଭାଷଣରେ ଲକ୍ଷପତି ଦିଦି ଗଢିଲେ ହେବ ନାହିଁ, ଲକ୍ଷପତି ଦିଦି ତିଆରି କରିବା ପାଇଁ ଯେଉଁ ମାନେ ଦିନରାତି ଖଟୁଛନ୍ତି ସେମାନଙ୍କ ଦୁଃଖ ମଧ୍ୟ ବୁଝିବାକୁ ଚେଷ୍ଟା କରନ୍ତୁ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା କହିଛନ୍ତି। ରାଜ୍ୟ ସରକାର ନିଜ ନିଷ୍ପତି ପ୍ରତ୍ୟାହାର କରି ପୂର୍ବ ସରକାରଙ୍କ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସେ ଦାବି କରିଛନ୍ତି।

## ଓସିଏସ୍ ପରୀକ୍ଷାରେ ଆଇନଜୀବୀଙ୍କ ପୁଅଙ୍କ ସଫଳତା



କୋରାପୁଟ,୨୬।୯ (ସମିସ): ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ପରୀକ୍ଷାରେ କୋରାପୁଟର ଆଇନଜୀବୀ ତଥା ସମାଜସେବୀ ମନୋଜ କୁମାର ଆଚାର୍ଯ୍ୟଙ୍କ ପୁଅ ଆକାଶ ଉଡ଼ିତାଂଶୁ ଆଚାର୍ଯ୍ୟ କୃତକାର୍ଯ୍ୟ ହୋଇଛନ୍ତି। ଆକାଶ ୧୫୫ ତମ ର୍‌ୟାଙ୍କ ପାଇଥିବା ଜଣା ପଡ଼ିଛି। ଆକାଶ ଭୁବନେଶ୍ୱର ସ୍ଥିତ ଓୟୁଏଟିରେ ବିଏସସି ଏଜି ପଢ଼ିଥିଲେ।

### ● ଭାରତ ଓ ଜାପାନ ବିକାଶର ଦ୍ୱିପାକ୍ଷିକ ଆଲୋଚନାରେ ନବରଙ୍ଗପୁରର ସଞ୍ଜୟ

## ଜିଲ୍ଲାର ଅର୍ଥନୈତିକ ପ୍ରଗତିରେ ସହାୟକ ହେବ ଏଟ୍ପା ଫାଉଣ୍ଡେସନ

ନବରଙ୍ଗପୁର,୨୬।୯ (ସମିସ): ନୂଆଦିଲ୍ଲୀ ସ୍ଥିତ ଜାପାନ ଦୂତାବାସରେ "୫ ଟ୍ରିଲିୟନ,ଅର୍ଥ ବ୍ୟବସ୍ଥାର ଲକ୍ଷ୍ୟ ରଖିଥିବା ଭାରତରେ ଦାରିଦ୍ର୍ୟ ସ୍ଥିତି ଓ ଦୂରୀକରଣ" ବିଷୟ ଆଧାରିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦ୍ୱିପାକ୍ଷିକ ବୈଠକରେ ଭାରତ ଓ ଜାପାନରେ ଅବସ୍ଥିତ ବିଭିନ୍ନ ଜାପାନୀ ନିଗମର ୨୫୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ଏଟ୍ପା ( ଇ ଟି ପି ଏ ) ଫାଉଣ୍ଡେସନ୍ ଫର୍ ସୋସିଆଲ ଡେଭଲପମେଣ୍ଟର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସଞ୍ଜୟ ପଣ୍ଡା ନିଜ ଆକର୍ଷଣୀୟ ଉପସ୍ଥାପନା ମାଧ୍ୟମରେ ଦକ୍ଷିଣ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ କେବିକେ ଅଞ୍ଚଳରେ ଚାଲିଥିବା ରୂପାନ୍ତର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। "ସାମାଜିକ ସମାନତାକୁ ଗୁରୁତ୍ୱ ଦେଇ ଏଟ୍ପା ଫାଉଣ୍ଡେସନ୍ ସମାଜର ଗରିବ ଶ୍ରେଣୀର ଲୋକଙ୍କୁ ସଶକ୍ତ କରିବାର ଲକ୍ଷ୍ୟ ରଖିଛି। ନବରଙ୍ଗପୁର ଜିଲ୍ଲାର ଆକାଂକ୍ଷା ବ୍ଲକ ତେନ୍ତୁଳିଖୁଣ୍ଟି ବ୍ଲକର କ୍ଷେତ୍ର ପରିଦର୍ଶନରୁ ସଂଗୃହୀତ ଅନୁଭୂତି ଓ ଏଟ୍ପା ଫାଉଣ୍ଡେସନର ପ୍ରୟାସ ତଥା ସ୍ଥାନୀୟ ହିତାଧିକାରୀଙ୍କ ସହଭାଗିତା ସମ୍ପର୍କରେ ଶ୍ରୀ ପଣ୍ଡାଙ୍କ ପ୍ରଭାବଶାଳୀ ବକ୍ତବ୍ୟ ସମସ୍ତଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା। ଏଟ୍ପା ଫାଉଣ୍ଡେସନ୍ ଦ୍ୱାରା କେବିକେ ଅଞ୍ଚଳରେ ସିଏସଆର ପାଣ୍ଠି ବିନିଯୋଗ କରି ଶୈକ୍ଷିକ,ଅର୍ଥନୈତିକ ପ୍ରଗତି ଓ ସାମାଜିକ ବିକାଶ କରିବାକୁ ଶ୍ରୀ ପଣ୍ଡା ଗୁରୁତ୍ୱ ଆରୋପ କରିଛନ୍ତି। ଏଟ୍ପା ଫାଉଣ୍ଡେସନକୁ ସ୍ଥାୟୀ ବିକାଶରେ ସମର୍ପିତ ଏହି ବିଶ୍ୱ ସ୍ତରୀୟ ବୈଠକରେ ସୁଯୋଗ ପ୍ରଦାନ କରିଥିବାରୁ ଫାଉଣ୍ଡେସନର ନିର୍ଦ୍ଦେଶକ ସଞ୍ଜୟ ପଣ୍ଡା "ଜାପାନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଇନ୍ ଇଣ୍ଡିଆ" (ଜେସିସିଆଇଆଇ)କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଓଏଏସ୍ ପାଇଲେ ପୂଜା ଯୋଶୀ



ସେମିଳିଗୁଡ଼ା,୨୬।୯ (ସମିସ) କୋରାପୁଟ ଜିଲ୍ଲାର ସେମିଳିଗୁଡାର ପୂଜା ଯୋଶୀ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଆଜି ପ୍ରକାଶ ପାଇଥିବା ପରୀକ୍ଷା ଫଳରେ ଟପ୍ ୨୦ ତାଲିକାରେ ସେ ୧୧ ର୍‌ୟାଙ୍କ ପାଇଛନ୍ତି। ସେ ଠିକାଦାର ଆର.ପି ଯୋଶୀ ଏବଂ ସୀତା ଯୋଶୀଙ୍କ କନ୍ୟା। ରସାୟନ ବିଜ୍ଞାନରେ ଏମ୍‌ଏସ୍‌ସି କରିବା ପରେ ବର୍ତ୍ତମାନ କୋରାପୁଟ ଜିଲ୍ଲା ବାଲଡା ସରକାରୀ (ଏସ ଏସ ଡି) ହାଇସ୍କୁଲ ରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି । ସେ ନିଜେ ଜଣେ ଦିବ୍ୟାଙ୍ଗ ଥିବା ଯୋଗୁଁ ଓଡ଼ିଶାର ଦିବ୍ୟାଙ୍ଗ ଜଣ ଙ୍କ ମଙ୍ଗଳ ଏବଂ କୋରାପୁଟ ଜିଲ୍ଲାରେ ଶିକ୍ଷାର ବିକାଶ ଦିଗରେ ବିଶେଷ ଧ୍ୟାନ ଦେବେ ବୋଲି କହିଛନ୍ତି।

## ରୂପକ ତୁରୁକ ଜିଲ୍ଲା କଂଗ୍ରେସ ସଭାପତି



କୋରାପୁଟ,୨୬।୯ (ସମିସ): ଯୁବନେତା ତଥା ପିସିସି ସମ୍ପାଦକ ଆଇନଜୀବୀ ରୂପକ ତୁରୁକଙ୍କୁ କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାବେ ଚୟନ କରାଯାଇଛି। ଶ୍ରୀ ତୁରୁକଙ୍କ ନାମ ଘୋଷଣା ହେବା ପରେ କୋରାପୁଟ ସାଂସଦ ସପ୍ତଗୀରୀ ଶଙ୍କର ଉଲ୍ଲାକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କଂଗ୍ରେସ ବିଧାୟକ ଦଳ ନେତା ତଥା ପଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି,ପୂର୍ବତନ ବିଧାୟକ ନୀମାଇ ସରକାର,ବରିଷ୍ଠ କଂଗ୍ରେସ ନେତା ଜଗଦୀଶ ଖୋସଲା, ବାବୁଲା ବେନିଆ, ମନୋଜ ଆଚାର୍ଯ୍ୟ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ■ ରନ୍ଧନ ଗ୍ୟାସ ବିସ୍ଫୋରଣ ଘଟଣା

## ଆଖି ବୁଜିଲେ ବୋହୂ ବୁଦ୍ରି ଖଡା

ନନ୍ଦପୁର ,୨୬।୯ (ସମିସ): ଚଳିତ ମାସ ୧୯ ତାରିଖ ଦିନ ସକାଳେ ନନ୍ଦପୁର ବ୍ଲକ ଅନ୍ତର୍ଗତ କୁଲା ବିର ଗ୍ରାମ ପଞ୍ଚାୟତ ସ୍ଥିତି ବଞ୍ଜାଲାପୁଟ ଗ୍ରାମରେ ରନ୍ଧନ ଗ୍ୟାସ ଲିକ୍ ପରେ ବିସ୍ଫୋରଣ ହୋଇ ଶଶୁର ଓ ବୋହୂ ଗୁରୁତର ହୋଇ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୋହୂ ବୁଦ୍ରୀ ଖଡାଙ୍କର ଆଜି ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଆହତ ଶଶୁରର ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

## ବିଶାଳ ଜାନିଙ୍କ ସଫଳତା

ବୋରିଗୁମ୍ମା,୨୬।୯ (ସମିସ): ବୋରିଗୁମ୍ମା ବ୍ଲକ ବାସିନ୍ଦା ତଥା ସ୍ୱର୍ଗତ ଟଙ୍କଧର ଯାନୀଙ୍କ ଦ୍ୱିତୀୟ ପୁତ୍ର ବିଶାଳ ଦେବ ଯାନୀ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ସଫଳତା ପାଇଛନ୍ତି। ସେ ୩୨୬ ରାଙ୍କରେ ଅଛନ୍ତି। ସେ ଅନଲାଇନରେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ କୋଚିଂ ନେଉଥିଲେ। ଠିକ ସେହିପରି ବୋରିଗୁମ୍ମା ମେରିଆ ମାର୍ଗ ବାସିନ୍ଦା ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ଏବଂ କବିତା ପ୍ରଧାନ ଙ୍କ ସୁପୁତ୍ର ଗୌତମ ପ୍ରଧାନଙ୍କ ସଫଳତାରେ ମଧ୍ୟ ପରିବାର ଲୋକେ ଖୁସି ବ୍ୟକ୍ତ କରିଛନ୍ତି ।

## ପ୍ରଜାଖାନା ସଂଶୋଧନରେ କୁନ୍ଦୁରା ତହସିଲର ସଫଳତା

କୁନ୍ଦୁରା, ୨୬।୯ (ସମିସ): ପ୍ରଜାଖାନା ସଂଶୋଧନରେ ଦକ୍ଷିଣ ଓଡ଼ିଶା ପାଇଁ ପ୍ରଥମ ୨୦ ତହସିଲ ମଧ୍ୟରୁ ପ୍ରଥମ ସ୍ଥାନରେ ରହିଛି କୁନ୍ଦୁରା ତହସିଲ। ସରକାରଙ୍କ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଥିବା ତହସିଲଦାର ବିନୋଦ କୁମାର କହିଛନ୍ତି । ସୂଚନା ଅନୁସାରେ ମୃତ ପଟ୍ଟାଧାରୀ ମାନଙ୍କ ସର୍ଭେ କରାଯାଇ ତାଙ୍କ ଉତ୍ତରାଧିକାରୀ ମାନଙ୍କୁ ପଟ୍ଟା ପ୍ରଦାନ କରାଯିବାକୁ ପ୍ରକ୍ରିୟା ଚାଲୁ ରହିଛି । ଗତ ମାର୍ଚ୍ଚ ମାସ ଠାରୁ ଆରମ୍ଭ ହୋଇ ଆଜି ସୁଦ୍ଧା କୁନ୍ଦୁରା ବ୍ଲକରୁ ୧୯୦୫୦ ଜଣଙ୍କର ସର୍ଭେ ହୋଇଛି । ସେଥିରୁ ୨୧୫୫ ଜଣଙ୍କୁ ପଟ୍ଟା ପ୍ରଦାନ ସରିଛି ଓ ଅନ୍ୟ ମାନଙ୍କୁ ପ୍ରଦାନ କରାଯିବ ପ୍ରକ୍ରିୟା ଚାଲୁ ରହିଛି ।ଏଥିରେ ଦକ୍ଷିଣ ଡିଭିଜନ୍ ଅର୍ଥାତ ଗଞ୍ଜାମ,ଗଜପତି,କଳାହାଣ୍ଡି, କନ୍ଧମାଳ,କୋରାପୁଟ, ମାଲାକନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ା ଆଦି ୯ ଟି ଜିଲ୍ଲା ମଧ୍ୟରୁ କୁନ୍ଦୁରା ତହସିଲ ଭଲ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଛି । ଜିଲ୍ଲାପାଳ ଏବଂ ଉପ ଜିଲାପାଳଙ୍କଙ୍କୁ ଏହାର ଶ୍ରେୟ ଦେଇଛନ୍ତି ତହସିଲଦାର ଶ୍ରୀ ନାଏକ।

## ଆନ୍ଦୋଳନକୁ ସମର୍ଥନ ଦେଲେ ମିନାକ୍ଷୀ



ବୈପାରୀଗୁଡ଼ା,୨୬।୯ (ସମିସ): ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ୭ ଦଫା ଦାବି ନେଇ ଗତ ପାଞ୍ଚ ଦିନ ହେବ ମିଶନ ଶକ୍ତି ମହିଳା ସିଏସଏସ ସଂଘର ଆନ୍ଦୋଳନ ଜାରିରହିଛି। ଆନ୍ଦୋଳନକୁ ସମର୍ଥନ ଦେଇ ଧାରଣାରେ ମହିଳାଙ୍କ ସହ କିଛି ସମୟ ବସିଲେ ଓଡିଶା ପ୍ରେଦେଶ ମହିଳା କଂଗ୍ରେସ ସଭା ନେତ୍ରୀ ମିନାକ୍ଷୀ ବାହିନୀପତି । ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ବିରୋରେ ଭାଷଣ ଦେଇଥିଲେ। ଦାବି ପୂରଣ ନ ହେଲେ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି କଂଗ୍ରେସ ସଭାନେତ୍ରୀ। ଏହି କାର୍ଯ୍ୟକ୍ରମରେ ବୈପାରୀଗୁଡା ଜିଲ୍ଲା ପରିଷଦ ସଭ୍ୟା ମଣି ଜାନି, ଓଡିଶା ଷ୍ଟେଟ ବାର କାଉନ୍‌ସିଲ ମେମ୍ବର ପି ରମେଶ ପାତ୍ର, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ ଏବଂ କଂଗ୍ରେସ ଦଳର ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର

ତେନ୍ତୁଳିଖୁଣ୍ଟି,୨୬।୯ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡା ପଞ୍ଚାୟତ ତେନ୍ତୁଳିଗଛ ଛକ ନିକଟସ୍ଥ ଏକ ପୋଖରୀରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁଯାଇ ବୁଧବାର ସକାଳୁ କୁଜାଯାନିଗୁଡ଼ା ଗ୍ରାମର ମନ ଗଉଡ଼ (୪୦) କିଛି କାମରେ ଘରୁବାହାରକୁ ଯାଇଥିଲେ। କିନ୍ତୁ ଆଉ ଫେରିନଥିଲେ। ଶୁକ୍ରବାର ପୂଜାରୀଗୁଡା ପଞ୍ଚାୟତ ତେନ୍ତୁଳିଗଛ ଛକ ନିକଟସ୍ଥ ଏକ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପ୍ରଣବ କୁମାର ଟୁଡୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପୂଜାରୀଗୁଡା ଅଗ୍ନିଶ୍ରମ ବାହିନୀଙ୍କୁ ଖବର ଦେଇଥିଲେ। ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

## ରାଜ୍ୟସ୍ତରୀୟ ଜୁଡୋ ଚାମ୍ପିଅନସିପରେ ମାଲକାନଗିରିର ୨୩ ଜଣିଆ ଟିମ୍

ମାଲକାନଗିରି, ୨୬।୯ (ସମିସ):



ଆସନ୍ତା ୨୭ ତାରିଖରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର କେଟି ଗ୍ଲୋବଲ୍ ସ୍କୁଲ ପରିସର ମଧ୍ୟରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଜୁଡୋ ଚାମ୍ପିଅନସିପରେ ବିଭିନ୍ନ ବର୍ଗ ଯଥା ସବ୍ ଜୁନିଅର୍, ଜୁନିଅର୍, କେଡେଟ, ସିନିୟର୍, ପୁରୁଷ ଏବଂ ମହିଳା ବିଭାଗରେ ଭାଗନେବା ପାଇଁ ମାଲକାନଗିରି ଜିଲ୍ଲାର ଖେଳାଳୀ ମାନେ ଖୋର୍ଦ୍ଧା ଜିଲ୍ଲାକୁ ଆଜି ଗସ୍ତ କରିଛନ୍ତି। ଖେଳାଳୀଙ୍କ ମଧ୍ୟରେ ସମସ୍ତେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ କିଛି ବାପା ମାଆ ଛେଉଣ୍ଡ ଖେଳାଳୀ ବି ଅଛନ୍ତି। ଜିଲ୍ଲା ଜୁଡୋ ଆସୋସିଏସନ୍ ଏବଂ ଆଓମା ଗୁରୁକୁଳର ମିଳିତ ସହଯୋଗରେ ଉକ୍ତ ସମସ୍ତ ଖେଳାଳୀଙ୍କୁ ପ୍ରଶିକ୍ଷଣ ଦେବା ସହିତ ରାଜ୍ୟ ସ୍ତରୀୟ ଚାମ୍ପିଅନସିପରେ ଭାଗ ନେବାପାଇଁ ସୁଯୋଗ ପ୍ରଦାନ କରିଛନ୍ତି। ଆଜି ଏକ ବିଶେଷ କାର୍ଯ୍ୟକ୍ରମରେ ପ୍ରଶାସନ ତରଫରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ତରଫରୁ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ମାନସ ମିଶ୍ର, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ହିମାଂଶୁ ମହାରଣା, ଡିପିଏମ ଅଶୋକ ସାହୁ, ସେକ୍ସନ ଅଫିସର୍ ନୀଳକଣ୍ଠ ଭୂୟାଁ, ବରିଷ୍ଠ କିରାଣୀ ଅଶୋକ ପଟ୍ଟନାୟକଙ୍କ ସମେତ ଜିଲ୍ଲା ଯୁଡୋ ଆସୋସିଏସନ୍‌ର ଉପ ସଭାପତି ଚିନା ରାଓ ଏବଂ ଆଓମା ଗୁରୁକୂଳର ପ୍ରେସିଡେଣ୍ଟ ରତ୍ନାକର ଦାଶଙ୍କ ସହିତ ଅନେକ ସମାଜସେବୀ ଉପସ୍ଥିତ ରହି ଖେଳାଳୀଙ୍କ ମନୋବଳ ବଢ଼ାଇଥିଲେ।

### ଆସିଲେନି ଗ୍ରାମବାସୀ

# ହୋଇପାରିଲାନି ଶାନ୍ତି କମିଟି ବୈଠକ



ବନ୍ଧୁଗାଁ,୨୬।୯ (ସମିସ): ଧର୍ମ ପରିବର୍ତ୍ତନକୁ କେନ୍ଦ୍ର କରି ବନ୍ଧୁଗାଁ ବ୍ଲକ ଜାଗୁଗୁଡା ପଞ୍ଚାୟତ ଅନ୍ତର୍ଗତ ଅଣ୍ଡାମୋଡା ଗାଁ ଜୁନ ୯ ତାରିଖରୁ ୪ ମାସ ହେଲା ଅଶାନ୍ତ ହୋଇ ରହିଛି। ସଂଘବଦ୍ଧ ହୋଇ ଦୁଇ ଦୁଇ ଥର ୪ଟି ପରିବାରଙ୍କ ଘର ଭାଙ୍ଗିବା, ମାଡ ମାରି ଗାଁରୁ ତଡି ଦିଆଯାଇଥିଲା। ଥରେ ସ୍ଥାନୀୟ ବିଧାୟକ ପବିତ୍ର ସାଉନ୍ତା ଓ ଆଉ ଥରେ କୋଟପାଡ ବିଧାୟକ ରୁପୁ ଭତ୍ରା ଲକ୍ଷ୍ମୀପୁର ଏସଡିପିଓ , ତହସିଲଦାର ସୋନାଲି ପାତ୍ର, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ, ଆଇଆଇସି ପ୍ରସନ୍ନ କୁମାର ମିଶ୍ର , ସମେତ ସ୍ଥାନୀୟ ବିଜେପି ପୂର୍ବତନ ଜିଲ୍ଲା ଉପ ସଭାପତି ଶରତ ପାତ୍ର, କଂଗ୍ରେସ ସଭାପତି ଡି ଏଙ୍କାଟି ପ୍ରମୁଖ ଉପସ୍ଥିତ ରହି ସ୍ଥିତି ପରଖିବା ସହିତ ଶାନ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା କରି ବିଫଳ ହୋଇ ଥିଲେ। ଆଜକୁ ୪ ମାସ ହେଉଛି ୪ ପରିବାର ପ୍ରାଣ ବିକଳରେ ଗାଁ ଛାଡି ପଳାଇବା ସହିତ ବହୁ ଅସୁବିଧାରେ ରହୁଛନ୍ତି। ଆଜି ପର୍ଯ୍ୟନ୍ତ ଗାଁ ରେ ଚାପା ଉତ୍ତେଜନା ଲାଗି ରହିଛି। ଆଇଆଇସିଙ୍କ ଦ୍ୱାରା ୩ ଦିନ ତଳେ ଚିଠି ମାଧ୍ୟମରେ କୁମ୍ଭାରିପୁଟ କଲ୍ୟାଣ ମଣ୍ଡପରେ ବାସଚ୍ୟୁତ ୪ ପରିବାର ଓ ଗ୍ରାମବାସୀଙ୍କୁ ନେଇ ଶାନ୍ତି କମିଟି ଗଠନ କରି ଶାନ୍ତି ଫେରାଇବା ପାଇଁ ଅବଗତ କରିଥିଲେ। ଏଥିପାଇଁ ଆଜି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା,ତହସିଲଦାର ସୋନାଲି ପାତ୍ର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ , ଆଇଆଇସି ପ୍ରସନ୍ନ କୁମାର ମିଶ୍ର, କଂଗ୍ରେସ ସଭାପତି ଡି ଏଙ୍କାଟି, ବିଜେଡି ସଭାପତି ବାଲା ନାଗ, ବିଜେପି ଜିଲ୍ଲା ଉପ ସଭାପତି ଶରତ ପାତ୍ର, ସମେତ ଅନେକ ବରିଷ୍ଠ ବୁଦ୍ଧିଜୀବି ଉପସ୍ଥିତ ରହିଥିଲେ। ବାସଚ୍ୟୁତ ୪ ପରିବାର ଓ ତାଙ୍କ ସହଯୋଗୀ ଉପସ୍ଥିତ ଥିବା ବେଳେ ଅଣ୍ଡାମୋଡା ଗ୍ରାମବାସୀ ଆସି ନ ଥିଲେ। ଫଳରେ ଏଥିରୁ କୌଣସି ସୁଫଳ ମିଳିନାହିଁ। ତେବେ ବାସଚ୍ୟୁତ ପରିବାର କେବେ ଗାଁ ଫେରିବେ, ପ୍ରଶାସନ ସେମାନଙ୍କୁ ଘରକୁ ଫେରିବା ପାଇଁ କି ପଦକ୍ଷେପ ଗ୍ରହଣ କରିବେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।





# ଜିଲ୍ଲା ଚିକିତ୍ସାଳୟରେ ମକ୍‌ଡ୍ରିଲ୍



ଜୟପୁର,୨୬।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟ ଠାରେ ଅଗ୍ନିଶମ ବିଭାଗ ଏବଂ ଜିଲ୍ଲା ଚିକିତ୍ସାଳୟ ପକ୍ଷରୁ ମିଳିତ ଭାବେ ଆଜି ଏକ ମକଡ୍ରିଲ ଆୟୋଜିତ ହୋଇଥିଲା। ଭବନରେ କୌଣସି କାରଣରୁ ନିଆଁ ଲାଗିଲେ କିଭଳି ସୁରକ୍ଷିତ ରହିବେ, ସେଥିନେଇ ଏହି ମକ୍‌ଡ୍ରିଲ ଆୟୋଜିତ ହୋଇଥିଲା। ଏଥିରେ ଅଗ୍ନିସମ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଚିକିତ୍ସାଳୟର ଘରୋଇ ସୁରକ୍ଷା କର୍ମୀ, ନର୍ସ, ସେବିକା ସେବକ ଏବଂ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇ ନିଜେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟ ମାନଙ୍କୁ କିଭଳି ସୁରକ୍ଷିତ ଭାବେ ଭବନରୁ ବାହାର କରାଯାଇ ପାରିବ ସେଥିନେଇ ଅଗ୍ନିଶମ ବିଭାଗ ପକ୍ଷରୁ ତାଲିମ ଦିଆଯାଇଥିଲା । ଜିଲ୍ଲା ଚିକିତ୍ସାଳୟରେ ନିଆଁକୁ ନିୟନ୍ତ୍ରଣ ଉପରେ ତାଲିମ ଦିଆଯାଇଥିଲା। ଅପରାହ୍ନରେ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ମକ୍‌ଡ୍ରିଲ କରାଯାଇ ଚିକିତ୍ସାଳୟର କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ଡା. ଦିଲୀପ କୁମାର ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜୟପୁରର ସହକାରୀ ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକ, ବୋରିଗୁମ୍ମା ଅଧିକାରୀ ସୂର୍ଯ୍ୟ ବେହେରା ଏବଂ ଜିଲ୍ଲାର ବିଭିନ୍ନ ଫାୟର ଷ୍ଟେସନର କର୍ମଚାରୀ ମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ଚିକିତ୍ସାଳୟ ମ୍ୟାନେଜର ରୂପସୀ ମଧୁମିତା ନାୟକ ଦାୟିତ୍ୱ ଗ୍ରହଣ କରିଥିଲେ।

# ଷ୍ଟ୍ରିଟ୍ ଲାଇଟ୍ ଅଚଳ, ଅନ୍ଧାରରେ ମୈଦଲପୁର



ପାପଡାହାଣ୍ଡି/ମୈଦଲପୁର,୨୬।୯ (ସମିସ): ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତ ସଦରମହକୁମାରେ ଲାଗିଥିବା ଅନେକ ଷ୍ଟ୍ରିଟ୍ ଲାଇଟ୍ ଅଚଳ ପଡ଼ିଛି। ଅନେକ ଦିନ ହେଲା ମରାମତି ହେଉନି। ମଇଦଲପୁରରେ ଥିବା ହାଇମାଷ୍ଟ ଲାଇଟ୍ ଓ ଷ୍ଟ୍ରିଟ ଲାଇଟ୍ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବସ ଷ୍ଟାଣ୍ଡ ଓ ହସ୍‌ପିଟାଲ ପର୍ଯ୍ୟନ୍ତ ଲାଗିଛି। କିନ୍ତୁ ଗତ ବର୍ଷେ ହେଲା ଜଳୁନି। ସେହିପରି ଅଂଚଳର ଅଧିକାଂଶ ଷ୍ଟ୍ରିଟ୍ ଲାଇଟ୍ ଲାଗିବାର କେଇ ଦିନ ପରେ ହିଁ ଅଚଳ ହୋଇପଡିଛି। ହାତ ଗଣତି ଯାହା କେତେଟା ଲାଇଟ୍ ଜଳୁଛି, ତାହା ବନ୍ଦ କରିବା ପାଇ ସୁଇଚ ନାହିଁ। ଯାହା ଫଳରେ ଦିନ ରାତି ଜଳୁଛି। ବାରମ୍ବାର ଅଭିଯୋଗ ସର୍ତ୍ତେ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ, ଉଭୟ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଓ ସରପଞ୍ଚ ପରସ୍ପରକୁ ଦୋଷ ଦେଉଛନ୍ତି। ସାଧାରଣ ଲୋକେ ଅଭିଯୋଗ କାହାକୁ କରିବେ ବୋଲି ପ୍ରଶ୍ନ କରୁଛନ୍ତି। ଲାଇଟ୍ ଗୁଡ଼ିକ ନିମ୍ନମାନର ଥିବା ଲୋକେ ଅଭିଯୋଗ କରିଛନ୍ତି। ରାତି ହେଲେ ଅଞ୍ଚଳ ଅନ୍ଧକାରମୟ ହୋଇ ପଡୁଛି। ପାର୍ବଣରେ ଅନ୍ଧାର ଯୋଗୁଁ ଚୋରି ବଢ଼ିବା ନେଇ ଆଶଙ୍କା କରାଯାଉଛି। ବୁଧବାର ରାତିରେ ଦୁର୍ବୃତ୍ତମାନେ ଘର ଭାଙ୍ଗି ତାଲା ଭାଙ୍ଗି ଏକ ମୋଟର ସାଇକେଲ ଚୋରି କରି ନେଇଛନ୍ତି। ନିୟମ ଅନୁଯାୟୀ, ପ୍ରତି ପଞ୍ଚାୟତସ୍ତରରେ ଜଣେ ଜଣେ ତାଲିମପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ, ଷ୍ଟ୍ରିଟ ଲାଇଟ୍ ଓ ଅନ୍ୟାନ୍ୟ ବିଦ୍ୟୁତ ମରାମତି କାର୍ଯ୍ୟ ପାଇବା କଥା। କିନ୍ତୁ ଅଧିକାରୀଙ୍କ ମନମାନି ସକାଶେ କର୍ମଚାରୀ ନିଯୁକ୍ତି କରୁନାହାନ୍ତି। ବର୍ଷ ବର୍ଷ ଧରି ଏପରି ଅଚଳ ହୋଇ ପଡ଼ିରହିଥିଲେ ସୁଦ୍ଧା ସରପଞ୍ଚ କି ବିଦ୍ୟୁତ୍ କର୍ମଚାରୀଙ୍କ ଶୁଭ ଦୃଷ୍ଟି ପଡୁନାହିଁ। ଏଣୁ ଶୀଘ୍ର ମରାମତି କରାଯାଇ ନୂତନ ଲାଇଟ୍ ଲଗାଇବାକୁ ମୈଦଲପୁରବାସୀ ଦାବି କରିଛନ୍ତି।

● ଶହେ ବର୍ଷ ପରମ୍ପରା ଆଜି ମଧ ଜୀବିତ

# ଦଶହରା ଗୁଆ ଆସିଲା ନନ୍ଦପୁର



ନନ୍ଦପୁର,୨୬।୯(ସମିସ): ଶହେ ବର୍ଷ ପରମ୍ପରା ଆଜି ମଧ ଜୀବିତ ରହିଛି । ଜୟପୁର ଦେବତ୍ତର କମିଟି ପକ୍ଷରୁ ଗୁଆ ନେଇ ପୁରାତନ ରାଜଧାନୀ ନନ୍ଦପୁର ପହଞ୍ଚି ଛନ୍ତି । ସଲପା ପୂଜକ ମଧୁ ନାୟକଙ୍କ ନେତୃତ୍ୱରେ ଜୟପୁର ଦେବୋତ୍ତର କମିଟିର ଏକ ପ୍ରତିନିଧି ଦଳ । ସେମାନେ ନନ୍ଦପୁର ଦେବୋତ୍ତର କମିଟି ସଦସ୍ୟ ତଥା ପୂଜକ ବୃନ୍ଦଙ୍କୁ ନିମନ୍ତ୍ରଣ ଗୁଆ ପ୍ରଦାନ କରିଥିଲେ। ପ୍ରଥମେ ନନ୍ଦପୁର ଅଧିଷ୍ଠାତ୍ରୀ ଗ୍ରାମଦେବୀ ମା' ଠାକୁରାଣୀଙ୍କ ଆଦେଶ ନେଇ ଭୈରବ ମନ୍ଦିରରେ ଯାଇ ମୁଖ୍ୟ ପୂଜକଙ୍କୁ ଦଶହରା ନିମନ୍ତ୍ରଣ ଗୁଆ ପ୍ରଦାନ କାଟିଥିଲେ। ଏହାପରେ ଐତିହାସିକ ବତ୍ରିଶସିଂହାସନ ପ୍ରାଙ୍ଗଣରେ ଆସି ଦେବୋତ୍ତର କମିଟି ସଦସ୍ୟ ଏବଂ ନନ୍ଦପୁର ପୂଜା କମିଟି ସଦସ୍ୟଙ୍କୁ ନିମନ୍ତ୍ରଣ ଗୁଆ ପ୍ରଦାନ କରିଥିଲେ। ଦେବୋତ୍ତର କମିଟି ସଦସ୍ୟ ଜଗନ୍ନାଥ ପାଙ୍ଗି, ମୁନା ଦଳପତି,ଲିଙ୍ଗରାଜ ଚୌଧୁରୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାଇ,ଭୁବନେଶ୍ୱର ଦଳପତି,ପୂଜକ ସଞ୍ଜୟ ଦିଆରୀ, ବୁଦ୍ଧୁ ପୂଜାରୀ,ରାମ ବାଟଘରିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଯୁବ ରେଡକ୍ରସ ତରଫରୁ ସଫେଇ କାର୍ଯ୍ୟକ୍ରମ

ସୁନାବେଡ଼ା,୨୬।୯ (ସମିସ): ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟରେ ଯୁବ ରେଡ କ୍ରସ ଓ ରେଡ ରିବନ କ୍ଲବ ତରଫରୁ ସ୍ୱେଚ୍ଛାସେବୀ ମାନଙ୍କଦ୍ୱାରା ପରିସର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷା ଓ ଯୁବ ରେଡ କ୍ରସର ସଭାପତି ଡକ୍ଟର ଅନସୂୟା ନନ୍ଦ ନାଲି ଫିତା କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱେଚ୍ଛାସେବୀ ମାନଙ୍କ ସଙ୍ଗେ ମିଶି ସେମାନଙ୍କୁ ସଫେଇ କାର୍ଯ୍ୟକ୍ରମରେ ଉତ୍ସାହିତ କରିଥିଲେ। ଏଥିରେ ୱାଇ ଆର ସିର କାଉନସିଲର ଡକ୍ଟର ଶାନ୍ତନୁ କୁମାର ନାୟକ ଓ ସହଯୋଗୀ କାଉନସିଲର ଅଧ୍ୟାପିକା ଚିନ୍ମୟୀ ପଣ୍ଡାଙ୍କ ସହଯୋଗରେ ହୋଇଥିଲା। ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ସଞ୍ଜୟ ପୁରୋହିତ, ଗୌରୀଶଙ୍କର ରଥ, ହିରଣ୍ମୟୀ ତ୍ରିପାଠୀ, ଡକ୍ଟର ସଞ୍ଜୟ ଲେଙ୍କା, ଦିଲ୍ଲୀପ ସାମଲ, ସତ୍ୟବ୍ରତ ସାହୁ, ଶ୍ରୀଲତା ଜେନା, ଅରୁଣ ବାରିକ ପ୍ରମୁଖଙ୍କ ସଙ୍ଗେ ଯୁଥ ରେଡ କ୍ରସର ସମସ୍ତ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

# ଅଙ୍ଗନବାଡ଼ି ଘର ଉପରେ ପଡ଼ିଲା ଗଛ



ଲକ୍ଷ୍ମୀପୁର,୨୬।୯(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଓଡ଼ିଆପେଣ୍ଠ ପଞ୍ଚାୟତ ଅନ୍ତର୍ଗତ ସିଙ୍ଗାରାମ ଗାଁରେ ଥିବା ଅଙ୍ଗନବାଡ଼ି ଘର ଉପରେ ବୁଧବାର ରାତିରେ ଏକ ବଡ଼ ଆମ୍ବ ଗଛ ପଡ଼ି ଯାଇଥିବା ଦେଖିବାକୁ ମିଳିଛି। ରାତିରେ ହୋଇଥିବାରୁ ପିଲାମାନେ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି। ଗଛ ପଡ଼ିବା ସମ୍ପର୍କରେ ଗ୍ରାମର କଣ୍ଟେସ୍ୱର ହିକକା ଓ ପୋପୁ ହିକକା, ଓଡ଼ିଆପେଣ୍ଠ ସରପଞ୍ଚ ବଂଶୀଧର ମାଣ୍ଡିଙ୍ଗାଙ୍କୁ ଅବଗତ କରାଇ ଥିଲେ। ସରପଞ୍ଚ ଶ୍ରୀ ମାଣ୍ଡିଙ୍ଗା ସଙ୍ଗେ ସଙ୍ଗେ ଉକ୍ତ ସ୍ଥାନକୁ ଆସି ବିଡିଓ ସବ୍ୟସାଚୀ ବେହେରାଙ୍କୁ ଜଣାଇ ଥିଲେ। ଅଗ୍ନିଶମ, ଓଡ୍ରାଫ ଟିମ୍ ଆସି ପଡ଼ିଥିବା ଗଛକୁ କାଟି ସଫା କରିଥିଲେ। ଗଛ ପଡ଼ିବା ଯୋଗୁଁ ଅଙ୍ଗନବାଡି କେନ୍ଦ୍ରର ପାଚେରି ସହ ଘର କାନ୍ଥ ମଧ ଫାଟି ଯାଇଥିବା ସରପଞ୍ଚ କହିଛନ୍ତି। ଠିକ୍ ଭାବେ ଘରର ଅବସ୍ଥା ଦେଖି ପିଲାଙ୍କୁ ପାଠ ପଢିବାକୁ ଭିତରକୁ ଛାଡ଼ିବା ଆବଶ୍ୟକ ବୋଲି ଗାଁ ଲୋକେ କହିଛନ୍ତି।

# ଚନ୍ଦାହାଣ୍ଡିରେ ମେଗା ସ୍ୱାସ୍ଥ୍ୟ ଶିବିର



**ଚନ୍ଦାହାଣ୍ଡି,୨୬।୯ (ସମିସ):** ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶିବିରରେ ମୁଖ୍ୟ ଅତିଥି ଭାବେ ସିଡିଏମ ଡ଼ଃ ସନ୍ତୋଷ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ବିଡିଓ ଚୈନୁ ଗଣ୍ଡ, ଡିଏମ୍ଆର ସିଏଚ ମାନସ ପଣ୍ଡା, ଆଶା କୋର୍ଡିନେଟର ସଂଗ୍ରାମ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ, ସରପଞ୍ଚ ଗଂଗେଶ୍ୱରୀ ପୂଜାରୀ, ସମିତି ସଭ୍ୟ ପୌରଷ ମାଝୀ, ବିଜେପି ନେତା ଗୋବିନ୍ଦ ଜୈନ, ବସନ୍ତ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ଼ଃ ପ୍ରମୋଦ କୁମାର ନାୟକ, ଶିଶୁ ରୋଗ ବିଶେଷଜ୍ଞ ଦେବୀପ୍ରସାଦ ଦାସ, ଚକ୍ଷୁ ବିଶେଷଜ୍ଞ ଡ଼ଃ ଏମଡି ସୁଲେମାନ ରାହେମନ, ଦନ୍ତ ବିଶେଷଜ୍ଞ ଡ଼ଃ ଅମିତ ଦାସ ଏବଂ କାନ, ନାକ, ଗଳା ବିଶେଷଜ୍ଞ ଭାବେ ଡଃ ତୃପ୍ତି ରଞ୍ଜନ ଷଡ଼ଙ୍ଗୀ, ୫ ଜଣ ବିଶେଷଜ୍ଞ ଡାକ୍ତର ଯୋଗ ଦେଇ ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେଇଥିଲେ। ଏଥିସହ କ୍ୟାନ୍ସର ଏବଂ ଯକ୍ଷ୍ମା ରୋଗୀଙ୍କର ମଧ ସ୍ୱତନ୍ତ୍ର ଭବେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ମାଗଣା ଔଷଧ ପ୍ରଦାନ ସହିତ କିଛି ରୋଗୀଙ୍କ ରକ୍ତ, ମଳ ମୂତ୍ର ପରୀକ୍ଷା କରାଯାଇଥିଲା। ସୂଚନା ଥାଉକି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି, ଶିଶୁ ତଥା ଚକ୍ଷୁ ଭଳି ଅତ୍ୟାବଶ୍ୟକ ବିଭାଗର ବିଶେଷଜ୍ଞ ନିହାତି ରହିବା କଥା । କିନ୍ତୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାର ଅଭାବ ଯୋଗୁଁ ରୋଗୀ ଚିକିତ୍ସା ପାଇ ପାରୁ ନାହାନ୍ତି । ବିଭାଗ ପକ୍ଷରୁ ଏଭଳି ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବା ଆବଶ୍ୟକ ରହିଛି ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ଆଜିର ଏହି ଶିବିରରେ ଆଖପାଖ ଅଞ୍ଚଳ ତଥା ଛତିଶଗଡ଼ ସୀମାନ୍ତ ଗ୍ରାମରୁ ପ୍ରାୟ ୬ଶହରୁ ଅଧିକ ରୋଗୀ ପହଞ୍ଚି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କିଶୋରୀ ସ୍ୱାସ୍ଥ୍ୟ ମେଳାରେ ହଳଦୀ, ଜୁନାପାଣି ଓ ଚନ୍ଦାହାଣ୍ଡି ଆଶ୍ରମ ବିଦ୍ୟାଳୟର ଛାତ୍ରୀ ମାନେ ନୃତ୍ୟ ଓ ଗୀତ ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନ ବାର୍ତ୍ତା ପରିବେଷଣ କରିଥିଲେ। ଶିବିରକୁ ଗୋଷ୍ଠୀ ଚିକିତ୍ସାଧିକାରୀ ଡକ୍ଟର ମନୀଷ ପୁରୋହିତ ପରିଚାଳନା କରିଥିବା ବେଳେ ବିପିଏମଓ ମାନସ କୁମାର ରଥ, ଡା. ତସ୍ମୀର ପ୍ରିୟଦର୍ଶନ, ଡା. ରୁଦ୍ର ପ୍ରସାଦ ଗୌଡ଼, ଡା. ସୌମ୍ୟ ରଞ୍ଜନ ପୁରୋହିତ, ପ୍ରଦୀପ ପତି, ରୁଦ୍ର କୋଲଥିଆ ଆଶୁତୋଷ ଖମାରୀ, ଜିତେନ୍ଦ୍ର ସିହ୍ନା, ଦଳେନ୍ଦ୍ର ନାୟକ, ନାରାୟଣ ବାଘ, ଅମରେଶ ଖମାରୀ, ମାନସ ପଣ୍ଡା, ଅନ୍ତର୍ଯ୍ୟାମୀ ବାଘ ପ୍ରମୁଖ ସହଯୋଗ କରିଥିଲେ।

# ମହିଳା ସ୍ନାତକ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା

ନବରଙ୍ଗପୁର,୨୬।୯(ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷା ମାଲେଶ୍ୱରୀ ସାହୁଙ୍କ ସଭାପତିତ୍ୱରେ ସ୍ୱାସ୍ଥ୍ୟ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଶ୍ରୀମତୀ ତାଇରା ବେଗମ୍ ଏବଂ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଡା.ଏମ୍ ରୋହିଣୀ ରାଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ବହୁମୁଖି ମହିଳା ସ୍ୱାସ୍ଥ୍ୟକର୍ମୀ ହଲିମା ବାଘ୍, ସାଗରିକା ଦାସ, ଲିପିକା ପଣ୍ଡା, ବନଶ୍ରୀ ପଣ୍ଡା ଉପସ୍ଥିତ ରହି ଛାତ୍ରୀମାନଙ୍କର ହିମୋଗ୍ଲୋବିନ ଏବଂ ରକ୍ତ ଶିକୁଳି ରୋଗର ଚିହ୍ନଟୀକରଣର ପରୀକ୍ଷା ପାଇଁ ରକ୍ତ ନମୁନା ସଂଗ୍ରହ କରିଥିଲେ। ଆଶା କର୍ମୀ ଦମୟନ୍ତୀ ଜାନୀ, ଲକ୍ଷ୍ମୀ ବିହାରୀ, ରେବତୀ ନାୟକ ଏବଂ ସ୍ନିଗ୍ଧାରାଣୀ ସହଯୋଗ କରିଥିଲେ। କାର୍ଯକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଏବଂ ଅଧ୍ୟାପକଙ୍କ ସମେତ ବହୁ ସଂଖ୍ୟକ ଛାତ୍ରୀ ଯୋଗ ଦେଇଥିଲେ।

# ସ୍ୱାସ୍ଥ୍ୟ ସଚେତନତା

ଉମରକୋଟ,୨୬।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ଲବ ଦତ୍ତ, ବ୍ଲକ ଅଧ୍ୟକ୍ଷା,ଭାମିନୀ ସରପଞ୍ଚ, ସୁକିଗାଁ ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୪୦ ୟୁନିଟ ରକ୍ତ ଉମରକୋଟ ରକ୍ତ ଭଣ୍ଡାରର ଡା ସବ୍ୟସାଚୀ ଦାସ ଓ କର୍ମଚାରୀ ମାନେ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା ପତିତପାବନ ଦ୍ୱିବେଦୀ, ଡା ଏନ ରବି ବାବୁ ପ୍ରିୟଙ୍କା ସିଲ୍, ବିପିନ୍ ମାଝୀ,ପ୍ରଶାନ୍ତ ମଲିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ।






## ଅଢ଼େଇ ଶହ ବର୍ଷ ପୁରାତନ ପୀଠ

# ଜୟପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ଭଗବତୀ




ଜୟପୁର,୨୬।୯ (ସମିସ):

ଜୟପୁର ରାଜା ରାଜୁଡା ସମୟରୁ ହିଁ ସହରର ମୁଖ୍ୟପୀଠ ତଥା ସହରର ଅଧିଷ୍ଠାତ୍ରୀ ଦେବୀ ଭଗବତୀଙ୍କ ମନ୍ଦିରରେ ମୂଳାଷ୍ଟମୀ ଠାରୁ ପୂଜାର୍ଚ୍ଚନା ପରେ ଦେବୀଙ୍କ ଆଜ୍ଞାମାଳ ନେଇ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦୈବୀପୀଠକୁ ନିମନ୍ତ୍ରଣ ପ୍ରେରଣ ପରେ ଜୟପୁର ଦଶହରା ଯାତ୍ରା ଏବଂ ଅପରାଜିତା ପୂଜାରେ ଯୋଗଦେବା ପାଇଁ ନିମନ୍ତ୍ରଣ ହୋଇଥାଏ। ଦେବୀ ଭଗବତୀ ପୀଠ ସହର ବାସିନ୍ଦା, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସର ପୀଠ ଭାବେ ପରିଚିତ। ତେଣୁ ଦଶହରା ଉତ୍ସବରେ ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ସହରର ସମସ୍ତ ଦେବୀ ମାନେ ଅନ୍ତିମ ଦିବସରେ ବିମାନରେ ପ୍ରତିମୂର୍ତ୍ତି , ଲାଠି ଏବଂ ଗାଦି ପ୍ରତୀକ ଭାବେ ଭଗବତୀ ମନ୍ଦିରରେ ପହଞ୍ଚି ଏଠାରୁ ଦଶହରା ପଟୁଆର ବିଳମ୍ବିତ ରାତ୍ରୀରେ ଆରମ୍ଭ ହୋଇଥାଏ। ତେଣୁ ଜୟପୁର ସହରର ଅଧିଷ୍ଠାତ୍ରୀ ଦେବୀ ଭାବେ ରାଜା ରାଜୁଡା ସମୟରୁ ହିଁ ଏଠାରେ ପୂଜାର୍ଚ୍ଚନା କରାଯାଉଛି। ଅଷ୍ଟମୀ ତିଥିରେ ବୋଦା ବଳି ପ୍ରଥା ଏବେ ମଧ ରହିଛି। ମୂଳାଷ୍ଟମୀ ଠାରୁ ନବମୀ ପର୍ଯ୍ୟନ୍ତ ଦେବୀଙ୍କ ନିକଟରେ ହୋମଯଜ୍ଞ ସହିତ ଷୋଡଶ ଉପଚାରରେ ପୂଜାର୍ଚ୍ଚନା ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ। ତେଣୁ ଏହି ପୀଠରେ ଆଶ୍ୱିନ ମାସର ନବରାତ୍ର ଏବଂ ଚୈତ୍ର ମାସରେ ଲୋକଙ୍କ ପ୍ରବଳ ଭୀଡ ହୋଇଥାଏ। ମାଁ ଭଗବତୀ ଦେବୀଙ୍କ ମୁଗୁନୀ କଳା ପଥରେ ନିର୍ମିତ ପ୍ରତିମୂର୍ତ୍ତି ସାଢେ ୨ଶହ ବର୍ଷ ପୂର୍ବରୁ ଜୟପୁର ମହାରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଦବୀ ପ୍ରକୃତରେ ଜୟପୁର ବ୍ଲକ ଜାମୁଣ୍ଡା ଗ୍ରାମରେ ଆଦିବାସୀ ପୂଜକଙ୍କ ଦ୍ୱାରା ପୂଜା ପାଉଥିଲେ। କିନ୍ତୁ ଶତାଧିକ ବର୍ଷ ପୂର୍ବରୁ ମହାରାଜା ସହରକୁ ଦେବୀଙ୍କ ଆଜ୍ଞା ଓ ନିର୍ଦ୍ଦେଶ ଅନୁଯାୟୀ ଜୟପୁର ସହରର ବଲ୍ଲଭ ନାରାୟଣ ମନ୍ଦିରକୁ ଆଣି ସେଠାରେ ଟିଣ ଛପର ଗୃହ ନିର୍ମାଣ କରିବା ସହିତ ସେଠାରେ ରୀତିନୀତି ଅନୁଯାୟୀ ସ୍ଥାପିତ କରିବା ପରେ ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ଯନ୍ତ୍ର,ତନ୍ତ୍ର ଓ ମନ୍ତ୍ର ମାଧ୍ୟମରେ ପୂଜାର୍ଚ୍ଚନା କରାଯାଉଛି। ଗତ କିଛି ବର୍ଷ ପୂର୍ବରୁ ଭଗବତୀ ମନ୍ଦିର ଟ୍ରଷ୍ଟ ଗଠନ କରାଯାଇ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଛି। ବର୍ତ୍ତମାନ ଏହି ମନ୍ଦିରର ଜଗନ୍ନାଥ ମନ୍ଦିର ଏବଂ ବଲ୍ଲଭ ନାରାୟଣ ମନ୍ଦିର ମଧ୍ୟରେ ସ୍ଥାପିତ ହୋଇଥିବା ବେଳେ ଏହାର ପରିଚାଳନା ଦାୟୀତ୍ୱ ରାଜ୍ୟ ସରକାରଙ୍କ ଦେବତ୍ତୋର ବିଭାଗ ଦ୍ୱାରା ପରିଚାଳିତ ହେଉଛି। ନବରାତ୍ରୀ ପାଳନ କରୁଥିବା ମାନସିକଧାରୀ ଏଠାରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ସହ ପୂଜାର୍ଚ୍ଚନା କରିଥାଆନ୍ତି। ଜିଲ୍ଲାର ଉନ୍ନତି ଏବଂ ସୁରକ୍ଷା ପାଇଁ ଦେବୀଙ୍କ ନିକଟରେ ନିଷ୍ଠା ଓ ରୀତିନୀତିରେ ପୂଜାର୍ଚ୍ଚନା ହେଉଥିବା ଭଗବତୀ ମନ୍ଦିରର ମୁଖ୍ୟ ପୂଜକ ଧିରେନ୍ଦ୍ର ରଥ ପ୍ରକାଶ କରିଛନ୍ତି। ଆଗମୀ ମହାଷ୍ଟମୀ ତିଥିରେ ଦେବୀଙ୍କ ନିକଟରେ ଦୁଇଟି ବୋଦାବଳୀ, ନବମୀ ତିଥିରେ ଶାନ୍ତି ହୋମ ଏବଂ ଦଶହରା ତିଥିରେ ରାତ୍ରୀରେ ଦେବୀ ଭଗବତୀଙ୍କ ପ୍ରତମୂର୍ତ୍ତି ବିମାନ ଯୋଗେ , ଦେବୀ ଦକ୍ଷିଣ କାଳୀ, ଦେବୀ କନକଦୁର୍ଗା, ଦେବୀ ବସନ୍ତାୟୀଙ୍କ ପ୍ରତିମୂର୍ତ୍ତିଙ୍କ ବିମାନ ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଆସିଥିବା ବିଭିନ୍ନ ଦେବୀପୀଠର ପ୍ରତିକ ଲାଠି ଏବଂ ଗାଦି ଜୟପୁର ରାଜମହଲ ସମ୍ମୁଖରେ ଏକତ୍ରୀତ ହେବେ। ଜୟପୁର ମହାରାଜାଙ୍କ ପରିବାର ପକ୍ଷରୁ ଆଳତୀ ଓ ପୂଜାର୍ଚ୍ଚନା ପରେ ରଥପଡିଆସ୍ଥିତ ଦେବୀ କନକଦୁର୍ଗାଙ୍କ ମଣ୍ମୟୀ ମୂର୍ତ୍ତି ସହିତ ଏକ ବିରାଟ ପଟୁଆରାରେ ଦଶହରା ପଡିଆ ଠାରେ ପହଞ୍ଚି ସେଠାରେ ଅପରାଜିତା ପୂଜା ପରେ ପୁଣି ଭୋରରୁ ନିଜ ନିଜ ମନ୍ଦିରୁକୁ ଫେରିବା ସହିତ ମହାସ୍ନାନ କରାଯାଇ ପୂଜାର୍ଚ୍ଚନା କରାଯିବା ପରେ ଦଶହରା ପର୍ବ ଶେଷ ହୋଇଥାଏ। ରାଜାରାଜୁଡା ସମୟର ଭଗବତୀ ପୀଠରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରକାର ଖଣ୍ଡା, ବର୍ଚ୍ଛା, ତ୍ରିଶୂଳ, ଢାଲ, ଲାଠି, ପର୍ଶୁ ଟାଙ୍ଗୀ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ଭୋଗ ଭାବେ କାକରା, ବରା, ବିଭିନ୍ନ ପ୍ରକାର ମିଷ୍ଟାନ୍ନ, ଛେନାରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଛପନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇ ଦେବୀଙ୍କ ନିକଟରେ ଭୋଗଲାଗି କରାଯାଇଥିଲା। ଦେବୀ ଅଷ୍ଟମୀ ତିଥିରେ ମହିଷାସୂର ମର୍ଦ୍ଦିନୀ ବେଶରେ ସଂଧ୍ୟାରୁ ଭକ୍ତ ମାନଙ୍କୁ ଦର୍ଶନ ଦିଅନ୍ତି। ମୁଖ୍ୟ ପୂଜକ ଧିରେନ୍ଦ୍ର ରଥଙ୍କ ସମେତ ସହାୟକ ପୂଜକ ଜଗନ୍ନାଥ ତ୍ରିପାଠୀ, ସିଦ୍ଧେଶ୍ୱର ଦାଶ ପ୍ରମୁଖ ପୂଜାର୍ଚ୍ଚନା କରଥାନ୍ତି ।

ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱ ଦେଖ ମଧୁମୟରେ ଜୀବନ ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ ତୋ ପାପ ମରଣ ଭୟ।
-ସ୍ୱଭାବ କବି ଗଙ୍ଗାଧର ମେହେର

## ସୁଧୁରୁଛି ମଧ୍ୟପ୍ରାଚ୍ୟ ସ୍ଥିତି

ଏକ ବୃହତ୍ତର ଇସ୍ରାଏଲ ଗଠନ ଆଳରେ ପାଲେଷ୍ଟାଇନ୍ ସ୍ଥିତିକୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦୃଢ଼ ଅସ୍ୱୀକାର କରିଆସିଥିବା ବେଳେ ଗାଜାପଟିରେ ଚାଲିଥିବା ନରସଂହାର ଓ ଅମାନବୀୟ ନିର୍ଯାତନାକୁ ବିଶ୍ୱଜନମତ ଦୃଢ଼ ବିରୋଧ କରିବା ସହ ପାଲେଷ୍ଟାଇନକୁ ଏକ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଦେଉଥିବା ରାଷ୍ଟ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଇସ୍ରାଏଲକୁ ଏପର୍ଯ୍ୟନ୍ତ ନିରଙ୍କୁଶ ସମର୍ଥନ ଦେଇଆସିଥିବା ଆମେରିକାର ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ରମାନେ ମଧ୍ୟ ଏହି ପ୍ରସଙ୍ଗରେ କେବଳ କରଛଡ଼ା ଦେଇନାହାନ୍ତି, ପାଲେଷ୍ଟାଇନକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଇଂଲଣ୍ଡ, କାନାଡ଼ା, ଫ୍ରାନ୍ସ, ପର୍ତ୍ତୁଗାଲ ଓ ଅଷ୍ଟ୍ରେଲିଆ ଅନ୍ୟତମ। ଏପରିକି ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟ ଇସ୍ରାଏଲ ସହ ଥିବା ଦ୍ୱିପାକ୍ଷିକ ଚୁକ୍ତି ରଦ୍ଦ କରିବାକୁ ଧମକ ଦେଇଛି। ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୫୭ ଦେଶ ପାଲେଷ୍ଟାଇନର ସ୍ୱାତନ୍ତ୍ର୍ୟକୁ ମାନ୍ୟତା ଦେଇଛନ୍ତି। ଏହି ପୃଷ୍ଠଭୂମିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆରବ ରାଷ୍ଟ୍ରର ମୁସଲମାନ ନେତାଙ୍କ ସହ ଆଲୋଚନା ବେଳେ ସ୍ଥାୟୀ ଯୁଦ୍ଧ ବିରତି ପ୍ରସ୍ତାବ ଆଗତ କରାଉଥିବା ସୂଚନା ଦେଇଛନ୍ତି। ଏହାର ପ୍ରଥମ ସର୍ତ୍ତ ରହିବ ପଣବନ୍ଦୀ ପ୍ରତ୍ୟାହାର। ନେତାନ୍ୟାହୁଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ହରାଇଥିବାରୁ ହମାସ ଏହି ସର୍ତ୍ତକୁ କେତେଦୂର ଗ୍ରହଣ କରିବ ସେ ନେଇ ସନ୍ଦେହ ରହିଛି। ତେବେ ବୁଝାମଣା ପ୍ରସ୍ତାବକୁ ଏକ ସକାରାତ୍ମକ ରୂପ ଦେବା ପାଇଁ ବିଭିନ୍ନ ମହଲରୁ ଉଦ୍ୟମ ଚାଲିଛି। ଏପରିକି ଯୁଦ୍ଧ ପରବର୍ତ୍ତୀ ଗାଜାର ଶାସନ ଦାୟିତ୍ୱ କାହା ହାତରେ ରହିବ ଓ ୱେଷ୍ଟବ୍ୟାଙ୍କର ଭବିଷ୍ୟତ ନେଇ ଆଲୋଚନାରେ ବେଶ ଅଗ୍ରଗତି ଘଟିଥିବାର ସୂଚନା ମିଳିଛି।

ଜାତିସଂଘ ଅଧିବେଶନରେ ଯୋଗଦେବା ସକାଶେ ନେତାନ୍ୟାହୁ ପହଞ୍ଚିଛନ୍ତି। ଯେତେଦୂର ସମ୍ଭବ ଏହି ଶାନ୍ତି ପ୍ରସ୍ତାବ ନେଇ ଟ୍ରମ୍ପ ତାଙ୍କ ସହ ଆଲୋଚନା କରିବେ। ଇସ୍ରାଏଲ କ୍ରମେ ଏକଘରିଆ ହୋଇଯାଇଥିବାରୁ ପ୍ରତିକୂଳ ପରିସ୍ଥିତିର ଗୁରୁତ୍ୱ ସମ୍ପର୍କରେ ସେ ବୁଝାଇବା ସହ ଏହି ଶାନ୍ତି ପ୍ରୟାସ ପଛରେ ନିଜର ମହତାକାଂକ୍ଷାକୁ ସାକାର କରିବାକୁ ଚାହିଁବେ। ଏମିତିରେ ଇସ୍ରାଏଲରେ ଜନମତ ଯାହା, ଯୁଦ୍ଧ ସମାପ୍ତି ପରେ ନେତାନ୍ୟାହୁଙ୍କୁ କ୍ଷମତାରୁ ବିଦା କରିବାକୁ ବେଶି ସମୟ ଲାଗିବ ନାହିଁ। ଏହାବ୍ୟତୀତ ତାଙ୍କ ବିରୋଧରେ ଥିବା ଦୁର୍ନୀତି ଅଭିଯୋଗର ପ୍ରାମାଣିକ ତଥ୍ୟ ଅଦାଲତରେ ବିଚାରାଧୀନ ରହିଛି। ତେଣୁ ବୃହତ୍ତର ଇସ୍ରାଏଲ ଗଠନର ଆଶା ନେଇ ଯୁଦ୍ଧ ଜାରି ରଖିବାକୁ ସେ ଚାହାନ୍ତି। ନିଜର କ୍ଷମତା ଓ ରାଜନୈତିକ ଭବିଷ୍ୟତକୁ ସେ ଏହି ଯୁଦ୍ଧରେ ବାଜି ଲଗାଇଛନ୍ତି। ତେଣୁ ଟ୍ରମ୍ପଙ୍କ ପ୍ରସ୍ତାବରେ ସେ ରାଜି ହେବା ବିନିମୟରେ ଇରାନ ଉପରେ ଆକ୍ରମଣ କରିବାକୁ ଚାହିଁବେ। ଆମେରିକାର ଇରାନ୍ ବିରୋଧୀ ନୀତି ଦୃଷ୍ଟିରୁ ନେତାନ୍ୟାହୁଙ୍କୁ ଟ୍ରମ୍ପ ବ୍ୟବହାର କରିବା କିଛି ବିଚିତ୍ର ନୁହେଁ। ଏଠାରେ ମନେ ରଖିବାକୁ ହେବ ଯେ ଇରାନ ଗାଜାପଟି ନୁହେଁ। ଇରାନକୁ ସାମରିକ ଦୃଷ୍ଟିରୁ ସୁଦୃଢ଼ କରିବା ସକାଶେ ରୁଷ ଓ ଚୀନ କ୍ରମାଗତ ସହାୟତା ଯୋଗାଉଛନ୍ତି। ଅନ୍ୟପକ୍ଷରେ କାତାର ରାଜଧାନୀ ଦୋହା ଉପରେ ବୋମାମାଡ଼ କରି ଇସ୍ରାଏଲ ଯେଉଁ ରଣନୈତିକ ତ୍ରୁଟି କରିଛି ତାହା ସମ୍ଭାବ୍ୟ ତେହେରାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନରେ ବାଧକ ହେବ।

ମଧ୍ୟପ୍ରାଚ୍ୟରେ ଇସ୍ରାଏଲର କାର୍ଯ୍ୟକଳାପକୁ ନେଇ ଯେଉଁ ଅସନ୍ତୋଷ ସୃଷ୍ଟି ହୋଇଛି ତାହା ଆଗକୁ ଆମେରିକାର ବୃହତ୍ତର ସ୍ୱାର୍ଥହାନି ଘଟାଇବ। ଏହାସତ୍ତ୍ୱେ ନେତାନ୍ୟାହୁଙ୍କ ପ୍ରତି ଟ୍ରମ୍ପଙ୍କ କୋହଳ ନୀତି କୂଟନୈତିକ ମହଲରେ ବିସ୍ମୟ ସୃଷ୍ଟି କରିଛି। ଗାଜା ପରେ ଯୁଦ୍ଧ ଯଦି ଇରାନ ମୁହାଁ ହୁଏ ତେବେ ପରିସ୍ଥିତି ଆହୁରି ଭୟାବହ ହେବ। ସେଥିପାଇଁ ବିଶ୍ୱର ଦୁଇ ଅହଂକାରୀ ନେତା ହିଁ ଦାୟୀ ହେବେ। ●

## ଅସୁରକ୍ଷିତ ସ୍ୱାସ୍ଥ୍ୟ ବ୍ୟବସ୍ଥା

ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। କେଉଁଠି ଚିକିତ୍ସା କରିବାକୁ ଡାକ୍ତର ନାହାନ୍ତି ତ କେଉଁଠି ସେବାକାରୀ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ହସପିଟାଲ ଓ ଚିକିତ୍ସା କେନ୍ଦ୍ର ଉପରେ ନିର୍ଭରଶୀଳ ସାଧାରଣ ରୋଗୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢୁଛି। ସ୍ଥଳବିଶେଷରେ ଚିକିତ୍ସା ତ୍ରୁଟି ଦର୍ଶାଇ ରୋଗୀର ପରିବାର ଓ ଆତ୍ମୀୟ ସ୍ୱଜନ ଦାୟିତ୍ୱରେ ଥିବା ଚିକିତ୍ସକ ଓ ତାଙ୍କ ସହାୟକଙ୍କୁ ଆକ୍ରମଣ କରୁଛନ୍ତି। ଏଭଳି ପରିସ୍ଥିତି ଅପେକ୍ଷାକୃତ ଅଧିକ ନିରାପଦ ଓ ସୁରକ୍ଷିତ ବ୍ୟବସ୍ଥା ମଧ୍ୟରେ ପରିଚାଳିତ ରାଜଧାନୀ ହସପିଟାଲରେ ମଧ୍ୟ ଅନୁଭୂତ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ୪ ଦିନ ସମୟ ଲାଗିଥିଲା। ଅନୁରୂପ ପରିସ୍ଥିତି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଉପୁଜିଛି। ଛୋଟ ପିଲାଙ୍କ ଚିକିତ୍ସା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ କୌଣସି କାରଣରୁ ସେମାନଙ୍କ ଜୀବନ ଚାଲିଗଲେ ଉତ୍ତେଜନା ଓ ହିଂସାକାଣ୍ଡ ସୃଷ୍ଟି ହୋଇଥାଏ। ଉପରୋକ୍ତ ଦୁଇଟି ଯାକ କ୍ଷେତ୍ରରେ ଶିଶୁମୃତ୍ୟୁ ହିଁ ବିବାଦର ମୁଖ୍ୟ କାରଣ।

ସୋମବାର କ୍ୟାପିଟାଲ ହସପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଅଟୋଚାଳକଙ୍କ ପିଲାର ମୃତ୍ୟୁ ଘଟଣାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେଠାରେ ଥିବା ଫାଣ୍ଡି ଅଧିକାରୀ ଓ ପୁଲିସକର୍ମୀ କେବଳ ଦେଖଣାହାରି ପାଲଟିଥିଲେ। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିବା ହିଂସାକାଣ୍ଡର ତୁରନ୍ତ ସମାଧାନ ହୋଇ ପାରିନଥିଲା। ଅପରାହ୍ନ ୫ଟାରେ ତନଖି ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାକ୍ରମ ସଂପର୍କରେ ପଚାରି ଚାଲିଯାଇଥିଲେ। ଏହି ଆକ୍ରମଣ ଘଟଣାକୁ କେନ୍ଦ୍ର କରି ହସପିଟାଲରେ ୩ ଦିନ ଧରି ଅଚଳାବସ୍ଥା ଲାଗିରହିଥିଲେ ମଧ୍ୟ ପରିସ୍ଥିତି ସୁଧୁରି ନଥିଲା। ଚତୁର୍ଥ ଦିନ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଆକ୍ରମଣକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ସ୍ୱାଭାବିକତା ଫେରିଛି। କ୍ୟାପିଟାଲ ହସପିଟାଲକୁ ମେଡିକାଲ କଲେଜର ମର୍ଯ୍ୟାଦା ଦିଆଯାଇଥିବାରୁ ତାହାର ଗୁରୁତ୍ୱ ବଢ଼ିଛି। ଅଥଚ ସେଠାରେ ଥିବା ଫାଣ୍ଡି ସହ ସଂଯୁକ୍ତ ଥିବା ଏକ ପ୍ଲାଟୁନ ପୁଲିସ ବାହିନୀକୁ କେଉଁ ପରିସ୍ଥିତିରେ ପ୍ରତ୍ୟାହାର କରିଦିଆଯାଇଥିଲା ତାହା ଆମକୁ ଅଜଣା। ଏବେ ପ୍ରଶାସନ ସେହି ପୁରୁଣା ବ୍ୟବସ୍ଥାକୁ ଫେରିଛନ୍ତି। ଆମର ଏଠାରେ କହିବାର କଥା ଯେ କ୍ଷମତା ବଦଳିଲେ ମଧ୍ୟ ବ୍ୟବସ୍ଥା ଅପରିବର୍ତ୍ତୀ ରହିବା ଜରୁରୀ। ଏହି ଛୋଟିଆ ଭୁଲରୁ କ୍ୟାପିଟାଲ ହସପିଟାଲରେ ଲଙ୍କାକାଣ୍ଡ ଘଟିଗଲା, ଆମେ ସେଥିପାଇଁ କାହାକୁ ଦାୟୀ କରିବା? ଏବେ ଆସିବା ନୟାଗଡ଼ ପ୍ରସଙ୍ଗକୁ। ଗୋଟିଏ ଅଢ଼େଇମାସର ଶିଶୁକୁ ଟିକା ଦେବାରେ ତ୍ରୁଟି ହେଉକି ଅନ୍ୟକିଛି, ଟିକା ସ୍ଥାନରୁ କ୍ରମାଗତ ରକ୍ତସ୍ରାବ ଘଟିବା ଅଭିଭାବକଙ୍କ ପାଇଁ ନିଶ୍ଚୟ ଚିନ୍ତା ଓ ଉଦ୍‌ବେଗର ବିଷୟ। ଏଏନଏମ ସ୍ତରରେ ହେଉଥିବା ତ୍ରୁଟିକୁ ମୁଖ୍ୟ ଚିକିତ୍ସାଳୟ ସ୍ୱତନ୍ତ୍ର ଚିକିତ୍ସା ମାଧ୍ୟମରେ ସୁଧାରି ପାରିଥା'ନ୍ତେ। ଏକ୍ଷେତ୍ରରେ ଯଥୋଚିତ ଗୁରୁତ୍ୱ ଦିଆ ନଯିବାରୁ ଶିଶୁଟିର ମୃତ୍ୟୁ ଘଟିଲା। ତେଣୁ ପରବର୍ତ୍ତୀ ପରିସ୍ଥିତି ଯାହା ହେବା କଥା ତାହା ହିଁ ସେଠାରେ ଉପୁଜିଲା। ଠିକାରେ ନିଯୁକ୍ତି ଏଏନଏମ ମାସ ମାସ ଧରି ବେତନ ନପାଇ ଏକନିଷ୍ଠ ସେବା ଦେଇ ନପାରିବାରେ ମଧ୍ୟ ଅସ୍ୱାଭାବିକତା ନାହିଁ। କିନ୍ତୁ ଏହା କାହାର ଜୀବନ ବିନିମୟରେ ହେବା ଉଚିତ ନୁହେଁ। ନିକଟ ଅତୀତରେ ଚିକିତ୍ସା ଅବହେଳା ସକାଶେ ସେଠାରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ନିଲମ୍ବନ କରାଯାଇଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ ବ୍ୟବସ୍ଥା ସୁଧାରିବାରେ ଏହା ଏକମାତ୍ର ବିକଳ୍ପ ନୁହେଁ।

ଏହି ଦୁଇଟି ଘଟଣା ଉପସ୍ଥାପନ କଲା ବେଳେ କଲକାତାର ଆରଜି କର ହସପିଟାଲ ଘଟଣା ସ୍ୱତଃ ସାମ୍ନାକୁ ଆସିଯାଉଛି। ଚିକିତ୍ସାକେନ୍ଦ୍ର ବା ହସପିଟାଲ ରଣକ୍ଷେତ୍ର ବା ଅପରାଧୀଙ୍କ ଆଡ୍ଡାସ୍ଥଳ ହେବାକୁ ଦିଆଯିବ ନାହିଁ। ସାର୍ବଭାରତୀୟ ସ୍ତରରେ ଯେଉଁ ନିର୍ଦ୍ଦେଶାବଳୀ ଅନୁପାଳନ ସକାଶେ କଠୋର ତାଗିଦ୍ କରାଯାଇଥିଲା ତାହା ଆମରାଜ୍ୟରେ କାର୍ଯ୍ୟକାରୀ ହେଉଛି ତ? ଆମେ ଯେଉଁ ଘଟଣା ଏଠାରେ ଉପସ୍ଥାପନ କରିଛୁ ତାହା ବିରଳ ଘଟଣା ନୁହେଁ। ବିଭିନ୍ନ ସ୍ଥାନରେ ତାହା ଉପୁଜୁଛି। ସରକାର ସେଥିପ୍ରତି ସଚେତନ ହେବା ଉଚିତ। ●

## ଶାସକର ଦରବାର ଊର୍ଦ୍ଧ୍ୱରେ ଶାସିତର ଦରବାର

ମନୋରଂଜନ ମହାନ୍ତି

ଇତିହାସ ସାକ୍ଷୀ, ପୃଥିବୀରେ ଯେଉଁ ରାଷ୍ଟ୍ରରେ ଶାସନକର୍ତ୍ତାମାନେ ସାଧାରଣ ଜନତାକୁ ଶୋଷଣ କରିଛନ୍ତି, ସେଠି ବିଦ୍ରୋହର ନିଆଁ ଜଳିଛି। ଅତୀତରେ ରୁଷିଆରେ ଜାର୍ ବିରୋଧରେ, ଫ୍ରାନ୍ସରେ ଷୋଡ଼ଶ ଲୁଇଙ୍କ ବିରୋଧରେ, ଦକ୍ଷିଣ ଆଫ୍ରିକାରେ ଶ୍ୱେତାଙ୍ଗ ଶାସନ ବିରୋଧରେ, ପାକିସ୍ତାନରେ ଶାସକମାନଙ୍କ ବିରୋଧରେ ଜନସାଧାରଣ ସ୍ୱର ଜାଗ୍ରତ କରିଛନ୍ତି ଏବଂ ଅତ୍ୟାଚାରୀ ଶାସକମାନଙ୍କ ଶାସନର ଅନ୍ତ ଘଟାଇଛନ୍ତି। ଜନସାଧାରଣଙ୍କ ନେତୃତ୍ୱ ନେଇଛନ୍ତି ରୁଷିଆରେ ଲେନିନ୍, ଫ୍ରାନ୍ସରେ ଭଲ୍‌ଟାୟାର୍, ରୁଷୋ, ମଣ୍ଟେସ୍କ୍ୟୁ, ଦକ୍ଷିଣ ଆଫ୍ରିକାରେ ନେଲ୍‌ସନ୍ ମାଣ୍ଡେଲା, ପାକିସ୍ତାନରେ ମୁଜିବୁର୍ ରହେମାନ୍ ପ୍ରମୁଖ।

ସଂପ୍ରତି ପୃଥିବୀରେ ହିଂସା, ହତ୍ୟା, ରକ୍ତପାତର ବିଭୀଷିକା ସୃଷ୍ଟି ହେଉଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ମାତ୍ର ଦୁଇଟିର ଦୃଷ୍ଟାନ୍ତ ନିଆଯାଇପାରେ - ନେପାଳ ଓ ଫ୍ରାନ୍ସ। ନେପାଳରେ ୧୯୯୦ରେ ବହୁଦଳୀୟ ଗଣତନ୍ତ୍ର ପୁନର୍ସ୍ଥାପିତ ହେଲା ଏବଂ ୨୦୦୮ରେ ରାଜପଦ ଉଚ୍ଛେଦ ହେଲା। ୧୯୯୦ରୁ ୨୦୦୮ ପର୍ଯ୍ୟନ୍ତ ମାତ୍ର ୧୮ ବର୍ଷ ମଧ୍ୟରେ ୧୫ଜଣ ପ୍ରଧାନମନ୍ତ୍ରୀ କାର୍ଯ୍ୟଭାର ସମ୍ଭାଳିଥିଲେ। ପୁନଶ୍ଚ ୨୦୦୮ରୁ ୨୦୨୫ ଯାଏଁ ୧୭ ବର୍ଷ ମଧ୍ୟରେ ୧୨ଜଣ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଲେଣି। ଯାହା ସ୍ପଷ୍ଟଭାବରେ ସୂଚାଇ ଦେଉଛି ଗୋଟେ ରାଜନୈତିକ ଅନିଶ୍ଚିତତା, ଅରାଜକତାକୁ। ୧୯୯୦ରେ ବହୁଦଳୀୟ ଗଣତନ୍ତ୍ର ପୁନର୍ସ୍ଥାପନ ହେବା ଦିନରୁ ଏପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ରାଜନୈତିକ ଦଳ ଆର୍ଥିକ ଲାଭ ନିମିତ୍ତ କ୍ଷମତାର ଅପବ୍ୟବହାର କରିଛନ୍ତି। ଦେଶ ସାଧାରଣତନ୍ତ୍ରରେ ପରିଣତ ହେବା ପରଠାରୁ ଆର୍ଥିକ ଦୁର୍ନୀତିର ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ବିମାନ କିଣାଠାରୁ ଆରମ୍ଭ କରି କର୍ପୋରେଟ୍ ଓ ରିଅଲ୍ ଇଷ୍ଟେଟ୍ ନିବେଶ ପର୍ଯ୍ୟନ୍ତ, ଏପରିକି ଶ୍ରମିକ ଶୋଷଣ କ୍ଷେତ୍ରରେ ସବୁଠି ଦୁର୍ନୀତି। ଚଳିତ ବର୍ଷ ପ୍ରାରମ୍ଭରେ କିଛି ନେପାଳୀ ନାଗରିକଙ୍କୁ ଭୁଟାନ୍‌ର ଶରଣାର୍ଥୀ ଭାବରେ ମିଥ୍ୟା ପରିଚୟପତ୍ର ପ୍ରଦାନ କରାଯାଇଛି ସେମାନେ ବିଦେଶରେ ବାସକରିବା ନିମିତ୍ତ। ପ୍ରାୟ ୧ଲକ୍ଷ ସେହିଭଳି ମିଥ୍ୟା ପରିଚୟପତ୍ରଧାରୀ ଏବେ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ ଇତ୍ୟାଦି ରାଷ୍ଟ୍ରରେ ବାସ କରୁଛନ୍ତି। ନିଜ ଦେଶରେ ବେକାରୀ, ବେରୋଜଗାରୀ ବଢୁଥିବାରୁ ନେପାଳୀମାନେ ଅନ୍ୟ ରାଷ୍ଟ୍ରକୁ ପଳାଇଯିବାକୁ ପସନ୍ଦ କରୁଛନ୍ତି। ଅଧିକାଂଶ ରାଜନେତା ନିଜ ପରିବାରର ଲୋକଙ୍କୁ ଏବଂ ପ୍ରିୟ ପରିଚିତମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦବୀରେ ଅବସ୍ଥାପିତ କରୁଛନ୍ତି କିମ୍ବା ସେମାନଙ୍କୁ ବ୍ୟବସାୟ କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ସାଧାରଣ ପାରିବାରିକ ପୃଷ୍ଠଭୂମି ଥିବା ଅନେକ ରାଜନେତା ରାଜନୀତିକୁ ମାଧ୍ୟମ କରି ସ୍ୱଳ୍ପକାଳ ମଧ୍ୟରେ ନିଜ ପାଇଁ ରାଜକୀୟ ପ୍ରାସାଦ ନିର୍ମାଣ କରୁଛନ୍ତି, ବିଳାସପୂର୍ଣ୍ଣ କାର୍ କିଣୁଛନ୍ତି, ନିଜର ବ୍ୟବସାୟିକ ପ୍ରତିଷ୍ଠାନରେ ବିପୁଳ ପୁଞ୍ଜି ନିବେଶ କରୁଛନ୍ତି। ସେମାନଙ୍କ ପିଲାମାନେ ଯେଉଁଳି ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ କରୁଛନ୍ତି ତା'କୁ ଦେଖି ସାଧାରଣ ଜନତା ବିରକ୍ତି ଓ କ୍ରୋଧ ପ୍ରକାଶ କରିବା ସ୍ୱାଭାବିକ।

ନେପାଳର ରାଜନୈତିକ ନେତୃତ୍ୱ ଓ ଅମଲାତନ୍ତ୍ରରେ ଉତ୍ତରଦାୟିତ୍ୱର ଅଭାବ, କୁଶାସନ, ବ୍ୟାପକ ଭ୍ରଷ୍ଟାଚାର, ଜ୍ଞାତିପକ୍ଷପାତିତା ବିରୋଧରେ ଦେଶର ଯୁବଗୋଷ୍ଠୀ ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଭଳି ସାମାଜିକ ଗଣମାଧ୍ୟମରେ ସ୍ୱର ଉତ୍ତୋଳନ କଲେ। ପ୍ରଧାନମନ୍ତ୍ରୀ କେ.ପି. ଓଲି ଓ ମନ୍ତ୍ରୀ, ଶାସନକର୍ତ୍ତାମାନେ ଏ ପ୍ରକାର ସମାଲୋଚନାକୁ ସହିପାରିଲେ ନାହିଁ, ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କଲେ। ଯୁବଗୋଷ୍ଠୀ ବିଦ୍ରୋହର ପନ୍ଥା ଅବଲମ୍ବନ କରିବାରୁ ପୁଲିସ୍‌ବାହିନୀ ଗୁଳି ଚଳାଇଲା, ସାଧାରଣ ଜନତା ଓ ଯୁବଛାତ୍ରମାନେ ମୃତାହତ ହେଲେ। ବିଦ୍ରୋହୀମାନେ କିଛି ରାଜନେତା ଏପରିକି ସାଂସଦ, ମନ୍ତ୍ରୀଙ୍କୁ ପ୍ରହାର କଲେ ଏବଂ ସେମାନଙ୍କ ବାସଗୃହରେ ନିଆଁ ଲଗାଇଦେଲେ।

ତେଣେ ଫ୍ରାନ୍ସରେ ରାଷ୍ଟ୍ରନାୟକ ମାକ୍ରନ୍‌ଙ୍କ ସ୍ୱେଚ୍ଛାଚାରିତା ସବୁ ସୀମା ଲଂଘନ କରିଛି। ମାତ୍ର ୧୨ମାସରେ ଜଣକ ପରେ ଜଣେ ୪ଜଣ ପ୍ରଧାନମନ୍ତ୍ରୀ-ପଦରେ ନିଯୁକ୍ତ ହୋଇଛନ୍ତି। ବିବାଦୀୟ ବଜେଟ୍ ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେଲେ, ପରାସ୍ତ ହେଲା ପରେ ପଦଚ୍ୟୁତ ହେଲେ। ତରବରିଆ ଭାବେ ଆଉ ଜଣେ ପ୍ରଧାନମନ୍ତ୍ରୀଙ୍କୁ ଅବସ୍ଥାପିତ କରାଗଲା। ଗୋଟିଏ ବର୍ଷର ଅବଧିରେ ୪ଜଣ ପ୍ରଧାନମନ୍ତ୍ରୀ ଆସନରେ ବସିବା ଏବଂ ତ୍ରୁଟିପୂର୍ଣ୍ଣ ବଜେଟ୍ ଉପସ୍ଥାପିତ ହେବା କଥାକୁ ସାଧାରଣ ଲୋକେ ବରଦାସ୍ତ କରିପାରୁନାହାନ୍ତି। ରାଜନୈତିକ ଅରାଜକତା ଓ ଅର୍ଥନୈତିକ ଦୁଃସ୍ଥିତି ପାଇଁ ଜନସାଧାରଣ ବିଶେଷତଃ ଛାତ୍ରଯୁବସମାଜ ରାଜରାସ୍ତାକୁ ଆସିବା ଓ ପୋଡ଼ାଜଳା କରିବା ଘଟଣା ସମଗ୍ର ବିଶ୍ୱକୁ ମନେପକାଇ ଦେଉଛି ଅଷ୍ଟାଦଶ ଶତାବ୍ଦୀର ଫରାସୀ ବିପ୍ଳବର କଥା। ଷୋଡ଼ଶ ଲୁଇଙ୍କ ଅବହେଳା, ଅତ୍ୟାଚାରରେ ଅତିଷ୍ଠ ହେଲେ ସାଧାରଣ ବୁଭୁକ୍ଷୁ ଜନତା। ଶାସକ ଓ ତାଙ୍କ ସମର୍ଥିତ ମୁଷ୍ଟିମେୟ ପଦଲେହନକାରୀଙ୍କ ବିଳାସ, ବ୍ୟସନ ଥିଲା ଆକାଶଛୁଆଁ। ସେମାନଙ୍କ ବିରୋଧରେ ସଂଘଟିତ ହେଲା ଗୋଟେ ବିପ୍ଳବ। 'ସ୍ୱାଧୀନତା', 'ସମାନତା' ଓ 'ଭ୍ରାତୃତ୍ୱ'ର ସ୍ଲୋଗାନ୍ ଥିଲା ତତ୍କାଳୀନ ବିପ୍ଳବର ମୂଳମନ୍ତ୍ର।

ବିଶ୍ୱ ଇତିହାସରେ ଏପରି ରାଶିରାଶି ଦୃଷ୍ଟାନ୍ତ ରହିଛି। ଚୀନ୍‌ର ଶାସକଗୋଷ୍ଠୀ ତିଆନାନ୍‌ମେନ୍ ସ୍କୋୟାର୍‌ରେ ଗୁଳିଚଳାଇ ଯୁବଛାତ୍ରମାନଙ୍କୁ ହତ୍ୟା କରିବାର ବୀଭତ୍ସତା ଏବେ ବି ବିଶ୍ୱଜନମାନସରୁ ଲିଭିଯାଇ ନାହିଁ। ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନକୁ ସମର୍ଥନକରି ପ୍ରତ୍ୟକ୍ଷଭାବରେ ଆନ୍ଦୋଳନକାରୀମାନଙ୍କୁ ଉତ୍ସାହିତ କରିଥିବାରୁ ଗାଓସିଙ୍ଗ୍‌ଜିଆନ୍‌ଙ୍କୁ ଚୀନ୍‌ରୁ ବହିଷ୍କାର କରାଯାଇଛି। ସେହିପରି ଷ୍ଟାଲିନ୍-ବିରୋଧୀ ଆନ୍ଦୋଳନରେ ଯୋଗଦେଇ ଆଲେକ୍‌ଜାଣ୍ଡାର୍ ଶୋଲ୍‌ଜେନିତ୍‌ସିନ୍ ରୁଷିଆରୁ, ସାନି ଆବାଚାଙ୍କ ସ୍ୱୈରଚାର ବିରୋଧରେ ବିପ୍ଳବ କରି ୱଲ୍ ସୋୟିଙ୍କା ନାଇଜେରିଆରୁ, ଆଣ୍ଟୋନିଓ ସାଲ୍‌ଜାର୍‌ଙ୍କ କୁ-ଶାସନ ବିରୋଧରେ ବିଷୋଦ୍‌ଗାର କରି ଜୋସ୍ ସାରାମାଗୋ ପର୍ତ୍ତୁଗାଲରୁ ନିର୍ବାସିତ ହୋଇଛନ୍ତି। ରୁଷିଆରେ ଷ୍ଟାଲିନ୍-ବିରୋଧୀ ଆନ୍ଦୋଳନରେ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିଥିବାରୁ ମାଣ୍ଡେଲ୍‌ଷ୍ଟାମ୍ କାରାରୁଦ୍ଧ ହୋଇଛନ୍ତି। ଦକ୍ଷିଣ-ଆଫ୍ରିକାରେ ଶ୍ୱେତକାୟମାନଙ୍କ ଅକଥନୀୟ ଅତ୍ୟାଚାର ବିରୋଧରେ ସଂଗ୍ରାମ କରି ନେଲ୍‌ସନ୍ ମାଣ୍ଡେଲା ବିଶ୍ୱଇତିହାସରେ ସର୍ବାଧିକ ୨୭ବର୍ଷ କାଳ କାରାଗାରରେ ଅତିବାହିତ କରିଛନ୍ତି। ସ୍ପେନ୍‌ରେ ଶାସକଗୋଷ୍ଠୀର ଯାବତୀୟ ଅନ୍ୟାୟ, ଅବିଚାର ବିରୋଧରେ ଜନଆନ୍ଦୋଳନକୁ ତେଜୀୟାନ୍ କରିଥିବା ଲୋର୍କାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଇଂଲଣ୍ଡରେ ଶାସନକର୍ତ୍ତାମାନଙ୍କର ଭ୍ରଷ୍ଟାଚାର ବିରୋଧରେ ସାଧାରଣ ଜନତାକୁ ସଚେତନ କରୁଥିବାରୁ ଡାନିଏଲ୍ ଡିଫୋଙ୍କୁ ଲଣ୍ଡନ୍‌ରେ ଏକ ଶାସ୍ତି ପ୍ରଦାନକାରୀ ଯନ୍ତ୍ର ବା ପିଲୋରୀରେ କ୍ରମାଗତ ୩ଦିନ ଧରି ଠିଆ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାକିସ୍ତାନରେ ଆୟୁବ ଖାଁ, ୟାହିଆ ଖାଁ ଓ ଅନ୍ୟ ଶାସନକର୍ତ୍ତାମାନଙ୍କ ଦ୍ୱାରା ପ୍ରଣୀତ ପୂର୍ବ-ପଶ୍ଚିମ ପାକିସ୍ତାନ ମଧ୍ୟରେ ପାତରଅନ୍ତର ନୀତିକୁ ବିରୋଧ କରି ମୁଜିବୁର ରହେମାନ୍ କାରାଦଣ୍ଡ ଭୋଗିଛନ୍ତି; ଅଥଚ ସ୍ୱାଧୀନ ବଙ୍ଗଳାଦେଶ ଗଠନ ପାଇଁ ଦାବି କରି ଆନ୍ଦୋଳନକୁ ତୀବ୍ରତର କରିଛନ୍ତି। ଘନ ଅନ୍ଧାର ରାତିରେ ଢାକା ବିଶ୍ୱବିଦ୍ୟାଳୟ ପରିସରରେ ନିଦ୍ରିତ, ନିରସ୍ତ୍ର ଛାତ୍ରମାନଙ୍କ ଉପରେ ପାକିସ୍ତାନୀ ସେନାବାହିନୀ ପ୍ରଚଣ୍ଡ ଆକ୍ରମଣ କରିଛି। ଭାରତବର୍ଷରେ ଆପତକାଳୀନ ପରିସ୍ଥିତି ସମୟରେ ସମ୍ପୂର୍ଣ୍ଣ କ୍ରାନ୍ତିର କର୍ଣ୍ଣଧାର ଜୟପ୍ରକାଶ ନାରାୟଣ ଓ ଅନ୍ୟ ନେତୃବୃନ୍ଦଙ୍କ ସମେତ ଯୁବ ଛାତ୍ରମାନେ କାରାରୁଦ୍ଧ ହୋଇଛନ୍ତି।

ଏସବୁ ସତ୍ତ୍ୱେ ପୃଥିବୀର କୌଣସି ରାଷ୍ଟ୍ରରେ ଆନ୍ଦୋଳନ ଚପିଯାଇନାହିଁ କି ଆନ୍ଦୋଳନକାରୀମାନେ ଦବିଯାଇନାହାନ୍ତି। ସାଧାରଣ ଜନତାର ବିପୁଳ ଦରବାରରେ ଶୋଷକ ଶାସକଗୋଷ୍ଠୀ ଉପଯୁକ୍ତ ଶାସ୍ତି ପାଇଛନ୍ତି। ରାଜନୀତି ଓ ଅମଲାତନ୍ତ୍ରରେ ଭ୍ରଷ୍ଟାଚାର ପାଇଁ ସର୍ବତ୍ର ସାଧାରଣ ଜନତାକୁ ଦାରୁଣ ଦୁଃଖ ଭୋଗିବାକୁ ହୋଇଛି। ଦୁଃଖ ସେମାନଙ୍କୁ କ୍ରୋଧୀ କରିଛି ଏବଂ ସେହି କ୍ରୋଧର ପ୍ରତିଫଳନ ଆନ୍ଦୋଳନକାଳରେ ଦେଖିବାକୁ ମିଳିଛି ରାଜରାସ୍ତାରେ। ଏହା ହିଁ ଘଟିଯାଇଛି ନେପାଳ, ଫ୍ରାନ୍ସ ଇତ୍ୟାଦି ରାଷ୍ଟ୍ରରେ। ସାଧାରଣ ଜନତା ସାମାଜିକ ସଂସ୍କାର ଚାହେଁ, ରାଜନୀତି ଓ ଅମଲାତନ୍ତ୍ର ଭ୍ରଷ୍ଟାଚାରରୁ ମୁକ୍ତ ହେବା ଚାହେଁ। ପୃଥିବୀର ସବୁ ରାଷ୍ଟ୍ରର ଶାସକଗୋଷ୍ଠୀ ଏ ଦିଗରେ ସଚେତନ ହେବାର କଥା। ସେମାନେ ମନେ ରଖିବାର କଥା ଯେ ଶାସକର ଦରବାର ଊର୍ଦ୍ଧ୍ୱରେ ଅବସ୍ଥିତ ଶାସିତର ଦରବାର। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

## ପୃଥିବୀର କ୍ଷୁଦ୍ର ଉପଗ୍ରହ ଓ ଅର୍ଦ୍ଧ ଉପଗ୍ରହ

ଇଂ ମାୟାଧର ସ୍ୱାଇଁ

ଆମେ ଜାଣୁ ଯେ ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ହେଉଛି ଚନ୍ଦ୍ର। ପୃଥିବୀର ଆଦ୍ୟାବସ୍ଥାରେ ମଙ୍ଗଳ ଗ୍ରହ ଆକାରର ଗୋଟିଏ ଜ୍ୟୋତିର୍ବିଦୀୟ ପିଣ୍ଡ ସହିତ ପୃଥିବୀର ଧକ୍କା ହେବା ଫଳରେ ଏଥିରୁ କିଛିଅଂଶ ବାହାରି ଯାଇ ଚନ୍ଦ୍ରର ସୃଷ୍ଟି ହୋଇଛି। ଚନ୍ଦ୍ର ପୃଥିବୀଠାରୁ ହାରାହାରି ୩୮୪୩୯୯ କିଲୋମିଟର ଦୂରରେ ପୃଥିବୀକୁ ୨୯.୫ ଦିନରେ ଥରେ ପରିକ୍ରମଣ କରୁଛି।

ବେଳେବେଳେ ସୌରଜଗତର ଗ୍ରହାଣୁ ବଳୟରେ ଥିବା କେତୋଟି ଗ୍ରହାଣୁ ପୃଥିବୀର ନିକଟ ଦେଇ ଗତି କରିବା ବେଳେ ପୃଥିବୀର ମାଧ୍ୟାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ପୃଥିବୀକୁ ପରିକ୍ରମଣ କରିଥା'ନ୍ତି। କିନ୍ତୁ ଏଗୁଡ଼ିକ ସ୍ଥାୟୀ ଉପଗ୍ରହ ଭାବେ ରହି ପାରନ୍ତି ନାହିଁ। କିଛିଦିନ ପୃଥିବୀକୁ ପରିକ୍ରମଣ କରି ପୁଣି ଏହାର ଆକର୍ଷଣରୁ ବାହାରି ଯାଆନ୍ତି। ଏଗୁଡ଼ିକୁ ଦୁଇଟି ଶ୍ରେଣୀରେ ଭାଗ କରାଯାଇଛି। ସେଗୁଡ଼ିକ ହେଉଛି କ୍ଷୁଦ୍ର ଉପଗ୍ରହ ଓ ଅର୍ଦ୍ଧ- ଉପଗ୍ରହ। କ୍ଷୁଦ୍ର ଉପଗହ ପୃଥିବୀ ଚାରିପଟେ ଅଳ୍ପଦିନ ପରିକ୍ରମଣ କରିଥାଏ। ଏପରିକି କେତେଗୁଡ଼ିଏ ପୃଥିବୀକୁ ଥରେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପରିକ୍ରମଣ କରି ନ ଥା'ନ୍ତି। ନିକଟ ଅତୀତରେ ଦେଖା ଦେଇଥିବା ଗୋଟିଏ କ୍ଷୁଦ୍ର ଉପଗ୍ରହ ହେଉଛି '୨୦୨୪ ପିଟିଏସ୍'। ଏହାର ବ୍ୟାସ ହେଉଛି ମାତ୍ର ୧୧ ମିଟର ଏବଂ ଏହାକୁ ୨୦୨୪ ମସିହା ଅଗଷ୍ଟ ୭ ତାରିଖରେ ଦକ୍ଷିଣ ଆଫ୍ରିକାରେ ଥିବା ଆଟଲାସ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଆବିଷ୍କାର କରାଯାଇଥିଲା। ଏହା ୨୦୨୪ ମସିହା ସେପ୍ଟେମ୍ବର ୨୯ ତାରିଖରୁ ସେହି ବର୍ଷ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ମାତ୍ର ୧ ମାସ ୨୭ ଦିନ ପୃଥିବୀକୁ ପରିକ୍ରମଣ କରି କକ୍ଷରୁ ଚାଲି ଯାଇଥିଲା। ୨୦୨୪ ମସିହା ଅଗଷ୍ଟ ୮ ତାରିଖରେ ପୃଥିବୀଠାରୁ ଏହାର ନିକଟତମ ଦୂରତା ୫୬୭୦୦୦ କିଲୋମିଟର ଥିଲା। ଏହା ୨୦୮୪ ମସିହାରେ ପୁଣି ପୃଥିବୀକୁ ୪୩ ଦିନ ପରିକ୍ରମଣ କରିବ ବୋଲି ଗଣନା କରାଯାଇଛି। ପୂର୍ବରୁ ମଧ୍ୟ କେତୋଟି ଅସ୍ଥାୟୀ ଉପଗ୍ରହ ପୃଥିବୀକୁ ପରିକ୍ରମଣ କରିଛି। ବାସ୍ତବରେ ମଙ୍ଗଳ ଓ ବୃହସ୍ପତି କକ୍ଷ ମଝିରେ ଥିବା ଗ୍ରହାଣୁ ବଳୟରେ ୧୧ ଲକ୍ଷରୁ ଅଧିକ ଜଣା ଗ୍ରହାଣୁ ଅଛନ୍ତି ଏବଂ ଏଥିମଧ୍ୟରୁ ପ୍ରାୟ ୩୦ ହଜାର ଗ୍ରହାଣୁ ପୃଥିବୀ କକ୍ଷ ନିକଟକୁ ଆସିଥା'ନ୍ତି। ଯଦି କୌଣସି ଗ୍ରହାଣୁ ପୃଥିବୀର ୪୫ ଲକ୍ଷ କି.ମି ନିକଟକୁ ଧୀର ବେଗରେ ଆସିଥାଏ, ତା'ହେଲେ ପୃଥିବୀର ମାଧ୍ୟାକର୍ଷଣ ବଳ ତା'କୁ ନିଜ କକ୍ଷକୁ ଟାଣିଆଣେ। ୧୯୯୧, ୨୦୦୬, ୨୦୨୦ ଓ ୨୦୨୨ ମସିହାରେ ମଧ୍ୟ ଗୋଟିଏ ଗୋଟିଏ ଅସ୍ଥାୟୀ କ୍ଷୁଦ୍ର ଉପଗ୍ରହ ପୃଥିବୀକୁ ପରିକ୍ରମଣ କରିଥିଲା।

ଅର୍ଦ୍ଧ-ଉପଗ୍ରହକୁ ବାସ୍ତବ ଅର୍ଥରେ ପୃଥିବୀର ଉପଗ୍ରହ କୁହାଯାଇପାରିବ ନାହିଁ। ଏହା ପୃଥିବୀକୁ ପରିକ୍ରମଣ କରେ ନାହିଁ। କିନ୍ତୁ ଏହାର କକ୍ଷ ଓ ପୃଥିବୀର କକ୍ଷ ପ୍ରାୟ ସମାନ ଥାଏ। ଅର୍ଥାତ୍ ପୃଥିବୀ ସୂର୍ଯ୍ୟ ଚାରିପଟେ ଥରେ ଘୂରି ଆସିବା ପାଇଁ ଯେତିକି ସମୟ ନେଇଥାଏ ଏହା ମଧ୍ୟ ପ୍ରାୟ ସେତିକି ସମୟ ନେଇଥାଏ। ଏହା ଅନେକ ବର୍ଷ ପର୍ଯ୍ୟନ୍ତ ପୃଥିବୀ କକ୍ଷ ନିକଟରେ ରହୁଥିବାରୁ ଏହାକୁ ପୃଥିବୀର ଅର୍ଦ୍ଧ-ଉପଗ୍ରହ କୁହାଯାଏ। ପ୍ରକୃତରେ ଏହା ହେଉଛି ଗୋଟିଏ ଭୂ-ସମୀପବର୍ତ୍ତୀ ଗ୍ରହାଣୁ ଏବଂ ପୃଥିବୀ ଦ୍ୱାରା ଆକର୍ଷିତ ହୋଇ ଏହା ନିକଟକୁ ଆସିଯାଇଛି।

ଚଳିତ ବର୍ଷ ଅଗଷ୍ଟ ୨୯ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ହାୱାଇ ବିଶ୍ୱବିଦ୍ୟାଳୟର ପାନଷ୍ଟ୍ରାସ ପର୍ଯ୍ୟବେକ୍ଷଣାଗାର ଦ୍ୱାରା ଗୋଟିଏ ଅର୍ଦ୍ଧ-ଉପଗ୍ରହକୁ ଆବିଷ୍କାର କରାଯାଇଛି। ଏହାର ନାମ ୨୦୨୫ ପିଏନ୍୭ ଦିଆଯାଇଛି। ଏହାର ବ୍ୟାସ ହେଉଛି ୧୯ ମିଟର। ଏହାର କ୍ଷୁଦ୍ର ଆକାର ଓ ଅନ୍ଧାରୁଆ ପୃଷ୍ଠ ଯୋଗୁଁ ଏହା ବିଷୟରେ ବିଶଦ ତଥ୍ୟ ମିଳି ପାରିନାହିଁ। ପୃଥିବୀଠାରୁ ଏହାର ନିକଟତମ ଦୂରତା ହେଉଛି ୨୯୯,୦୦୦ କିମି.। ଜ୍ୟୋତିର୍ବିଦମାନେ ଗଣନା କରି ଜାଣି ପାରିଛନ୍ତି ଯେ ଏହା ୧୯୫୭ ମସିହାରେ ପୃଥିବୀର ଅର୍ଦ୍ଧ-ଉପଗ୍ରହର ସ୍ଥାନ ନେଇଛି ଏବଂ ପୃଥିବୀ କକ୍ଷ ନିକଟରେ ଏହା ୧୨୬ ବର୍ଷ ରହିବ। ୨୦୨୫ପିଏନ୍୭ ପୃଥିବୀର ପ୍ରଥମ ଅର୍ଦ୍ଧ ଉପଗ୍ରହ ନୁହେଁ। ଏହା ପୂର୍ବରୁ ମଧ୍ୟ ଆଉ କେତୋଟି ଅର୍ଦ୍ଧ-ଉପଗ୍ରହ ଜଣାଅଛି। ଗୋଟିଏ ଅର୍ଦ୍ଧ-ଉପଗ୍ରହ ହେଉଛି କାମୁଏ ଲେଓ୍ୱା। ଏହାକୁ ମଧ୍ୟ ପାନଷ୍ଟ୍ରାସ୍ ପର୍ଯ୍ୟବେକ୍ଷଣାଗାରରୁ ୨୦୧୬ ମସିହା ଅପ୍ରେଲ ୨୭ ତାରିଖରେ ଆବିଷ୍କାର କରାଯାଇଥିଲା। ଏହାକୁ ଆରମ୍ଭରେ ୨୦୧୬ ଏଚ୍‌ଓ୩ ନାମ ଦିଆଯାଇଥିଲା। ମାତ୍ର ୨୦୧୯ ମସିହାରେ ଏହାର ନାମ କାମୁଏଲେଓ୍ୱା ରଖାଯାଇଛି। ଏହାର ବ୍ୟାସ ୪୦ ରୁ ୧୦୦ ମିଟର ମଧ୍ୟରେ ଆକଳନ କରାଯାଇଛି। ଏହା ସୂର୍ଯ୍ୟକୁ ୦.୯ରୁ ୧.୧ ମହାଜାଗତିକ ଏକକ ଦୂରତାରେ ପରିକ୍ରମଣ କରୁଛି। ପୃଥିବୀଠାରୁ ସୂର୍ଯ୍ୟର ହାରାହାରି ଦୂରତାକୁ ଏକ ମହାଜାଗତିକ ଏକକ କୁହାଯାଏ। ସୂର୍ଯ୍ୟ ଚାରିପଟେ ଏହାର ପରିକ୍ରମଣ ସମୟ ହେଉଛି ୩୬୫.୭ ଦିନ; ଅର୍ଥାତ୍ ପୃଥିବୀର ପରିକ୍ରମଣ ସହିତ ସମାନ। ଏହାର କକ୍ଷପଥ ଅତିମାତ୍ରାରେ ଉପବୃତ୍ତୀୟ ହୋଇଥିବାରୁ ଏହା ସର୍ବଦା ପୃଥିବୀ କକ୍ଷ ସହିତ ସମାନ କକ୍ଷରେ ରହିନଥାଏ। ଏହା ଗତ ଶହେ ବର୍ଷ ଧରି ପୃଥିବୀର ସାଥୀ ହୋଇ ରହିଛି ଏବଂ ଅତିକମ୍‌ରେ ଆହୁରି ତିନି ଶହ ବର୍ଷ ପାଇଁ ଏହିପରି ଭାବେ ରହିବ।

କକ୍ଷୀୟ ଅନୁନାଦ ଅଧ୍ୟୟନ ଏବଂ ଭୂ-ସମୀପବର୍ତ୍ତୀ ଗ୍ରହାଣୁଗୁଡ଼ିକର ଗଠନକୁ ଜାଣିବା ପାଇଁ ଅର୍ଦ୍ଧ-ଉପଗ୍ରହ ହେଉଛି ଗୋଟିଏ ପ୍ରାକୃତିକ ପରୀକ୍ଷାଗାର। ଏହି ଲକ୍ଷ୍ୟ ନେଇ ଚୀନ୍ ୨୦୨୫ ମସିହା ମେ ୨୮ ତାରିଖରେ ଟିଆନ୍‌ୱେନ-୨ ଯାନକୁ ମହାକାଶକୁ ଉତ୍‌କ୍ଷେପଣ କରିଛି। ଏହା କାମୁଏଲେଓ୍ୱା ନିକଟରେ ୨୦୨୬ ମସିହା ଜୁଲାଇ ମାସରେ ପହଞ୍ଚି ଏହା ପୃଷ୍ଠରୁ ନମୁନା ସଂଗ୍ରହ କରିବ ଏବଂ ନମୁନାକୁ ୨୦୨୭ ମସିହା ନଭେମ୍ବର ମାସରେ ପୃଥିବୀ ପୃଷ୍ଠକୁ ପଠାଇବ। ସେଥିରୁ ତାହାର ଗଠନ ସମ୍ବନ୍ଧରେ ବିଶଦ ତଥ୍ୟ ଜଣାପଡ଼ିବ ବୋଲି ଆଶା କରାଯାଉଛି। ●

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ତିବ୍ବତରେ ବୌଦ୍ଧ ବିହାର

ପ୍ରବୀର କୁମାର ପଟ୍ଟନାୟକ

ତିବ୍ବତରେ ବୌଦ୍ଧବିହାରଗୁଡ଼ିକ ସହର, ନଗର ଓ ଗ୍ରାମଠାରୁ ଅଳ୍ପଦୂରରେ ହିଁ ଅବସ୍ଥିତ। ପ୍ରାୟତଃ ଅଧିକାଂଶ ବୌଦ୍ଧବିହାର ପାହାଡ଼ ଉପରି ଭାଗରେ ହିଁ ନିର୍ମିତ। ତିବ୍ବତରେ କାଠର ଘୋର ଅଭାବ ଯୋଗୁଁ ବୌଦ୍ଧବିହାରଗୁଡ଼ିକ ପଥର ଓ ଖରାରେ ଶୁଖିଥିବା ଇଟା ବ୍ୟବହାର କରି ନିର୍ମାଣ କରାଯାଏ। ବିହାରଗୁଡ଼ିକର ଛାତ ପ୍ରାୟ ସମତଳ ଏବଂ କେତେକ ଚୀନ-ଶୈଳୀରେ ନିର୍ମିତ। ସମଗ୍ର ତିବ୍ବତରେ ଚାରିଆଡ଼େ ଖେଳାଇ ହୋଇ ପ୍ରାୟ ତିନିଶହରୁ ଅଧିକ ବୌଦ୍ଧବିହାର ଅବସ୍ଥିତ। ଏଗୁଡ଼ିକ ହେଉଛନ୍ତି ତିବ୍ବତୀୟ ସଂସ୍କୃତି ଓ ପରମ୍ପରାର କେନ୍ଦ୍ର ତଥା ଆଶ୍ରୟସ୍ଥଳ।

ଏହି ବିହାର ମଧ୍ୟରୁ ଅନେକ ବିଶାଳ ଆୟତନର। ଏଥିମଧ୍ୟରୁ କେତେକ ତିନି ହଜାରରୁ ଆରମ୍ଭ କରି ଦଶ ହଜାର ସଂଖ୍ୟକ ବୌଦ୍ଧ ଭିକ୍ଷୁ ବା ଲାମାଙ୍କର ରହଣି ସ୍ଥଳ। ବୃହତ୍ ଆକାରର ବିହାରଗୁଡ଼ିକରେ ଧାଡ଼ି ଧାଡ଼ି ଲାମାଙ୍କ ଆଶ୍ରୟ କୋଠରି ସବୁ ରହି ଏବଂ ଦୁଇ ବା ତିନି ମହଲା ବିଶିଷ୍ଟ କୋଠା ଓ ଚାରିପାଖେ ରହିଥିବା ବଡ଼ ବଡ଼ ଅଗଣା ରହି ଗୋଟିଏ ଗୋଟିଏ ସହର ଭଳି ଦେଖାଯାଏ। ଏହିଭଳି ବିଶାଳ ବିହାରଗୁଡ଼ିକର ସୁପରିଚାଳନା ହିଁ ଦେଶର ଶାସନ ବ୍ୟବସ୍ଥା ଲାମାମାନେ ନେଇଥିବାର ମୁଖ୍ୟ କାରଣ।

ବିହାର ଅବସ୍ଥିତ ଥିବା ସ୍ଥାନଟି ଅତ୍ୟନ୍ତ ସୁଦୃଶ୍ୟ। ସାଧାରଣତଃ ଏହାର ଦ୍ୱାର ପୂର୍ବଦିଗକୁ ଅଥବା ଦକ୍ଷିଣ ଦିଗକୁ ଖୋଲାଥାଏ। ଅନେକ ସ୍ଥଳରେ ଏହା ପାହାଡ଼ ଉପରେ ନଦୀ କୂଳରେ ଏବଂ ସାମନାରେ ହ୍ରଦଟିଏ ରହିଥିବା ସ୍ଥାନରେ ନିର୍ମିତ ହୋଇଥାଏ। ପ୍ରତ୍ୟେକଟି ବିହାରର ଚାରିପାଖରେ ବଗିଚା ମଧ୍ୟ ରହିଥାଏ। ବିହାରଗୁଡ଼ିକର ନାମକରଣ ଭାରତର ପ୍ରସିଦ୍ଧ ବୌଦ୍ଧ ବିହାର ନାମରେ ନାମିତ ହୋଇଥାଏ। ବିହାରଗୁଡ଼ିକର ସ୍ଥାପତ୍ୟ ସେହିଭଳି ଭାରତୀୟ ଶୈଳୀର। ତିବ୍ବତର ସମସ୍ତ ବୌଦ୍ଧ ବିହାରରେ ଲାମାମାନଙ୍କୁ ପ୍ରାଥମିକ ଶିକ୍ଷା ଦିଆଯାଇଥାଏ। ଧାର୍ମିକ ଶିକ୍ଷା ବ୍ୟତୀତ ସାହିତ୍ୟ, ବ୍ୟାକରଣ, ଚିକିତ୍ସାବିଦ୍ୟା, ଖୋଦେଇ ବିଦ୍ୟା (ଧାତୁ ଓ କାଠ), ରଙ୍ଗ କରିବା ଓ ଚିତ୍ରାଙ୍କନ ଆଦି ବିଭିନ୍ନ ଶିକ୍ଷା ଦିଆଯାଇଥାଏ। ଏହି ବିହାରରେ ଶିକ୍ଷା ଦାନ ମୁଖ୍ୟତଃ ଯେଉଁମାନେ ସଂଘରେ ପ୍ରବେଶ କରିଥା'ନ୍ତି, ସେମାନଙ୍କ

### ଦ୍ୱିତୀୟ-ବୁଦ୍ଧ କଥା

ପାଇଁ ସାଧାରଣ ଲୋକଙ୍କ ପାଇଁ ନୁହେଁ। ଅନେକ ବଡ଼ ବଡ଼ ବିହାରରେ ବିଶ୍ୱବିଦ୍ୟାଳୟ ରହିଛନ୍ତି। ସମସ୍ତ ବିହାର ତଥା ବିଶ୍ୱବିଦ୍ୟାଳୟ ହେଉଛନ୍ତି ଆବାସିକ ଏବଂ ସମସ୍ତଙ୍କ ପାଇଁ ଭୂମି ଖଞ୍ଜା ଯାଇଛି। ଏହା ବ୍ୟତୀତ ଭକ୍ତ ଓ ତୀର୍ଥାଳୁମାନେ ମଧ୍ୟ ଏଗୁଡ଼ିକକୁ ସ୍ୱଇଚ୍ଛାରେ ଦାନ କରିଥା'ନ୍ତି। ଅମଳ ସମୟରେ ଲାମାମାନେ ଗ୍ରାମ ଗ୍ରାମ ବୁଲି ମଧ୍ୟ ଶସ୍ୟ ସଂଗ୍ରହ କରିଥା'ନ୍ତି। ଏହାବ୍ୟତୀତ ମନ୍ତ୍ରପାଠ, ଛବି ଓ ମୂର୍ତ୍ତି ଇତ୍ୟାଦି ବିକ୍ରି ସହ ଜାତକ ପ୍ରସ୍ତୁତି ଏବଂ ଜନ୍ମ, ବିବାହ, ମୃତ୍ୟୁ, ଚିକିତ୍ସା ସମୟରେ ପୂଜା- ଉପାସନା କାର୍ଯ୍ୟ ମଧ୍ୟ ଲାମାମାନେ କରିଥା'ନ୍ତି। ଏହାବ୍ୟତୀତ ଲାମାମାନେ ବିଭିନ୍ନ ଜିନିଷର ବ୍ୟବସାୟ ବାଣିଜ୍ୟ ସହ ମହାଜନୀ କାରବାର ମଧ୍ୟ କରିଥା'ନ୍ତି। ଏହି ସବୁ ଦିଗରୁ ବୌଦ୍ଧ ବିହାରଗୁଡ଼ିକର ବିପୁଳ ଆୟ ହୋଇଥାଏ। ବିହାରଗୁଡ଼ିକରେ ରହୁଥିବା ଲାମାମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ସଂଖ୍ୟକ ନିୟମିତ ବିଦ୍ୟାର୍ଥୀ ଏବଂ ଅନ୍ୟମାନେ ସେବକ ଅଥବା ସହାୟକ କାର୍ଯ୍ୟ କରିଥା'ନ୍ତି।

ପ୍ରତି ବୌଦ୍ଧ ବିହାରରେ ଗୋଟିଏ ବୌଦ୍ଧ ମନ୍ଦିର ରହିଛି। ତିବ୍ବତୀୟ ଭାଷାରେ ଏହି ମନ୍ଦିରକୁ ଲା-ଖନ୍ (ଈଶ୍ୱରଙ୍କ ଗୃହ) କୁହାଯାଏ। ମନ୍ଦିର ସାଧାରଣତଃ ବିହାରର କେନ୍ଦ୍ରସ୍ଥଳରେ ରହିଥାଏ ଏବଂ ମନ୍ଦିରଟି ବିହାରର ସବୁଠାରୁ ଅଧିକ ଆକର୍ଷଣୀୟ ତଥା ଉଲ୍ଲେଖନୀୟ ଉପାସନା ସ୍ଥଳ ହୋଇଥାଏ। ବିଶାଳ ବିହାରଗୁଡ଼ିକରେ ଏକାଧିକ ମନ୍ଦିର ଥାଏ। ବିନା ମନ୍ଦିରରେ କୌଣସି ବୌଦ୍ଧ ବିହାର ନାହିଁ। ମନ୍ଦିରଗୁଡ଼ିକରେ ଥିବା ପ୍ରତିମାସବୁ ମୁଖ୍ୟତଃ ବୁଦ୍ଧ, ବୋଧିସତ୍ତ୍ୱ, ଅନ୍ୟ ଦେବଦେବୀ, ତାନ୍ତ୍ରିକ ଓ ଅଣ-ତାନ୍ତ୍ରିକ ବୌଦ୍ଧାଚାର୍ଯ୍ୟଗଣ ଅନ୍ୟାନ୍ୟ ଐତିହାସିକ ବ୍ୟକ୍ତିମାନଙ୍କର ହୋଇଥାଏ। ପ୍ରତିମାଗୁଡ଼ିକ ପ୍ରାୟତଃ ଉଜ୍ଜ୍ୱଳ ଦିଶୁଥିବା ତମ୍ବା ଧାତୁରେ ନିର୍ମିତ। ଲାମାମାନେ ଦିନରେ ଏକାଧିକବାର ମନ୍ଦିରରେ ଜମା ହୋଇ ମନ୍ତ୍ରୋଚ୍ଚାରଣ କରନ୍ତି। ପ୍ରତିମାଗୁଡ଼ିକ ବ୍ୟତୀତ ମନ୍ଦିରର କାନ୍ଥ ସବୁ ରଙ୍ଗୀନଭାବେ ଦେବଦେବୀଙ୍କର ଓ ଆଚାର୍ଯ୍ୟମାନଙ୍କର ଚିତ୍ରରେ ଭରି ରହିଥାଏ। ଏହି ପ୍ରତିମା ଓ ଚିତ୍ରପଟମାନ ଉଚ୍ଚମାନର ତିବ୍ବତୀୟ କଳାଶୈଳୀର ପ୍ରତୀକ। ଏଗୁଡ଼ିକସବୁ ଦୀର୍ଘସ୍ଥାୟୀ ତଥା ହୃଦୟଗ୍ରାହୀ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରକାଶ ପାଇଲା ଆର୍‌ଆଇ, ଅମିନ ଆଡ୍‌ମିଟ୍ କାର୍ଡ

ଭୁବନେଶ୍ୱର, ୨୬।୯(ସମିସ): ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଜାରି ହୋଇଛି। ଆସନ୍ତା ୮ ତାରିଖରୁ ନଭେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ହେବ। ଦିନକୁ ୩ଟି ଲେଖାଏଁ ସିଫ୍ଟରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ପ୍ରଥମ ସିଫ୍ଟ ସକାଳ ୯ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ହେବ। ସେହିପରି ଦ୍ୱିତୀୟ ସିଫ୍ଟ ୧୨ଟାରୁ ୧.୩୦ଏବଂ ତୃତୀୟ ସିଫ୍ଟ ୩ ଟାରୁ ୪.୩୦ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ଆରମ୍ଭ ହେବାର ଦେଢ଼ ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ ପ୍ରବେଶ କରିପାରିବେ। ସେହିପରି ପରୀକ୍ଷା ଆରମ୍ଭର ୨୦ମିନିଟ୍ ପୂର୍ବରୁ ଗେଟ୍ ବନ୍ଦ କରାଯିବ। କମ୍ପ୍ୟୁଟର ବେସଡ୍ ନିଯୁକ୍ତି ପରୀକ୍ଷା (ସିବିଆରଇ) ମାଧ୍ୟମରେ ପରୀକ୍ଷା ହେବ। ଏନେଇ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି।

**୩ଟି ସିଫ୍ଟରେ ନଭେମ୍ବର ୧୩ ପର୍ଯ୍ୟନ୍ତ ପରୀକ୍ଷା**

ମୂଳରୁ ଏହି ପରୀକ୍ଷା ବିବାଦୀୟ ହୋଇଛି। ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବାର ନିୟମ ଥିବାବେଳେ ସମସ୍ତଙ୍କୁ ଉତ୍ତୀର୍ଣ୍ଣ କରିଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷା ଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ। ଫଳରେ ଆବେଦନ କରିଥିବା ୫ଲକ୍ଷ ୫୮ହଜାର ୧୨୮ ଆବେଦନକାରୀ ପୁଣିଥରେ ପରୀକ୍ଷା ଦେଇପାରିବେ।

## ୩୫ ସାଂଗଠନିକ ଜିଲ୍ଲା ସଭାପତି ଘୋଷଣା କଲା କଂଗ୍ରେସ

ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟର ୩୫ ଟି ସାଂଗଠନିକ ଜିଲ୍ଲାସଭାପତିଙ୍କ ନାଁ ଘୋଷଣା କରିଛି କଂଗ୍ରେସ। ପ୍ରଥମ ଥର ପାଇଁ ଓଡ଼ିଶାରେ ସଂଗଠନ ସୃଜନ ପ୍ରକ୍ରିୟାରେ ଚୟନ ହୋଇଥିବା ସଭାପତି ତାଲିକା ଉପରେ ଏଆଇସିସି ମୋହର ମାରିଛି।

ଅନୁଗୁଳ ଜିଲ୍ଲା ପାଇଁ ସୁନିଲ ପ୍ରଧାନଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ବାଲେଶ୍ୱର ପାଇଁ ସତ୍ୟଶିବ ଦାସ, ବରଗଡ଼ ହରଦୀପ ସିଂ, ଭଦ୍ରକ ନଳିନିକାନ୍ତ ମହାନ୍ତି, ଭୁବନେଶ୍ୱର ପ୍ରକାଶ ଚନ୍ଦ୍ର ଜେନା, ବଲାଙ୍ଗିର ଅନିଲ୍ ମେହେର, ବୌଦ୍ଧ ବିନ୍ଧ୍ୟବାନି ସାହୁ, କଟକ ପ୍ରଦୀପ୍ତ କୁମାର ଦାସ, କଟକ ନଗର ପାଇଁ ଗିରିବାଳା ବେହେରା, ଦେବଗଡ଼ ସେମ୍ ହେମ୍ରମ, ଢେଙ୍କାନାଳ ଛବିରାଜ ବିଶ୍ୱାଳ, ଗଜପତି ଦାଶରଥି ଗମାଙ୍ଗୋ, ଗଞ୍ଜାମ (ପୂର୍ବ)ରଶ୍ମିରଞ୍ଜନ ପଟ୍ଟନାୟକ, ଗଞ୍ଜାମ (ପଶ୍ଚିମ) ରମେଶ ଚନ୍ଦ୍ର ଜେନା, ଜଗତସିଂହପୁର ଦେବପ୍ରସାଦ ନାୟକ, ଯାଜପୁର ମାଗୁଣି ବଟକୃଷ୍ଣ ଜେନା, ଝାରସୁଗୁଡ଼ା ଜୀବନ ସାର୍ଥକ ଦାସ, କଳାହାଣ୍ଡି ଜଳନ୍ଧର ନାୟକ, କନ୍ଧମାଳ ଚନ୍ଦ୍ରଶେଖର ପରିଡ଼ା, କେନ୍ଦ୍ରାପଡ଼ା ଡା. ଦେବସ୍ମିତା ଶର୍ମା, କେନ୍ଦୁଝରେ ମନୋଜ କୁମାର ଜେନା, ଖୋର୍ଦ୍ଧା ରାଜୀବ କୁମାର ପଟ୍ଟନାୟକ, କୋରାପୁଟ ରୂପକ ତୁର୍କ୍, ମାଲକାନଗିରି ଜି ଶ୍ରୀନିବାସ ରାଓ, ମୟୂରଭଞ୍ଜ ପୂର୍ବ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମୟୂରଭଞ୍ଜ ପଶ୍ଚିମ ଭୂଷଣ ବିହାରୀ ସାହୁ, ନବରଙ୍ଗପୁର ଡା ଲିପିକା ମାଝୀ, ନୟାଗଡ଼ ରଞ୍ଜିତ ଦାସ, ନୂଆପଡ଼ା ଘାସିରାମ ମାଝୀ, ପୁରୀ ରାଜେଶ କୁମାର ମିଶ୍ର, ରାୟଗଡ଼ା ଆପାଲ୍ଲା କାଡ୍ରାକା ସ୍ୱାମୀ, ରାଉରକେଲା ସବିର ହୁସେନ୍, ସମ୍ବଲପୁର ଅମିତ କୁମାର ଗୁରୁ, ସୁବର୍ଣ୍ଣପୁର ବିନୋଦ ପାତ୍ର ଓ ସୁନ୍ଦରଗଡ଼ ପାଇଁ ନିର୍ମଳ ଚନ୍ଦ୍ର ନାୟକ ଜିଲ୍ଲା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି।

ସୂଚନା ଥାଉ କି ଓଡ଼ିଶାରେ କଂଗ୍ରେସର ସମସ୍ତ ୩୫ ଟି ସାଂଗଠନିକ ଜିଲ୍ଲାର ସଭାପତି ଚୟନ ପାଇଁ ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସଭାପତି ଚୟନ ପ୍ରକ୍ରିୟା ପାଇଁ ୭ ଦିନିଆ କ୍ୟାମ୍ପ କରିଥିଲେ। ପ୍ରତ୍ୟେକ ଜିଲ୍ଲାରେ ସଂପୃକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ସାହାଯ୍ୟ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ। ସଂପୃକ୍ତ ଜିଲ୍ଲାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଦଳୀୟ କର୍ମୀ ଓ ନେତା, ସାମାଜିକ ସଂଗଠନ ଓ ସାମ୍ବାଦିକ ଆଦିଙ୍କ ମତାମତ ସଂଗ୍ରହ କରି ସଭାପତି ତାଲିକା ପ୍ରସ୍ତୁତ କରି ଏଆଇସିସିକୁ ପ୍ରଦାନ କରିଥିଲେ। ଏହାକୁ ଯାଞ୍ଚ କରିବା ପରେ ଏଆଇସି ପକ୍ଷରୁ ଜଣଙ୍କ ନାମ ଉପରେ ମୋହର ବାଜିଛି।

### ମୁଖ୍ୟମନ୍ତ୍ରୀ ମକା ମିଶନର ପରାମର୍ଶ କର୍ମଶାଳା ଅନୁଷ୍ଠିତ

## ରାଜ୍ୟର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ମକା

ଭୁବନେଶ୍ୱର,୨୬।୯(ସମିସ): ମୁଖ୍ୟମନ୍ତ୍ରୀ ମକା ମିଶନ ଅଧୀନରେ ପ୍ରଥମ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା କୃଷି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏହି କର୍ମଶାଳାକୁ ଉଦ୍‌ଘାଟନ କରି କହିଲେ, ଧାନ ପରେ ମକା ରାଜ୍ୟରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ଭାବେ ପରିଗଣିତ ହେଉଛି। ଆଜିର ସମୟରେ ୧୫ଟି ଜିଲ୍ଲା ଓ ୪୫ଟି ବ୍ଲକ୍‌ରେ ମକା ମିଶନ କାର୍ଯ୍ୟ କରୁଛି। ଏହି ମିଶନ ବିଭିନ୍ନ ସରକାରୀ ବିଭାଗ ଯଥା କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ମିଶନ ଶକ୍ତି ଏବଂ ଓରମାସ ଇତ୍ୟାଦି ବିଭାଗମାନଙ୍କ ସହଭାଗିତାର ଏକ ଉତ୍କୃଷ୍ଟ ଉଦାହରଣ। ନିୟମିତ କ୍ରେତା-ବିକ୍ରେତା ବୈଠକ ମକା ବିପଣନରେ ସକରାତ୍ମକ ପ୍ରଭାବ ପକାଇଛି। ନବରଙ୍ଗପୁରରେ ବିଜୟନଗର ବାୟୋ-ଟେକ, ଏକ ମକା ଆଧାରିତ ଷ୍ଟାର୍ଚ ଇଣ୍ଡଷ୍ଟ୍ରି ସ୍ଥାପନା ରାଜ୍ୟରେ ମକା ଚାଷର ଏକ ପ୍ରେରଣାଦାୟକ ଉତ୍ସ ହେବାକୁ ଯାଉଛି।

ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ କହିଲେ, ରାଜ୍ୟ ସରକାରଙ୍କ ଇଥାନଲ୍ ମିଶ୍ରଣ ନୀତି ଏବଂ ମିଠା ମକା ଓ ବେବି କର୍ଣ୍ଣର ବ୍ୟବହାର ଯୋଗୁଁ ମକା ଚାଷ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇଛି। ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଚକ୍ରବର୍ତ୍ତୀ ସିଂହ ରାଠୋର କହିଲେ, ଏହି ମିଶନ ଦୁଇଟି ଏକୀକୃତ ଆବଶ୍ୟକତା ସହିତ ଆରମ୍ଭ ହୋଇଛି। ମକାର ଉତ୍ପାଦନ ବୃଦ୍ଧି ଓ ଚାଷୀଙ୍କୁ ଉତ୍ତମ ବଜାର ମୂଲ୍ୟ ଯୋଗାଇ ଦେଉଛି। ମିଶନ ଶକ୍ତିର ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ନିର୍ଦ୍ଦେଶକ ଲିଟି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏମଓୟୁ ସ୍ୱାକ୍ଷର କରିଥିବା ଦଶ କ୍ରେତା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା କୁକୁଡ଼ା ଖାଦ୍ୟ ଶିଳ୍ପ ଓ ଇଥାନଲ ଉତ୍ପାଦନ କମ୍ପାନୀ ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମ ମିଶନ ପ୍ରୋଗ୍ରାମ ସେକ୍ରେଟାରିଆଟ ଆକ୍ସେସ ଡେଭେଲପମେଣ୍ଟ ସର୍ଭିସେସ ଦ୍ୱାରା ସଂଯୋଜନା କରାଯାଇଥିଲା। ଶେଷରେ, ଯୁଗ୍ମ କୃଷି ନିର୍ଦ୍ଦେଶକ (ଡାଲି ଏବଂ ତୈଳବୀଜ) ତଥା ନୋଡାଲ ଅଧିକାରୀ, ମୁଖ୍ୟମନ୍ତ୍ରୀ ମକା ମିଶନ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଝାରସୁଗୁଡ଼ା...

ନେଟୱର୍କର ଶୁଭାରମ୍ଭ ସହିତ ଭାରତ ଏକ ମାଇଲଖୁଣ୍ଟ ହାସଲ କରିଛି। ଏହାକୁ ଘରୋଇ ୪ଜି ଟେଲିକମ୍ ଷ୍ଟାକ୍ ଥିବା କେବଳ ୫ଟି ରାଷ୍ଟ୍ର ମଧ୍ୟରେ ସ୍ଥାନିତ କରିଛି। ସ୍ୱଦେଶୀ ୪ଜି ନେଟୱାର୍କର ପ୍ରଚଳନ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ଦୃଷ୍ଟିକୋଣ ସହିତ ଏକ ପରିବର୍ତ୍ତନକାରୀ ପଦକ୍ଷେପ। ଏହା ଡିଜିଟାଲ୍ ବିଭାଜନକୁ ଦୂର କରିବ ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ବିଏସଏନଏଲ୍‌ର ୫ଜି ଅପଗ୍ରେଡ୍ ଏବଂ ଇଣ୍ଟିଗ୍ରେସନ ପାଇଁ ପଥ ପ୍ରଶସ୍ତ କରିବ ବୋଲି କେନ୍ଦ୍ର ସରକାର ଆଶା ରଖିଛନ୍ତି।

### ଅବପାତ ରୂପ ନେଲା...

ବନ୍ୟାଜଳ ନିଷ୍କାସିତ କରାଯାଉଛି। ଏହି ପାଣି ଏବେ ମୁଣ୍ଡଳୀରେ ଅତିକ୍ରମ କରୁଛି। ସନ୍ଧ୍ୟା ସୁଦ୍ଧା ନରାଜଠାରେ ମହାନଦୀ ସତର୍କ ସଙ୍କେତ୍ ମଧ୍ୟ ପାର୍ କରିଛି। ନରାଜଠାରେ ସତର୍କ ସଙ୍କେତ ୨୫.୪୧ ମିଟର ଥିବା ବେଳେ ଏଠାରେ ବିପଦ ସଙ୍କେତ ୨୬.୪୧ ମିଟର ରହିଛି। ସନ୍ଧ୍ୟା ସୁଦ୍ଧା ଏଠାରେ ବନ୍ୟାଜଳ ସତର୍କ ସଙ୍କେତ ଉପରେ ଅର୍ଥାତ ୨୫.୭୧ ମିଟର ଉପରେ ପ୍ରବାହିତ ହେଉଛି। ଶନିବାର ମୁଣ୍ଡଳି ଦେଇ ୭ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରତିସେକେଣ୍ଡରେ ପ୍ରବାହିତ ହେବାର ଆଶଙ୍କା ରହିଛି। ଏହା ତଳମୁଣ୍ଡରେ ବନ୍ୟା ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ମାତ୍ର ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇଛି। ଆଜି ଉଚ୍ଚାରିକା ପୀଠରେ ପାଣି ପଶିଥିବା ବେଳେ ମହାନଦୀ ସମ୍ପୂର୍ଣ୍ଣ ଫୁଲି ରହିଛି। ଯଦି ଶୁକ୍ରବାର ରାତିରେ ତଳ ମୁଣ୍ଡରେ ଅଧିକ ବର୍ଷା ହୁଏ ତେବେ ମହାନଦୀରେ ବନ୍ୟା ଭୟ ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି।

ଶନିବାର ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ନେଇ ଆକଳନ କରାଯାଇଛି। ମାତ୍ର ଏହି ଅବପତା ଓଡ଼ିଶା ଅତିକ୍ରମ କରିବା ପରେ ପୁଣି ଏକ ଲଘୁଚାପ ଆସନ୍ତା ୨ ତାରିଖରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ସବୁ ନଦୀରେ ଜଳସ୍ତର ଉଚ୍ଚା ରହିଥିବାରୁ ଆସନ୍ତା ଲଘୁଚାପକୁ ନେଇ ମଧ୍ୟ ଡର ବଢ଼ିଛି। ୨ ତାରିଖରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ଉତ୍ତର ଓଡ଼ିଶାରେ ଅଧିକ ବର୍ଷା କରାଇପାରେ। ତେଣୁ ଆସନ୍ତା ଲଘୁଚାପ ଉପରେ ଏବେଠାରୁ ନଜର ରହିଛି।

### ବର୍ଷା, ବନ୍ୟା ସ୍ଥିତି...

ଖୋର୍ଦ୍ଧା, ଢେଙ୍କାନାଳ, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାକୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଏହି ଆଲୋଚନାରେ, ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ଜିଲ୍ଲାପାଳମାନେ ବର୍ଷାକୁ ନଜରରେ ରଖି ଏହାର ପୂର୍ବ ପ୍ରସ୍ତୁତି କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଜିଲ୍ଲା ଏବଂ ବ୍ଲକ୍‌ସ୍ତରରେ ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରିବା ଏବଂ ଏହାର ତଥ୍ୟଗୁଡ଼ିକ ନିୟମିତ ଭାବେ ଅପଡେଟ୍ କରିବା ସହ ପରିବର୍ତ୍ତିତ ପରିସ୍ଥିତି ଦେଖି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ସହରାଞ୍ଚଳରେ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଡ୍ରେନେଜ୍ ଇଞ୍ଜିନିୟର୍ ଏବଂ ଅଧିକାରୀମାନଙ୍କୁ ସହାୟକ କର୍ମଚାରୀ ଏବଂ ଯନ୍ତ୍ରପାତି ସହ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି।

ଏଥିସହ ଦାୟିତ୍ୱରେ ଥିବା ଇଞ୍ଜିନିୟରିଂ କର୍ମଚାରୀମାନେ ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ତୁରନ୍ତ ସହାୟତା ପାଇଁ ଓଡ୍ରାଫ୍ ଏବଂ ଅଗ୍ନିଶମ ସେବା ୟୁନିଟ୍‌ଗୁଡ଼ିକୁ ପୂର୍ଣ୍ଣ ପ୍ରସ୍ତୁତ, ବିଶେଷକରି ତଳିଆ ଅଞ୍ଚଳ କିମ୍ବା ଯେଉଁଠାରେ ବନ୍ୟା ଆଶଙ୍କା ରହିଛି ଏବଂ ଅନ୍ୟାନ୍ୟ ଆବଶ୍ୟକ ସ୍ଥାନରେ ୟୁନିଟ୍‌ଗୁଡ଼ିକୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ପାହାଡ଼ିଆ ଅଞ୍ଚଳରେ ଭୂ-ସ୍ଖଳନର ସମ୍ଭାବନା ଥିବାରୁ ଉକ୍ତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ସେ ଜିଲ୍ଲାପାଳମାନଙ୍କୁ କହିଛନ୍ତି। ବିଶେଷକରି, ମାଲକାନଗିରି ଜିଲ୍ଲାରେ ଅଧିକ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବହୁମୁଖୀ ବନ୍ୟା ବାତ୍ୟା ଆଶ୍ରୟସ୍ଥଳକୁ ବ୍ୟବହାର ପାଇଁ ପ୍ରସ୍ତୁତ ରଖାଯାଇଛି ଏବଂ ସେଥିରେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ମଧ୍ୟ ମହଜୁଦ ରଖାଯାଇଛି ବୋଲି ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳରୁ ଲୋକଙ୍କୁ ଆଶ୍ରୟସ୍ଥଳକୁ ନେଇ ରନ୍ଧାଖାଦ୍ୟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଔଷଧପତ୍ର, ସାପ କାମୁଡ଼ା ଇଞ୍ଜେକ୍ସନ୍, ଗୋ-ଖାଦ୍ୟ ଓ ଅନ୍ୟାନ୍ୟ ପଶୁ ଖାଦ୍ୟ ଯଥେଷ୍ଟ ପରିମାଣରେ ମହଜୁଦ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଏହି ସମୀକ୍ଷା ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଏବଂ ଆଭାସୀ ମାଧ୍ୟମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନସଚିବ, ପୁଲିସ ମହାନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମୁଣ୍ଡଳୀରେ ପହଞ୍ଚିଲା...

ବନ୍ୟା ପରିସ୍ଥିତି ଉପୁଜିବାର ସମ୍ଭାବନା ଦେଖାଦେଇଛି। ମୁଣ୍ଡଳୀ ବ୍ୟାରେଜ୍‌ର ଜଳସ୍ତର ବିପଦ ସଂକେତ ଉପର ମୁଣ୍ଡରେ ୯୭.୨୫ ଫୁଟ୍ ଏବଂ ତଳ ମୁଣ୍ଡରେ ୯୫.୦୫ ଫୁଟ୍ ରହିଛି। ମୁଣ୍ଡଳୀ ଦେଇ ୧୨ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଲେ ତଳମୁଣ୍ଡରେ କିମ୍ବା ତଳମୁଣ୍ଡରେ ଥିବା ନଦୀକୂଳିଆ ଅଞ୍ଚଳରେ ବନ୍ୟା ଦେଖାଦେଇଥାଏ। ଯେହେତୁ ବର୍ତ୍ତମାନ ମୁଣ୍ଡଳୀରେ ସେଭଳି କୌଣସି ବିପଦ ସଂକେତ ନାହିଁ, ତଥାପି ବର୍ଷା ଲାଗି ରହିଥିବାରୁ ତଳିଆ ଅଞ୍ଚଳର ଲୋକଙ୍କ ମନରେ ଏକପ୍ରକାର ଭୟ ଦେଖାଦେଇଛି।

### ବ୍ରାଣ୍ଡେଡ୍ ଔଷଧ...

ଲଗାଇଥିବାବେଳେ କିଚେନ୍ କ୍ୟାବିନେଟ୍‌ରେ ୫୦%, ଫର୍ଣ୍ଣିଚରରେ ୩୦% ଏବଂ ଭାରୀ ଟ୍ରକ୍ ଉପରେ ୩୦% ଶୁଳ୍କ ଲଗାଇଛନ୍ତି। ଏହି ନୂଆ ଟାରିଫ୍ ଅକ୍ଟୋବର ପହିଲାରୁ ଲାଗୁ ହେବ।

ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଅକ୍ଟୋବର ପହିଲାରୁ ବ୍ରାଣ୍ଡେଡ୍ କିମ୍ବା ପେଟେଣ୍ଟ ହୋଇଥିବା ଔଷଧ ଉପରେ ଶତ ପ୍ରତିଶତ ଶୁଳ୍କ ଲାଗୁ ହେବ। ତାଙ୍କ ନିଷ୍ପତ୍ତି କେବଳ ଆମେରିକାରେ ନିଯୁକ୍ତି ବୃଦ୍ଧି କରିବ ନାହିଁ ବରଂ ବିଦେଶୀ କମ୍ପାନୀଗୁଡ଼ିକୁ ମଧ୍ୟ ଆକର୍ଷିତ କରିବ। ଏହା ଆମେରିକୀୟ କାରଖାନାଗୁଡ଼ିକୁ ଆହୁରି ମଜବୁତ କରିବ। ଏବେ ଟ୍ରମ୍ପ ଔଷଧ ଉପରେ ଟାରିଫ୍ ବୃଦ୍ଧି କରିଛନ୍ତି, ଯାହା ଔଷଧ ଏବଂ ରୋଷେଇ କ୍ୟାବିନେଟ୍ ଉଭୟର ମୂଲ୍ୟ ବୃଦ୍ଧି କରିବ। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ଲେଖିଛନ୍ତି ଯେ ସମସ୍ତ ବ୍ରାଣ୍ଡେଡ୍ ଏବଂ ପେଟେଣ୍ଟ ଔଷଧ ଉତ୍ପାଦଗୁଡ଼ିକ ଅକ୍ଟୋବର ପହିଲାରୁ ୧୦୦% ଶୁଳ୍କ ଲାଗୁ ହେବ। ଏହାଦ୍ୱାରା ଆମେରିକାରେ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠା କରିବାକୁ ଚାହୁଁଥିବା ଔଷଧ କମ୍ପାନୀଗୁଡ଼ିକ ଶୁଳ୍କ ରିଆତି ପାଇବେ। ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ଲାଗୁ କରାଯାଇଥିବା ଏହି ଶୁଳ୍କ ଭାରତୀୟ ଔଷଧ ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। କାରଣ ଆମେରିକା ପ୍ରତିବର୍ଷ ବିଦେଶରୁ ବହୁ ସଂଖ୍ୟକ ଔଷଧ ଆମଦାନୀ କରିଥାଏ। ଔଷଧ ଉପରେ ଶୁଳ୍କ ବୃଦ୍ଧି କେବଳ କମ୍ପାନୀଗୁଡ଼ିକୁ ନୁହେଁ ବରଂ ଆମେରିକୀୟ ଜନସାଧାରଣଙ୍କୁ ମଧ୍ୟ ପ୍ରଭାବିତ କରିବ। କାରଣ କେବଳ ଗତ ବର୍ଷ ଆମେରିକା ଭାରତରୁ ୨୩୩ ବିଲିୟନ ଡଲାର ମୂଲ୍ୟର ଔଷଧ ଏବଂ ଅନ୍ୟାନ୍ୟ ଚିକିତ୍ସା ଉପକରଣ କିଣିଥିଲା। ଏପରି ପରିସ୍ଥିତିରେ ଆମେରିକୀୟ ଜନସାଧାରଣଙ୍କୁ ମଧ୍ୟ ବୃଦ୍ଧି ପାଉଥିବା ମୂଲ୍ୟ ଯୋଗୁଁ ଔଷଧ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡିବ।

### ପ୍ରିୟାଂଶୁ ପାଲ୍...

ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଶୋଭନ୍ ପଟ୍ଟନାୟକ ତୃତୀୟ, ମିର୍ଜା ଫୈଜ ଅହମ୍ମଦ କ୍ୱାଦ୍ରି ଚତୁର୍ଥ, ଚିନ୍ମୟ ସାହୁ ପଞ୍ଚମ, ଅନ୍ତିମ ସ୍ୱାଇଁ ଷଷ୍ଠ, ଶୈଳେଶ କୁମାର ଭୋଇ ସପ୍ତମ, ମହମ୍ମଦ ନାଜିଫ ହାତିଫ ଅଷ୍ଟମ, ଚିନ୍ମୟ କୁମାର ପାଢ଼ୀ ନବମ ଓ ମିଲନ ମହାପାତ୍ର ଦଶମ ସ୍ଥାନ ଅଧିକାର କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ମୋଟ ୧୪୪ଜଣ ଅର୍ଥାତ୍ ମାତ୍ର ୩୬ପ୍ରତିଶତ ମହିଳା ପ୍ରାର୍ଥୀ ଅଛନ୍ତି।

ଚଳିତଥର ଟପର୍ ହୋଇଥିବା ଅନୁଗୋଳ ତୁରଙ୍ଗର ବାସିନ୍ଦା ପ୍ରିୟାଂଶୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ତାଙ୍କ ବାପା ସେନାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେବା କରିଛନ୍ତି। ତାହା ତାଙ୍କୁ ଲୋକଙ୍କ ସେବା କରିବାକୁ ପ୍ରେରିତ କରିଥିଲା। ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖି ପ୍ରସ୍ତୁତି ଆରମ୍ଭ କରିଥିଲେ। ସଫଳତା ପାଇଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ସରକାରୀ ବ୍ୟବସ୍ଥାକୁ ବୁଝିବା ପରେ ସ୍ୱଚ୍ଛତାର ସହ କାର୍ଯ୍ୟନିର୍ବାହ କରିବାକୁ ଉଦ୍ୟମ କରିବେ। ସେହିପରି ସରକାର ଲୋକଙ୍କ ପାଇଁ କରୁଥିବା ଯୋଜନାଗୁଡ଼ିକୁ ସଫଳ ରୂପାୟନ କରିବାକୁ ପ୍ରାଥମିକତା ଦେବେ। କାର୍ଯ୍ୟାଳୟକୁ ଆସି ଯେମିତି କୌଣସି ଲୋକ ଫେରିନଯିବେ, ସେଥିପାଇଁ ତତ୍ପର ରହିବେ। ଚାକିରିରେ ଥାଇ ମଧ୍ୟ ତାଙ୍କ ଭଉଣୀ ଗତବର୍ଷ ଓଏଏସ୍ ପାଇଥିଲେ। ଏହା ମଧ୍ୟ ତାଙ୍କୁ ପଢ଼ିବାକୁ ପ୍ରେରିତ କରିଥିଲା। ଗତ ଜାନୁଆରୀରୁ ସେ ଚାକିରି ଛାଡ଼ି ପୂର୍ଣ୍ଣ ପ୍ରସ୍ତୁତି କରୁଥିଲେ।

ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ଅନନ୍ୟା ପୂର୍ବରୁ ଓଜେଏସ୍ ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇ ଜଜ୍ ଭାବେ କାର୍ଯ୍ୟ କରୁଥିଲେ। ଏପରିକି, ରାଙ୍କର ତୃତୀୟ ସ୍ଥାନରେ ରହିଥିଲେ। ହେଲେ ଲୋକଙ୍କ ସେବା କରିବା ପାଇଁ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଦେବାକୁ ମନସ୍ଥ କରିଥିଲେ। କିନ୍ତୁ ନ୍ୟାୟପାଳିକାର କିଛି ପ୍ରତିବନ୍ଧକ ପାଇଁ ତାଙ୍କୁ ଚାକିରି ଛାଡ଼ିବାକୁ ପଡ଼ିଥିଲା। ଓସିଏସ୍ ପରୀକ୍ଷା ପାଇଁ ପୂର୍ଣ୍ଣ ପ୍ରସ୍ତୁତି କରି ଦ୍ୱିତୀୟ ପ୍ରୟାସରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ତୃଣମୂଳସ୍ତରରେ ଲୋକଙ୍କ ସହ ମିଶି ସରକାରଙ୍କ ପ୍ରତିଟି ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବେ। ଜଜ୍ ଭାବେ ଘଟଣା ଘଟିବା ପରେ ରାୟ ଦେଇଥା'ନ୍ତେ; ହେଲେ ପ୍ରଶାସନିକ ଅଧିକାରୀ ଭାବେ ଏହା ପୂର୍ବରୁ ଲୋକଙ୍କ ପାଖରେ ପହଞ୍ଚି ପାରିବା ଆତ୍ମସନ୍ତୋଷ ପ୍ରଦାନ କରିବ ବୋଲି ସେ କହିଛନ୍ତି।

ସାକ୍ଷାତକାର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମଧ୍ୟ ପ୍ରମାଣପତ୍ର ଯାଞ୍ଚ ସମୟରେ ୨ଜଣ ପ୍ରାର୍ଥୀ ଅନୁପସ୍ଥିତ ଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଛି। ସେହିପରି ଜାତି ପ୍ରମାଣପତ୍ର ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ନପାରିବାରୁ ଦୁଇ ଜଣଙ୍କୁ ବାଦ୍ ଦିଆଯାଇଛି। ପୂର୍ବତନ କର୍ମଚାରୀ ଭାବେ ତଥ୍ୟ ଦେଇଥିବା ୩ଜଣ ଅଧିକାରୀଙ୍କୁ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିବାରୁ ତାଙ୍କୁ ବାଦ୍ ଦିଆଯାଇଛି। ସୂଚନାଯୋଗ୍ୟ, ଓସିଏସ୍ ମୁଖ୍ୟ ପରୀକ୍ଷା ଚଳିତବର୍ଷ ଏପ୍ରିଲ ୧୯, ୨୦, ୨୨, ୨୪, ୨୭ ଏବଂ ମେ' ୧୫ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ସେପ୍ଟେମ୍ବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସାକ୍ଷାତକାର ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ପରେ ଓପିଏସ୍‌ସି ୩୯୮ ଜଣ ପ୍ରାର୍ଥୀଙ୍କୁ ଚୟନ କରିଛି।

**PUBLIC NOTICE**

This NOTICE is hereby given that my client Mr. DASARATHI SAHOO, S/O RANKANATH SAHOO has lost Original Regd. Sale Deed No. 4736, dtd. 08/08/1966 Deed details : Khata No- 55, Plot No. 62 Mouza- Cheunkasahi, P.S./ Tahasil- Banpur, Dist- Khurda, Odisha and a FIR (complaint no. 2448300207250016) for the same has been lodged at Banpur Police Station on 25th September 2025. All person / persons are hereby informed to put their claims or interest of objection about the said above referred documents and / or about the said property or any part thereof, within a period of 15 days along with the sufficient evidencefrom appearance of this notice. If deed is not found within 15days, then the certified copy of the document obtained from the registry office will be considered as the original document.

Samir Kumar Paikaray (Advocate)
Bhubaneswar Court
Ph: 7008005419

**AFFIDAVIT**

By virtue of an affidavit before the Notary Public, Titilagarh, on dated-11/09/2025. I, **Truptimayee Mishra** (new name), formerly called as Truptimayee Pujahari (old name), Wife of Ghanashyam Mishra, permanent resident of AT/PO/PS: Titilagarh (Hatpada Pada, Ward No.14), Dist- Bolangir, (Odisha), PIN-767033 declare that I have changed my name from **Truptimayee Pujahari** (old name) to **Truptimayee Mishra** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Truptimayee Mishra** (new name).

**Truptimayee Mishra**

KORAPUT CENTRAL CO-OPERATIVE BANK LTD.,
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Phone No. (06854) 241159 / 232714
Email: ceo@koraputccb.com

Letter No. 2409/P&S/2025-26 — Date 24.09.2025

**QUOTATION CALL NOTICE**

Sealed quotations are invited from the intending registered firm for making a Glow sign board for branch banks of the Koraput Central Cooperative Bank Ltd., Jeypore along with supported valid GST & PAN are requested to submit their sealed quotations before the undersigned on or before **Dt.04.10.2025** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as a Glow sign board on envelop.

The tender will be opened on Dtd. **06.10.2025** at **11.30 A.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | Qty. required approximately | Proposed installation Site/Places in the KCCB Ltd., Branch & ATMs |
|---|---|---|---|
| 1. | Glow Sign Board: Fixing Acrylic LED 3D Letters with 48mm Thickness On ACP Background with Frame (Odiya letters with the KCC Bank logo) along with standard Led lights fitting charges. Glow sign Board size approximately: 10" feet Length x 4 feet width" Note: The above size may vary from branch to branch. | 23 Nos. of Branches & 1 No. at Head Office | KCCB Ltd., H.O, Main, Mahila, Bazar, Sadar, Borigumma, Koraput, Semiliguda, Nandapur, Laxmipur, Narayanapatna Nabarangpur, Papadahandi, Kosagumuda, Umerkote, Malkangiri, Mathili, M.V 79 Branch at Kalimela, Balimela, Rayagada, Tikiri, Muniguda, Gunupur & Padmapur Branch bank. |
| | | 9 Nos. of ATM | KCCB Ltd., Main, Borigumma, Koraput, Semiliguda, Laxmipur, Nabarangpur, Mathili, Gunupur & Padmapur ATMs |

The above items should be quoted including GST, Transportation, Delivery/Supply at the above Branch Bank & ATMs of the Koraput Central Cooperative Bank Ltd., Jeypore (within undivided Koraput District) including installation charges. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary,
Koraput Central Cooperative Bank Ltd.,
Jeypore.

**AFFIDAVIT**

I, Behera Dinesh Kamlakanta, S/o Kamalakanta Behera , resident of At/Po/Ps-Bhograi, Dist.-Balasore, Pin.No-756038, State-Odisha declared by this affidavit no-3156 dated 30-08-2025 that now onwards I shall be known as **Dinesh Kamalakanta Behera** for all future purposes.

**AFFIDAVIT**

I, Kamlakanta Behera, S/o-Raghunath Behera, resident of At/Po/Ps-Bhograi, District-Balasore, pin-756038 state odisha declared by this affidavit no 3758 dated 18/09/2025 that now onwards I shall be known as **Kamalakanta Behera** for all future purposes.

**AFFIDAVIT**

By virtue of an affidavit Sl. No. 2515, dtd. 26.09.2025 in the court of the Executive Magistrate, Phulbani, Dist.-Kandhamal, I, Kanistha Pradhan have changed my minor son's name from Kritikrisan Pradhan to Kritik Rasan Pradhan. Henceforth he will be known as Kritik Rasan Pradhan for all purposes.

**Sd/- Kanishta Pradhan**

**AFFIDAVIT**

By virtue of an affidavit sworn before Notary Public, Bhadrak, dtd. 10.09.2025, I, Manasi Jena, Apartibindha (New Colony), Bhadrak declare that I have changed the name of my son from Rudra Kumar Mallik to Nitesh Kumar Jena. Henceforth he shall be known as Nitesh Kumar Jena for all purposes.

**Manasi Jena**

**AFFIDAVIT**

I, Smt. Sulochana Ganda, D/o-Sri Raghu Ganda, W/o- Sri Laxmidhar Nayak, At-Balighat, Gopalpur Road, P.O.- Baliguali, P.S-Penthakata Marine, Dist Puri, Odisha-752002 by virtue of an affidavit before the Executive Magistrate, Puri on 20.05.2025 have changed my name to Smt. Rina Nayak for all purposes.

**Rina Nayak**

**AFFIDAVIT**

By virtue of an affidavit sworn before 319, dated-10/09/25, I Sri Chhatish Chandra Mohanta Address: At-Fulbadia, Po-Gadigan, Ps- Morada, Mayurbhanj, Odisha, Pin-757018 declare that I have changed my daughter's name from RAJI MOHANTA (old name) to JENNIFER MOHANTA (new name) Henceforth, she shall be known as JENNIFER MOHANTA (new name) for all future purposes.

**Chhatish Chandra Mohanta**

**AFFIDAVIT**

I, Sujita Kumr Patra S/o Sitaram Patra, Resident of Village/Po- Gunthapada, PS- Aska, Dist- Ganjam, Odisha, PIN- 761115 declare by this affidavit No.32243 dtd 25.09.2025 that now onwards I shall be known as **SUJITA KUMAR PATRA** for all future purposes.


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**AFFIDAVIT**

I, Raghunath Khuntia, S/o- Bhima Khuntia , resident of At-Balidihi, Banapur, Dist-Khurda, Pin- 752031, Odisha declared by this affidavit No.783, dtd- 25/09/2025 that now onwards I shall be known as **KANDHA KHUNTIA** for all future purposes.

**AFFIDAVIT**

I, Navita Narayan Chavan, D/o- Narayan Chavan, resident of Plot No. L-42, Phase-3, Dumduma HB Colony, Bhubaneswar, Dist-Khurda, Pin- 751019, Odisha declared by this affidavit No. 62AA 420795, dtd-11/05/2023 that now onwards I shall be known as **NAVITA N** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 25/08/2025. Affidavit No. -2276, I Parvatee Chhualasingh, Address-Chhotijodi, Po.- Haladiapada, Ps.- Kanas, Dist- Puri, Pin-752060 declare that my Name from **Parei Chhualasingh** to **Parvatee Chhualasingh**. Henceforth, i shall be known as **Parvatee Chhualasingh** for all purposes.

**AFFIDAVIT**

I, Prashanta Kumar Barik,S/O-Khandeswar Barik, At/Po- Narendrapur, Ps.- Banpur, Dist.-Khordha, Pin- 752031 Odisha declare by this affidavit no.-3653, dtd. 25/09/2025 that now onwards I shall be known as **PRASANTA KUMAR BARIK** for all future purposes.

**AFFIDAVIT**

I,Bali Behera S/o-Bhikari Behera, Resident of Kanjiasahi Mundula, Mundula, Ganjam, Odisha, PIN-761032 Odisha declared by that Affidavit No.1087/2025 Dated: 26.09.2025. That now onwards I shall Be Known As **Balaram Behera** for all future Purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 25/08/2025. I Satya Ranjan Sahoo, Address- Champapur, Po.-Gadaniala, Ps.- Khordha, Odisha, Pin-752055 declare that I have changed the Name of my daughter from **Shreyanshi Priyadarshini Sahoo** to **Shreyanshi Sahoo**. Henceforth, she shall be known as **Shreyanshi Sahoo** for all purposes.

**AFFIDAVIT**

By virtue of an affidavit sworn before the Executive Magistrate Jharbandh of District Bargarh dated 17th September 2025, CF No - 01, I Rajendra Banchhor aged about 35 years son of Late Nandalal Banchhor, resident of village Kotana, PO/PS.- Jharbandh, Dist.- Bargarh, Pin-768042 hereby declares that for and on behalf of my minor son Suraj Banchhor. I have changed my minor son's name from **Surah Banchhor (DOB-28.08.2015)** to **Suraj Banchhor (DOB-18.05.2014)**. Hence he will be known as **Suraj Banchhor** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no. 1042 dtd. 26.09.2025, I, Sri Spandan Keshori Rout, S/o- Late Sangram Kesori Rout resident of MI Colony, Chamuriaguda, Nabarangpur state that, my son's original name spelling is **Sambhram Keshori Rout** but in the PM Shri Kendriya Vidyalaya School record his name has been wrongly entered as **Sambraham Keshori Rout.** That **Sambraham Keshori Rout** and **Sambhram Keshori Rout** is one and same person.

Sd/- **Spandan Keshori Rout**

**PUBLIC NOTICE**

Sale Deed No. 11131804036/2018 dated-11.05.2018 relating to Plot No. 754/2637, Khata No. 81, Mouza: Bhubaneswar City, Unit-20, Jagmara has been destroyed due to termite damage. Any person dealing with the said property based on this document does so at their own risk & we shall not be responsible. Owner name- Padmabati, Suchita, Sunita, Sujata Goenka, Contact number-9437579712

**AFFIDAVIT**

By virtue of an affidavit sworn before The Notary Public, Sunabeda dated 25/09/2025 I Sri. Sunil Pujari, S/o-Narayana Pujari, Vill:-Andaraguda, Po.- Panthalung, Ps.- Padwa, District- Koraput declare that I have changed my name from **Sunil Kumar Khada**, S/o- Suriya Khada to Sunil Pujari, S/o- Narayana Pujari. Henceforth, I shall be known as **Sunil Pujari** for all purposes.

Sd/- **Sunil Pujari**

# ସେମିଲିଗୁଡା ମୁଖ୍ୟ ମାର୍ଗ ସଫେଇ ଅଭିଯାନ

ସେମିଲିଗୁଡା, ୨୬।୯ (ସମିସ): କୋରାପୁଟ ଜିଲ୍ଲାର ସୁନାବେଡା ପୌର ପରିଷଦ ପକ୍ଷରୁ ସେମିଲିଗୁଡା ସହରର ମୁଖ୍ୟ ମାର୍ଗରେ ଗୁରୁବାର ସକାଳୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଫେଇ ଅଭିଯାନରେ ସୁନାବେଡା ପୌରାଧ୍ୟକ୍ଷ ଡଃ ରାଜେନ୍ଦ୍ର କୁମାର ପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାତ୍ର, ଆଇଏଏସ ( ପ୍ରୋବସନାରି) , ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ପାର୍ଷଦ ସୁଶ୍ରୀ ମମତା ରାୟ, ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ ବରିଷ୍ଠ କର୍ମଚାରୀ ଲକ୍ଷ୍ମୀଧର ମହାପାତ୍ର, ମିଲନ ପାତ୍ର, ଅଳକା ପାଣିଗ୍ରାହୀ, ପୌର ପରିଷଦର ସ୍ୱଚ୍ଛ ସାଥୀ ଏବଂ ସଫେଇ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସଫେଇ କର୍ମଚାରୀ ମାନଙ୍କ ସହ ସମସ୍ତ ଅତିଥି ନିଜେ ଝାଡୁ ଧରି ସେମିଲିଗୁଡା ସହରର ସବୁଠାରୁ ଜନ ଗହଳି ମୁଖ୍ୟ ରାସ୍ତାରେ ସଫେଇ କରିଥିଲେ।

# ୱାର୍ଲ୍ଡ ଫାର୍ମାସି ଡେ ପାଳିତ




ନନ୍ଦପୁର,୨୬।୯ (ସମିସ): ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୱାର୍ଲ୍ଡ ଫାର୍ମାସି ଡେ ୨୦୨୫ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଧ୍ରୁବରାଜ୍ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫାର୍ମାସିଷ୍ଟମାନଙ୍କୁ ସ୍ୱାସ୍ଥ୍ୟ ସେବାର ଏକ ଅବିଭକ୍ତ ଅଙ୍ଗ ଏବଂ ସେମାନଙ୍କର ନିଷ୍ଠା, ପରାମର୍ଶ ଓ ଔଷଧ ପ୍ରଦାନ ରୋଗୀଙ୍କ ସ୍ୱାସ୍ଥ୍ୟ ସୁଧାରେ ବିଶେଷ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ଅବସରରେ ସଚେତନତା କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ହୋଇଥିଲା। ରୋଗୀମାନଙ୍କୁ ସଠିକ ଔଷଧ ବ୍ୟବହାର, ସମୟରେ ଔଷଧ ସେବନ ଓ ସ୍ୱାସ୍ଥ୍ୟ ସଚେତନତା ବିଷୟରେ ସୂଚନା ମଧ୍ୟ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟବକ୍ତା ଭାବରେ ଅବସର ପ୍ରାପ୍ତ ଫାର୍ମାସି ଅଫିସର ସନ୍ତୋଷ କୁମାର ଗିରି, ଫାର୍ମାସୀ ଅଫିସର ଶାନ୍ତନୁ କୁମାର ଦାସ, ପରେଶ କୁମାର ସେନାପତି, ନନ୍ଦ ବଡ଼ନାୟକ, ମଳୟ ଛୋଟରାୟ, କମଳ ରାଜ ଖରା, ମୀନ ପଟ୍ଟନାୟକ, ଲୋକନାଥ ଚୌଧୁରୀ, ରଶ୍ମିରେଖା ରଥ, ପ୍ରକାଶ ଚନ୍ଦ୍ର ପତି, ତରୁଣ କୁମାର ସେଠୀ, ପ୍ରମିଳା ଲାକ୍ରା ଏବଂ ଅନ୍ୟାନ୍ୟ ସହକର୍ମୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ।

# ପରଶୁବେଡ଼ାକୁ ପଞ୍ଚାୟତ ଘୋଷଣା କରିବାକୁ ବିଡିଓଙ୍କୁ ଦାବିପତ୍ର

ଡାବୁଗାଁ, ୨୬।୯ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ପଞ୍ଚାୟତ ଏକ ବଡ଼ ପଞ୍ଚାୟତ। ଏହାକୁ ଭାଗ କରି ନୂତନ ପଞ୍ଚାୟତ ଗଠନ କରିବାକୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡାବୁଗାଁ ବିଡିଓ ଶରତ ମାଝିଙ୍କୁ ପ୍ରଦାନ କରାଯାଇଛି। ପଞ୍ଚାୟତକୁ ଭାଗ କରି ଏକ ନୂତନ ପଞ୍ଚାୟତ ଗଠନ କରିବାକୁ ୬ଟି ଗ୍ରାମର ଗ୍ରାମବାସୀ ଦାବି କରିଛନ୍ତି। ବୋରୀଗାଁ ପଞ୍ଚାୟତରୁ ପରଶୁବେଡା, ମେଣ୍ଡ୍ରା, ଗୋଦମା , ଖୁଟୁଗୁଡା, ଆମ୍ବାଗୁଡା, ମେଣ୍ଡ୍ରିଗୁଡା ଗ୍ରାମ ସହ ପ୍ରାୟ ୧୦ଟି ପଡା ଗ୍ରାମକୁ ନେଇ ପରଶୁବେଡା ନାମରେ ନୂତନ ପଞ୍ଚାୟତ ଗଠନ କରିବା ପାଇଁ ଏହି ୬ଟି ଗ୍ରାମର ଲୋକେ ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ସରପଞ୍ଚ ରଇନୁ ପୂଜାରୀ, ବରିଷ୍ଠ ଆଇନଜୀବୀ ଜୟନ୍ତ କୁମାର ପାତ୍ର, ୱାର୍ଡ ସଭ୍ୟ ମାନସିଂ ଭତ୍ରା, ବିଘଲ ଭତ୍ରା, ବୁଦୁରୁ ଭତ୍ରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। କିଛି ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ମଧ୍ୟ ଦାବିପତ୍ର ପ୍ରେରଣ କରାଯାଇଛି।

# ଆନ୍ଦୋଳନରତ ମିଶନ ଶକ୍ତି କର୍ମଚାରୀଙ୍କୁ ବିଜେଡିର ସମର୍ଥନ




ପାପଡାହାଣ୍ଡି,୨୬।୯ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଜିପିଏସଏସ କର୍ମୀ ସଂଘ ପକ୍ଷରୁ ପାଞ୍ଚଦିନ ହେଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ପ୍ରବଳ ବର୍ଷା ସତ୍ତ୍ୱେ ଜିପିଏସଏସ କର୍ମୀ ଧାରଣ ଜାରି ରଖିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ପଞ୍ଚମ ଦିନରେ ବିଜେଡି ପକ୍ଷରୁ ସମର୍ଥନ ଜଣାଇ ଧାରଣାରେ ବସିଥିଲେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବିଜେଡି ନେତା ଶରତ ଜାଲ ,ବନମାଳୀ ପୂଜାରୀ , ବିଷ୍ଣୁ ବିଶୋଇ, ଜିଗେଶ୍ୱର ସାହୁ ଏବଂ ଦଳୀୟ ନେତା । ସୂଚନା ଯୋଗ୍ୟ, ଗତ ସେପ୍ଟେମ୍ବର ୧୫ ତାରିଖରେ ଆନ୍ଦୋଳନ କରାଯାଇଥିବା ବେଳେ କୌଣସି ସୁଫଳ ମିଳି ନଥିଲା। ଧାରଣାରେ ସଂଘ ସଭାପତି ମାର୍ଥା ମଞ୍ଜରୀ ଖୋରା, ସମ୍ପାଦିକା ସସ୍ମିତା ନାୟକ , ରଞ୍ଜିତା ମଞ୍ଜୁରୀ ବିଷୋୟୀ , ହାନାମା ନାଗ ,ରୂପେଲି ସନ୍ଧ୍ୟାରାଣୀ ଗରଡା, ଚନ୍ଦ୍ରବତୀ ହରିଜନପ୍ରମୁଖଙ୍କ ସହ ଶତାଧିକ ସଂଘ ସଦସ୍ୟ ଧାରଣାରେ ବସିଛନ୍ତି।

# ପ୍ରବନ୍ଧ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ



ନନ୍ଦପୁର,୨୬।୯ (ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ଆନୁକୁଲ୍ୟରେ ନନ୍ଦପୁର ବ୍ଲକ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ଅବସରରେ ନନ୍ଦପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପ୍ରବନ୍ଧ ଲିଖନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ପୁରସ୍କାର ପ୍ରଦାନ କରିଛନ୍ତି। ଉକ୍ତ ପ୍ରତିଯୋଗୀରେ ପ୍ରଥମ ସ୍ଥାନରେ ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ କୀର୍ତ୍ତି ପ୍ରିୟ ଦର୍ସନି, ଦ୍ୱିତୀୟ ସ୍ଥାନରେ ସରସ୍ୱତୀ ସୀସା , ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନନ୍ଦପୁର, ତୃତୀୟ ସ୍ଥାନରେ ଆଦ୍ୟାଶା ଖସ୍କା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନନ୍ଦପୁର ରହିଛନ୍ତି। ତିନି ଛାତ୍ରୀଙ୍କୁ ଟଙ୍କା ଆକାରରେ ପୁରସ୍କାର ରାଶି ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ବିଏସଏସ ଓ ଏନ୍ ନାଗରାଜ ଆଚାରି ଓ ଚିନ୍ମୟୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଧାନସଭା ଘେରାଉ କରିବେ ମିଶନ ଶକ୍ତି ମହିଳା

ପୋଡ଼ାଗଡ଼,୨୬।୯ (ସମିସ): ବର୍ଷା, ପବନକୁ ଖାତିର ନ କରି ପିଲା ଛୁଆକୁ ଧରି ୫ ଦିନ ହେଲା ଦସମନ୍ତପୁର ବ୍ଲକ ବ୍ଲକ ଆଗରେ ବସିଛନ୍ତି ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର । ତାଙ୍କୁ ସମର୍ଥନ ଜଣାଇ ଧାରଣାରେ ବସିଲେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ବିଶୋଇ, ରାଜେନ୍ଦ୍ର ହୁଇକା ଓ ସମାଜସେବୀ ରମେଶ ନାୟକ ଓ ସରପଞ୍ଚ ଶରତ ମୁଦୁଲି । ତେବେ ପୂର୍ବ ସରକାରରେ ମିଶନ ଶକ୍ତିରେ ଏମାନେ ସଠିକ୍ ପ୍ରାପ୍ୟ ପାଉଥିବାବେଳେ ବର୍ତ୍ତମାନ୍‌ର ସରକାର ଏମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ଉଠାଇଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଚାଲୁ ରହିବ ବୋଲି କୁହାଯାଇଛି । ଆବଶ୍ୟକ ପଡ଼ିଲେ ମିଶନ ଶକ୍ତି ବିଧାନସଭା ଘେରାଉ କରିବ ବୋଲି ସେମାନେ କହିଛନ୍ତି।

## ଜଳଶକ୍ତି ଓ ଜନ ଭାଗିଦାରୀରେ ସଫଳତା

# ଜିଲ୍ଲାକୁ ମିଳିଲା ୨୫ ଲକ୍ଷ ଟଙ୍କାର ଅର୍ଥ ରାଶି ପୁରସ୍କାର

ରାୟଗଡ଼ା,୨୬।୯ (ସମିସ): ଜଳ ଶକ୍ତି ଜନ ଭାଗୀଦାରୀରେ ରାୟଗଡ଼ା ଜିଲ୍ଲା ଉଲ୍ଲେଖନୀୟ ସଫଳତା ପାଇଛି । ବିଶେଷ ଭାବରେ ବର୍ଷା ଜନିତ ଜଳକୁ ଠିକ ଭାବରେ ସଞ୍ଚୟ କରିବା , ଜଳ ଉତ୍ସ ଗୁଡିକୁ ଠିକ ଭାବରେ ସଂରକ୍ଷିତ କରିବା, ବର୍ଜ୍ୟଜଳକୁ ସଠିକ ପରିଚାଳନା କରିବା ଏବଂ ଏଭଳି କ୍ଷତ୍ରରେ ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରାଳୟ , ଜଳ ସମ୍ପଦ ବିଭାଗ , ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ବିଭାଗ ଦ୍ୱାରା ସ୍ଥିରିକୃତ ବିଭିନ୍ନ ମାପଦଣ୍ଡ ଓ ସର୍ବେକ୍ଷଣରେ ରାୟଗଡ଼ା ଜିଲ୍ଲା ସମୁଦାୟ ୮୨୩୭ ଟି ନିର୍ମିତ ଜଳ ସଞ୍ଚୟ ସଂରଚନାରେ ସଠିକ ଭାବେ ତଥ୍ୟ ଅପଲୋଡ ହୋଇଛି। ଏଣୁ ଭାରତ ବର୍ଷରେ ଶ୍ରେଷ୍ଠ ୬୭ ଜିଲ୍ଲା ମଧ୍ୟରୁ ରାୟଗଡ଼ା ଜିଲ୍ଲା ଜୋନ୍-୨ କାଟାଗୋରୀ-୩ ରେ ୨୫ ଲକ୍ଷ ଅର୍ଥରାଶି ପାଇଁ ପୁରସ୍କୃତ ହୋଇଛି। ଏହି ଜଳ ସଂରଚନାରେ



ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ୫୭୭୫ଟି, ମୃର୍ତ୍ତିକା ସଂରକ୍ଷଣ ବିଭାଗ ୫୦୦ଟି, ଜଙ୍ଗଲ ଓ ପରିବେଶ ବିଭାଗ ୧୮୩୨ଟି , କ୍ଷୁଦ୍ର ଜଳସେଚନ ବିଭାଗ ୧୩୦ଟି ଜଳ ସଞ୍ଚୟ ସଂରଚନା ଠିକ ଭାବେ କାର୍ଯ ରେ ପ୍ରତିପାଦିତ କରି ତଥ୍ୟକୁ ଅପଲୋଡ କରିଥିଲେ। ଜିଲ୍ଲାର ମୁଖ୍ୟ ଉନ୍ନୟନ ତଥା କାର୍ଯ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ ସମ୍ପାଦିତ ହୋଇଥିଲା। ଏହି କାର୍ଯରେ କେନ୍ଦ୍ର ନୋଡାଲ ଅଫିସର ବିଶ୍ୱ ବିନାୟକ ବଳବନ୍ତ ରାୟଙ୍କ ମଧ୍ୟ ଉଲ୍ଲେଖନୀୟ ଅବଦାନ ରହିଥିଲା। ଜିଲ୍ଲା ପରିଷଦ ର ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁ ଓ କନିଷ୍ଠ ଯନ୍ତ୍ରୀ ସୋନଲି ପ୍ରଧାନ ଏବଂ କ୍ଷୁଦ୍ର ଜଳସେଚନ ବିଭାଜନ ବିଭାଗର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ପରିଡା ଏହି କାର୍ଯକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଏହି ସଫଳତା ପାଇଁ ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀ ଏହି କାର୍ଯ୍ୟରେ ନିଯୋଜିତ ଥିବା ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି କାର୍ଯ୍ୟ ଜେଏସଜେବି (୨ .୦) ରେ ବଳବତ୍ତର ରଖିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

# ନଦୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ଡାବୁଗାଁ, ୨୬।୯ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ନନ୍ଦପୁରା ଗ୍ରାମ ନିକଟ ସିଙ୍ଗାରୀ ନଦୀରୁ ଜଣେ ବୃଦ୍ଧାଙ୍କ ମୃତଦେହ ଶୁକ୍ରବାର ସକାଳେ ଉଦ୍ଧାର କରାଯାଇଛି। ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ନନ୍ଦପୁରା ଗ୍ରାମର ରୁକୁଣା ଭତ୍ରା (୬୦) ଗତ ୨୪ ତାରିଖ ଦିନ ମଧ୍ୟାହ୍ନରେ ଗ୍ରାମ ପାଖ ସିଙ୍ଗାରୀ ନଦୀକୁ ଗାଧୋଇବା ପାଇଁ ଯାଇ ଫେରି ନଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ମଧ୍ୟ ପାଇ ନଥିଲେ। ଶୁକ୍ରବାର ଦିନ ସକାଳେ ରୁକୁଣା ଙ୍କ ପୁଅ ବୁଦୁ ଭତ୍ରା ନଦୀକୁ ଗାଧୋଇବାକୁ ଯାଇଥିଲେ । ସେହି ସମୟରେ ନଦୀ କୂଳରେ ବୃଦ୍ଧାଙ୍କ ଶବ ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବରପାଇ ଗ୍ରାମବାସୀ ଘଟଣା ସ୍ଥଳରେ ପାଣିରୁ ଶବକୁ ଉଦ୍ଧାର କରିଥିଲେ। ପରେ ମୃତକର ପୁଅ ମୃତଦେହ ଚିହ୍ନଟ କରିଥିଲେ। ଏନେଇ ମୃତକର ପୁଅ ବୁଦୁ ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ଶିଂସାରି ଫାଣ୍ଡି ଅଧିକାରୀ ହରିହର ଭତ୍ରା ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ପଞ୍ଚନାମା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପୋଷାକ ବଣ୍ଟନ କାର୍ଯ୍ୟକ୍ରମ

ପାପଡାହାଣ୍ଡି,୨୬।୯ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡେଙ୍ଗାଗୁଡ଼ା ପଞ୍ଚାୟତ ଅଧିନସ୍ଥ ଖରକି ଆଶ୍ରମ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ବେହେରାଙ୍କ ସଭାପତିତ୍ୱରେ ଆଜି ବିଦ୍ୟାଳୟରେ ପୋଷାକ ବଣ୍ଟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏସଏମ୍‌ସି ସଭାପତି ଡିସେମ୍ବର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଉପ ସଭାପତି ଡାଳିମ୍ବ ଭତରା, ଏସଏମସି ସଭ୍ୟ ସଭ୍ୟା କୁମାରୀ ମାଝୀ ଉରତ ମିର୍ଗାନ, ପବିତ୍ର ନାୟକ, ଗୋରୀ ଭତରା, ଧନର ମାଝୀ ଏବଂ ଚନ୍ଦ୍ରା ମିର୍ଗାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ହୋମ୍ ଡ୍ରେସ, ଦୁଇହଳ ୟୁନିଫର୍ମ, ଟୋପି , ଜୋତା , ଦୁଇହଳ ସକ୍ସ ଏବଂ ପରିଚୟ ପତ୍ର ବଣ୍ଟନ କରାଯାଇଛି। ଏହି ବିଦ୍ୟାଳୟରେ ଛାତ୍ରୀ ୨୧୩ ଏବଂ ଛାତ୍ର ୨୨୪କୁ ମିଶାଇ ମୋଟ ୪୩୭ ଛାତ୍ର ଛାତ୍ରୀଙ୍କୁ ପୋଷାକ ଏବଂ ଜୋତା ବଣ୍ଟନ କରାଯାଇଛି।

■ ଧରାବତରଣ କଲେ ମା'ଦୁର୍ଗା

# ସୁନ୍ଦର ମେଢ଼ ସହ ଆକର୍ଷଣୀୟ ମୂର୍ତ୍ତି

ବିଷମ କଟକ,୨୬।୯ (ସମିସ): ଚଳିତ ବର୍ଷ ବିଷମ କଟକ ସହରରେ ବେଶ ଧୂମଧାମରେ ପାଳିତ ହେଉଛି ମା'ଜଗତ୍‌ଜନନୀଙ୍କ ଦୁର୍ଗା ପୂଜା। ଦୁର୍ଗାପୂଜା କମିଟି ତରଫରୁ ସ୍ଥାନୀୟ ବ୍ୟାଙ୍କ କଲୋନୀ ପଡିଆ ଅସ୍ଥାୟୀ ମଣ୍ଡପରେ ଜଗତ ଜନନୀ ମାଁ ଦୁର୍ଗାଙ୍କ ପୂଜା ବେଶ ଆଡମ୍ବରର ସହ ପାଳନ କରାଯାଉଛି। ଏହି ନବଦିନାଙ୍କ ପୂଜାର ପ୍ରଥମ ଦିନର ପ୍ରତିପଦାରେ ମାଁ ଦୁର୍ଗାଙ୍କୁ ଆବାହନ କରି କଳସ ଯାତ୍ରା, ବେଲବରଣ କରି ପୂଜା ସ୍ଥଳରେ ମଣ୍ଡଳ କରଣ, ସୂର୍ଯ୍ୟପୂଜା ସାରି ମାଁ ଙ୍କ ମୃଣୟ ପ୍ରତିମା କୁ ଜୀବନ୍ୟାସ କରାଯାଇଛି। ଏଥି ସହିତ ଅଗ୍ନିଶସ୍ତ୍ର ପୂଜା,ଶୋଡଷ ପୂଜା ସାରି ହୋମ କାର୍ଯ୍ୟ ସମାପନ କରାଯାଇଛି। ସମସ୍ତ ପୂଜା କାର୍ଯ୍ୟରେ ସ୍ଥାନୀୟ ପୂଜକ ରାମଚନ୍ଦ୍ର ରଥ, କେଶବ ରଥ, ସପନ ରଥ, ପ୍ରତାପ ତ୍ରିପାଠୀ ଓ ଦେବନାଥ ହୋତା ପ୍ରମୁଖ ପୂଜାର କାର୍ଯ୍ୟକୁ ସମାପନ କରିଛନ୍ତି। ମା ଦୁର୍ଗା ଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ମା ଦୁର୍ଗା ଙ୍କ ଦର୍ଶନ ନିମନ୍ତେ ମଣ୍ଡପ ରେ ଶତାଧିକ ଭକ୍ତ ଙ୍କ ଭିଡ ଜମିଛି। ଭକ୍ତ ଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପୂଜା କମିଟି ତରଫରୁ ବେରିକେଟ ବ୍ୟବସ୍ଥା କରାଯାଇଛି। ମାଁ ଦୁର୍ଗା ଙ୍କ ମୂଖ୍ୟ ଆକର୍ଷଣ ପାଲଟିଛି ରୂପା ଅଳଙ୍କାର। ପୂଜା କମିଟି ତରଫରୁ ମୃଣୟ ପ୍ରତିମାଙ୍କ ନିମନ୍ତେ ରୂପାର ମୁକୁଟ, ହାର,ଶଙ୍ଖା, ବାଜୁବନ୍ଧ, କମରପଟା ଆଦି ୮କିଲୋ ରୂପା ଅଳଙ୍କାରରେ ମାଁଙ୍କୁ ସଜ୍ଜିତ କରିଛନ୍ତି। ରୂପା ଅଳଙ୍କାର ରେ ବିଭୁଷିତ ପ୍ରତିମାକୁ ଦେଖିବା ନିମନ୍ତେ ଶ୍ରଦ୍ଧାଳୁ ଭିଡ ଜମୁଛି। ଭକ୍ତଙ୍କୁ ଆକର୍ଷିତ କରିବା ନିମନ୍ତେ ପୂଜା ସ୍ଥଳକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପୂଜା ସ୍ଥଳରେ ମିନାବଜାର, ରାମଦୋଳି ଲାଗିଛି। ଭକ୍ତଙ୍କ ମନରୋଞ୍ଜନ ନିମନ୍ତେ ଦଶଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କମିଟି ତରଫରୁ ରାବଣ ପୋଡି କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇଛି। ପୂଜା କମିଟିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ମିଳିତ ଭାବେ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରୁଛନ୍ତି।

# ଦିନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ଉମରକୋଟ,୨୬।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାଜପା କାର୍ଯ୍ୟାଳୟ ଠାରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପାର ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ବିଧାନସଭା ସଂଯୋଜକ ସୁରେଶ ଆଚାର୍ଯ୍ୟ, ନଗର ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ଜିଲ୍ଲା ମହିଳା ସାଧାରଣ ସମ୍ପାଦିକା ମନ୍ଦିରା ନାୟକ ପ୍ରମୁଖ ଦିବଂଗତ ଉପାଧ୍ୟାୟଙ୍କ ସ୍ମୃତି ଚାରଣ କରିଥିଲେ। ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ ସଭା ପରିଚାଳନା କରିଥିଲେ।

# ଆଇନଶୃଙ୍ଖଳା ସୁଧାରିବା ପାଇଁ ପୁଲିସର ପ୍ରୟାସ

## ଜାରିହେଲା ମୋବାଇଲ୍ ନମ୍ବର

ବିଷମକଟକ,୨୬।୯ (ସମିସ): ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇଛି। ଏହି ସମୟରେ ଦୁର୍ଗମ ଓ ଗ୍ରାମାଞ୍ଚଳ ମାନଙ୍କରେ ଅପରାଧ,ଚୋରୀ,ଜୁଆଖେଳ ଏବଂ ଚୋରା ମଦର କାରବାର ବହୁଳ ପରିମାଣରେ କାରବାର ହେବାର ସମ୍ଭାବନା ରହିଛି। ଗ୍ରାମାଞ୍ଚଳ ମାନଙ୍କରେ ଅପରାଧିକ କାର୍ଯ୍ୟ ବଢିବାର ଆଶଙ୍କା ମଧ୍ୟ ବେଶ ରହିଛି। ଏହାକୁ ଆଖି ଆଗରେ ରଖି ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢି ତାଙ୍କ ମୋବାଇଲ ନମ୍ବର ୭୯୭୮୪୧୪୨୨୯ ସାର୍ବଜନିନ କରିଛନ୍ତି। ଆଇନ ଶୃଙ୍ଖଳ ସ୍ଥିତି କୁ ନିୟନ୍ତ୍ରଣ କରିବା ନିମନ୍ତେ ବିଷମ କଟକ ଥାନା ଅଧିନରେ ବସବାସ କରୁଥିବା ଅଞ୍ଚଳବାସୀ ମାନଙ୍କୁ ସହଯୋଗ କରିବାକୁ ନିବେଦନ କରିଛନ୍ତି। ଯେଉଁ ଅଞ୍ଚଳରେ ଜୁଆଖେଳ, ଚୋରା ମଦ କାରବାର,ଗଣ୍ଡଗୋଳ ଭଳି ଅପ୍ରିତିକର ପରିସ୍ଥିତି ଉପୁଜୁଛି ତେବେ ତୁରନ୍ତ ଉପରସ୍ଥ ମୋବାଇଲ ନମ୍ବରରେ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ପ୍ରତ୍ୟେଙ୍କ ସୂଚନାଦାତା ଙ୍କ ନାମ ଠିକଣା ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ମଧ୍ୟ ସେ କହିଛନ୍ତି। ନିଜ ଅଞ୍ଚଳରେ ଯେ କୌଣସି ସଂଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଦେଖିଲେ, ତୁରନ୍ତ ବିଷମ କଟକ ଥାନାକୁ ଜଣାଇବାକୁ କହିଛନ୍ତି। ଲୋକଙ୍କ ସହଯୋଗ ରହିଲେ ଅଞ୍ଚଳରେ ଆଇନ ଶୃଙ୍ଖଳା ସ୍ଥିତି ସୁଧାରିବାରେ ପୋଲିସ୍‌କୁ ବେଶ ସହାୟକ ହେବ ବୋଲି ଥାନା ଅଧିକାରୀ ଶ୍ରୀ ପାଢୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଗୁଡାରୀ ସରସ୍ୱତୀ ଶିଶୁ ମନ୍ଦିରରେ ଚକ୍ଷୁ ଚିକିତ୍ସା ଶିବିର

ଗୁଡାରୀ,୨୬।୯ (ସମିସ): ସମର ଝୁଲା ଶଙ୍କର ଚକ୍ଷୁ ଚିକିତ୍ସାଳୟ ତରଫରୁ ଗୁଡାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗତ ଶୁକ୍ରବାର ଦିନ ୫୫ ଜଣ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୦ ଜଣଙ୍କ ଚକ୍ଷୁ ପରୀକ୍ଷା ପରେ ସେମାନଙ୍କୁ ଅସ୍ତ୍ରୋପଚାର ଲାଗି ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ପାଞ୍ଚ ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି। ଚିକିତ୍ସାଳୟରୁ ଚିତ୍ରସେନ ଗୌଡ଼, ଚାନ୍ଦିନି ସାବତ, ଜାଗୃତି ଇପିଲି ଏହି କ୍ୟାମ୍ପରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତୁଲାଇଥିଲେ। ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ତଥା ପ୍ରଧାନଆଚାର୍ଯ୍ୟ ଦିଲିପ ସାହୁ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ହାଟପଦା-ଚାରଯୋଡି ରାସ୍ତା ନିର୍ମାଣ ଦାବି

ଟିକିରି,୨୬।୯ (ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ ହାଟପଦା ଠାରୁ ଚାରଯୋଡି ରାସ୍ତା ନିର୍ମାଣ ପାଇଁ ଗୋରଖପୁର ଗ୍ରାମବାସୀ ବିଭିନ୍ନ ସରକାରୀ ଅଫିସକୁ ଲିଖିତ ଆକାରରେ ଅଭିଯୋଗ କରିଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରୁ ନାହିଁ। ଗ୍ରାମବାସୀ କହିବା ଅନୁସାରେ ୨୦୨୩ ମସିହାରେ ରାୟଗଡ଼ା ଉପ ଜିଲ୍ଲାପାଳଙ୍କୁ ସେମାନେ ଲିଖିତ ଦେଇଥିଲେ। ୨୦୨୪ ମସିହାରେ ପ୍ରଥମେ କାଶିପୁର ବ୍ଲକ ବିଡିଓ, ଏହା ପରେ ଆଇଟିଡିଏ ଅଫିସ , ଆରଡ଼ି ଅଫିସକୁ ଡାକଘର ମାଧ୍ୟମରେ ଲିଖିତ ଆକାରରେ ଜଣାଇଥିଲେ। ୨୦୨୪ ମସିହା ଫେବ୍ରୁଆରୀ ୨୯ ତାରିଖରେ ରାୟଗଡ଼ା ଜିଲ୍ଲାପାଳ



ନିକଟକୁ ମଧ୍ୟ ଡାକଘର ମାଧ୍ୟମରେ ଲିଖିତ ଆକାରରେ ଜଣାଇଥିଲେ । ଗୋରଖପୁର ଗ୍ରାମବାସୀଙ୍କ କହିବା ଅନୁଯାୟୀ ଓଡ଼ିଶା ସରକାର ଦ୍ୱାରା ବିଭିନ୍ନ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କରାଯାଉଛି । କିନ୍ତୁ ଆଜିଯାଏ ଗୋରଖପୁର ଗ୍ରାମ ହାଟପଦାଠାରୁ ଚାରଯୋଡି ରାସ୍ତା କାହିଁକି ନିର୍ମାଣ ହୋଇପାରୁ ନାହିଁ ବୋଲି ପ୍ରଶ୍ନ କରିଛନ୍ତି । ବର୍ଷା ହେଲେ ଲୋକେ ବହୁତ ଅସୁବିଧାର ସମ୍ମୁଖିନ ହୋଇ ଯାତାୟତ କରନ୍ତି। ରାସ୍ତାର ଦୁଇ ପାଶ୍ୱର୍ରେ ଡ୍ରେନ୍ ଗୁଡ଼ିକ ମାଟିରେ ପୋତି ହୋଇଯାଇଛି । ଫଳରେ ରାସ୍ତା ଉପରେ ପାଣି ଜମି ରହୁଛି। ପାଣି ଜମି ରହିବା ଯୋଗୁଁ ମଶାମାଛି ସଂଖ୍ୟା ବଢୁଛି। ଫଳରେ ଲୋକେ ରୋଗରେ ମଧ୍ୟ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ଗୋରଖପୁର ହାଟପଦା ଠାରୁ ଚାରଯୋଡି ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଚୋରି ଅଭିଯୁକ୍ତକୁ ଜେଲ୍‌ଦଣ୍ଡ

ରାୟଗଡ଼ା,୨୬।୯ (ସମିସ): ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ବାଇକ୍ ଚୋରି ମାମଲାରେ ଅଭିଯୁକ୍ତକୁ ୫ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି ରାୟଗଡ଼ ଏସଡ଼ିଜେଏମ୍ ବର୍ଷା ଦାସ। ଗତ ଜୁନ୍ ୨ ତାରିଖରେ କେବିଡି ଗ୍ରାମର ଗଙ୍ଗାଧର ନାଚିକା ଭଉଣୀଙ୍କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଚିକିତ୍ସା କରି ଫେରିବା ବେଳକୁ ତାଙ୍କର ଗାଡ଼ି ଚୋରି ହୋଇ ଯାଇଥିଲା। ଏ ନେଇ ସେ ରାୟଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହାର ତଦନ୍ତ କରି ସାଇମନ କୁମାର ରାଉତକୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ତାଙ୍କ ପାଖରୁ ଚୋରି ବାଇକ୍ ମଧ୍ୟ ଉଦ୍ଧାର କରିଥିଲେ। ଏହି ମାମଲାରେ ୯ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ୫ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ରାୟଗଡ଼ା ଏସ୍‌ଡିଜେଏମ୍ ବିଚାରପତି।

# ସବ୍ ଜୁନିଅର ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ

ରାୟଗଡ଼ା,୨୬।୯ (ସମିସ):

ରାୟଗଡ଼ା ସହରର ଆମ୍ବଗୁଡା ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ବ୍ୟାଡ଼ମିଣ୍ଟନ ହଲରେ ଆଜି ରାଜ୍ୟସ୍ତରୀୟ ସବ ଜୁନିଅର ର୍‌ୟାଙ୍କିଙ୍ଗ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ଆଜି ଠାରୁ ଆସନ୍ତା ୨୮ ତାରିଖ ଯାଏଁ ତିନିଦିନ ଧରି ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ୧୫ ବର୍ଷ ବୟସରୁ କମ୍ ଓ ୧୭ ବର୍ଷ ବୟସରୁ କମ୍ ବାଳକ ଓ ବାଳିକା ସାରା ରାଜ୍ୟରୁ ଯୋଗ ଦେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ରାୟଗଡ଼ା ଡିଏଫଓ ସଚିନ ଆନ୍ନାସାହେବ ଓହୋଲ, ଜେକେ ପେପର ମିଲ, ରାୟଗଡର ସିଏସଆର ମୁଖ୍ୟ ସ୍ମୃତିରେଖା କର ଓ ଜିଲ୍ଲା କ୍ରୀଡା ଅଧିକାରୀ ଶୈଖ ଆଲ୍ଲାନୁର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ







ମଧ୍ୟରେ ରାୟଗଡ଼ା ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘର ସଭାପତି ହିମାଂଶୁ ଶେଖର ପାଣ୍ଡିଆ, ସମ୍ପାଦକ ସୁରେଶ ଚନ୍ଦ୍ର ପଣ୍ଡା, ଉପସଭାପତି ହେମନ୍ତ ଗୁଲାନି, ମ୍ୟାଚ ରେଫରୀ ସୁଧୀର କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅଙ୍କିତା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରେରଣା ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀ ମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ରାୟଗଡରେ ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଆୟୋଜନ କରିଥିବାରୁ ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘର ପ୍ରୟାସକୁ ପ୍ରଶଂସା କରିବା ସହ ଆଜିକାଲି ବ୍ୟାଡ଼ମିଣ୍ଟନ ପ୍ରତି ଯେପରି ଭାବରେ ଯୁବପିଢ଼ିର ଆଗ୍ରହ ବଢୁଛି ଏହା ଏକ ଶୁଭ ସୂଚନା ବୋଲି କହିଥିଲେ। ସମ୍ମାନିତ ଅତିଥି ଡିଏଫଓ ଶ୍ରୀ ଓହୋଲ , ଜେ.କେ. ପେପର ମିଲ କର୍ତ୍ତୃପକ୍ଷ ଶ୍ରୀମତି କର ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ରେଙ୍କିଙ୍ଗ ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୫୦ ରୁ ଉର୍ଦ୍ଧ ବାଳକ ବାଳିକା ଖେଳାଳିମାନେ ଭାଗ ନେଇଛନ୍ତି ବୋଲି ଓଡିଶା ବ୍ୟାଡ଼ମୀଣ୍ଟନ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘ ଓ ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାକୁ ମ୍ୟାଚ ସୁପରିଚାଳନାରେ ରେଫରୀ ସୁଧୀର ମିଶ୍ରଙ୍କର ସହ ଅସିତ ପଟ୍ଟନାୟକ, ସମୀର ସାହୁ, ବଦ୍ରିନାରାୟଣ ମିଶ୍ର, ସୂର୍ଯ୍ୟ ପାଣିଗ୍ରାହୀ, ସନ୍ଦୀପ କୁମାର ଗଡ଼ନାୟକ, ଜୟ କୁମାର ବର୍ମା, ସିଦ୍ଧାର୍ଥ ମିଶ୍ର, ସୁବ୍ରତ ପୁରୋହିତ ପ୍ରମୁଖ ସହଯୋଗ କରୁଛନ୍ତି। ଓଡିଶା ବ୍ୟାଡ଼ମିଣ୍ଟନ ସଂଘର ୨୨ ଜଣ ରେଫରୀ ଟୁର୍ଣ୍ଣାମେଣ୍ଟର ମ୍ୟାଚ ଗୁଡିକୁ ପରିଚାଳନା କରୁଛନ୍ତି। ଆସନ୍ତା ସେପ୍ଟେମ୍ବର ୨୮ ତାରିଖ ଦିନ ଏହି ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହେବ । ସେହିଦିନ ସମସ୍ତ ବିଭାଗ ର ଫାଇନାଲ ମ୍ୟାଚ କରାଯିବ ବୋଲି ଆୟୋଜନ ସମିତି ପକ୍ଷରୁ ସୂଚନା ଦିଆଯାଇଛି।

## ଲଘୁଚାପ ଜନିତ ବର୍ଷା

# କୋରାପୁଟ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

କୋରାପୁଟ,୨୬।୯(ସମିସ):ଶନିବାର କୋରାପୁଟ ଜିଲ୍ଲାକୁ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ରେଡ ୱାର୍ଣ୍ଣି ଜାରି କରାଯାଇଛି। ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ଓ ପବନ ବହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲ୍ଲା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକର ତହସିଲଦାର ଓ ବିଡିଓମାନଙ୍କୁ ସଜାଗ ରହିବା ପାଇଁ କୁହାଯାଇଥିବା ବେଳେ ଭୁସ୍ଖଳନ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯେକୌଣସି ପରିସ୍ଥିତି ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ପ୍ରବଳ ବର୍ଷା ସମ୍ଭାବନା ଥିବା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ମଧ୍ୟ ପ୍ରଶାସନିକ ପ୍ରସ୍ତୁତି ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ପାହାଡିଆ ପାଖ ଅଞ୍ଚଳରେ କଚ୍ଚା ଘରେ ରହୁଥିବା ଲୋକମାନେ ପାଖରେ ଥିବା ଆଶ୍ରୟସ୍ଥଳୀରେ ରହିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯିବ। ଯେକୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ଖୋଲା ଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କ ପାଇଁ ଶନିବାର ଛୁଟି

### ବିଦ୍ୟାଳୟ ଛୁଟି ଘୋଷଣା

ଘୋଷଣା କରିଛନ୍ତି। ବିଦ୍ୟାଳୟରେ କେବଳ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆସିବାକୁ ଏହି ଚିଠିରେ ଉଲ୍ଲେଖ ରହିଛି। ଜିଲ୍ଲାପାଳ ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିକୁ ଦେଇଥିବା ଚିଠି ନଂ ୬୯୩୮/୨୦୨୫ ଜରିଆରେ ଏହି ନିର୍ଦ୍ଦେଶ ଦେଇଛନ୍ତି।

## କର୍ମଚାରୀଙ୍କୁ ସଦର ମହକୁମା ନ ଛାଡିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ରାୟଗଡା,୨୬।୯ (ସମିସ): ଲଘୁଚାପଜନିତ ବର୍ଷା ଯୋଗୁଁ ଆଗାମି ଦୁଇ ଦିନ ଭୀଷଣ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କୁ ନିଜ ନିଜ ସଦର ମହକୁମାନ ଛାଡିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଆଜି ଅପରାହ୍ନରେ ଆରମ୍ଭ ହୋଇଥିବା ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହା ସହ ସମସ୍ତ ପ୍ରସ୍ତୁତି ସହ ଯେକୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରାକ୍ ପ୍ରସ୍ତୁତ ରହିବା ପାଇଁ କୁହାଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ବର୍ଷା ହୋଇଥିବା ଜଣାପଡିଛି।

## ସଙ୍ଗମ ସ୍ୱାଗତ ଉତ୍ସବ




ପଦ୍ମପୁର,୨୬।୯ (ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ତ୍ରିବେଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କଳା ବିଭାଗ)ରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସଙ୍ଗମ ସ୍ୱାଗତ ଉତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଦ୍ମପୁର ତହସିଲଦାର ଶଙ୍କର ବାଗ, ମୁଖ୍ୟ ବକ୍ତା ଭାବରେ ବ୍ଲକ୍ ଶିକ୍ଷା ଅଧିକାରୀ ହୃଷୀକେଶ ରଥ, ସଭାପତି ଭାବରେ ସ୍ୱାଗତ ଶେଖର ଜେନା, ଅଧ୍ୟକ୍ଷା ଅନିତା ମିଶ୍ର, ତ୍ରିବେଣୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପ୍ରଶନ କୁମାର କାର୍ଜି ଓ ପ୍ରଶାସନିକ ଅଧିକାରୀ ଦେବବ୍ରତ ପରିଛା ମଞ୍ଚାସୀନ ହୋଇଥିଲେ। ମୁଖ୍ୟବକ୍ତା ହୃଷୀକେଶ ରଥ ପିଲାମାନଙ୍କୁ ପାଠ ସହିତ ଖେଳକୁଦର ଗୁରୁତ୍ୱ ବିଷୟରେ ଉତ୍ସାହିତ କରିଥିଲେ। ତହସିଲଦାର ଶଙ୍କର ବାଗ ଶୃଙ୍ଖଳା ହିଁ ଉଜ୍ୱଳ ଭବିଷ୍ୟତର ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷା ଅନୀତା ମିଶ୍ର କବିତା ମାଧ୍ୟମରେ ତ୍ରିବେଣୀର ସଂଘର୍ଷମୟ ଯାତ୍ରାକୁ ଉପସ୍ଥାପନ କରିଥିଲେ। ସଭାପତି ସ୍ୱାଗତ ଶେଖର ଜେନା ତ୍ରିବେଣୀର ଇତିହାସରେ ବ୍ଲକ୍ ଟପ୍ପର ଠାରୁ କୋରାପୁଟ ଜିଲ୍ଲା ଟପ୍ପର ହେବା ପର୍ଯ୍ୟନ୍ତର ଯାତ୍ରାକୁ ସ୍ମରଣ କରିଥିଲେ।

## ପାହାଡ଼ରୁ ଖସି ବୃଦ୍ଧ ଗୁରୁତର

ପଦ୍ମପୁର,୨୬।୯ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଗୁଲୁଗୁଡା ପଞ୍ଚାୟତର ସିମିରି ଗ୍ରାମର ରାଇଙ୍ଗୁ ମାଝୀ (୬୦) ଆଜି ଅପରାହ୍ନ ୪ଟା ବେଳେ ଗାଈ ଚରାଇବାକୁ ପାଖ ପାହାଡ଼କୁ ଯାଇଥିବା ବେଳେ ପାହାଡ଼ରୁ ଖସି ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସାଙ୍ଗରେ ଯାଇଥିବା ଝିଅ ରତି ମାଝୀ ବହୁ କଷ୍ଟରେ ପାଖ ଗ୍ରାମର ଲୋକେଙ୍କୁ ଜଣାଇବା ପରେ ଲୋକମାନେ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ଅମ୍ବୁଜ ରତ୍ନ ମୁଦୁଲି ପ୍ରାଥମିକ ଚିକିତ୍ସା କରିଥିଲେ ମଧ୍ୟ ଅଧିକ ଚିକିତ୍ସା ନିମନ୍ତେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି।

## ଛାତ୍ରଙ୍କ ଆତ୍ମହତ୍ୟା

ଗୁଣପୁର,୨୬।୯ (ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଥାନା ନିକଟ ତଥା କଲେଜ ରୋଡରେ ରହୁଥିବା ଛାତ୍ର ରୁଦ୍ର ନାରାୟଣ ବେହେରା (୨୨) ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ରୁଦ୍ର ଜିଆଇଇଟି ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନ ରତ ଥିବାବେଳେ ତାଙ୍କ ଘର ଛତ୍ରପୁର ବୋଲି ଜଣାପଡ଼ିଛି । ଗୁରୁବାର ସଂଧ୍ୟାରେ ମା'ବାହାରକୁ ଯାଇ ଥିବାବେଳେ ଏହାର ସୁଯୋଗ ନେଇ ଛାତ୍ର ଜଣଙ୍କ ବେକରେ ଲୁଗା ଦେଇ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ ।ଏ ସମ୍ପର୍କରେ ଖବର ପାଇ ଛାତ୍ରଙ୍କୁ ଉଦ୍ଧାର କରି ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି।

## ନକ୍ସଲ ଦମ୍ପତି ଗିରଫ



ମାଲକାନଗିରି,୨୬।୯(ସମିସ) : ରାୟପୁରରେ ଏକ ନକ୍ସଲ ଦମ୍ପତିଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ସେମାନେ ବିଜାପୁର ଜିଲ୍ଲାର ବାସିନ୍ଦା ଏବଂ ଚିକିତ୍ସା ବାହାନାରେ ନକଲି ଆଧାର କାର୍ଡ ବ୍ୟବହାର କରି ରାୟପୁରରେ ଏକ ଭଡା ଘରେ ରହୁଥିଲେ। ଦମ୍ପତିଙ୍କ ଗିରଫ ପରେ ସେମାଙ୍କ ଠାରୁ ନକ୍ସଲଙ୍କ ସହରାଞ୍ଚଳ ନେଟୱାର୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିବ ବୋଲି ଆଶା କରାଯାଉଛି। ଗିରଫ ନକ୍ସଲ ଦମ୍ପତି ହେଲେ ଜଗ୍ଗୁ ଓରଫ ରମେଶ ଏବଂ ତାଙ୍କ ପତ୍ନୀ କମଳା। ସେମାନେ ଦୀର୍ଘ ଦିନ ଧରି ରାୟପୁରରେ ରହୁଥିଲେ। ଏହି ସମୟ ମଧ୍ୟରେ ଜଗ୍ଗୁ ଅନେକ ଅଧିକାରୀଙ୍କ ପାଇଁ ଡ୍ରାଇଭର ଏବଂ ଗାର୍ଡ ଭାବରେ ମଧ କାର୍ଯ୍ୟ କରିଥିଲେ। ମହିଳା ନକ୍ସଲଙ୍କୁ ନ୍ୟାୟିକ ରିମାଣ୍ଡରେ ଜେଲ ପଠାଯାଇଥିବା ବେଳେ ଜଗ୍ଗୁଙ୍କୁ ପୁଲିସ ପଚରାଉଚରା କରୁଛି। ପୁଲିସକୁ ଗୁଇନ୍ଦା ବିଭାଗରୁ ସୂଚନା ଆଧାରରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୋବାଇଲ ଏବଂ ଅନ୍ୟାନ୍ୟ ଜିନିଷ ମଧ ଜବତ କରିଥିବା ଜଣାପଡ଼ିଛି।

## ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷାରେ ଆସିଫ ଓ ପ୍ରୀତମଙ୍କ ସଫଳତା

ମାଲକାନଗିରି/ପଡ଼ିଆ, ୨୬।୯(ସମିସ):



ଶୁକ୍ରବାର ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ପ୍ରକାଶିତ ସିଭିଲ ସର୍ଭିସ ପରୀକ୍ଷା ୨୦୨୩-୨୪ ରେ ମାଲକାନଗିରି ଜିଲ୍ଲା ସଦରର ପ୍ରୀତମ ଡୁରକା ଓ ପଡିଆ ବ୍ଲକ ସଦର ମହକୁମାର ମହମ୍ମଦ ଆସିଫ୍ ଖାନ କୃତିତ୍ୱ ଅର୍ଜନ କରିଥିବା ଜଣାପଡିଛି। ସୂଚନା ମୁତାବକ ରାଜ୍ୟ ଲୋକ ସେବା ଆୟୋଗ ପକ୍ଷ୍ୟରୁ ୨୦୨୩-୨୪ରେ ଅନୁଷ୍ଠିତ ଏହି ପରୀକ୍ଷାରେ ଶ୍ରୀ ଖାନ୍ ୧୧୭ ର୍‌ୟାଙ୍କ ରଖି ଜିଲ୍ଲା ପାଇଁ ଗୌରବ ଆଣିଥିବା ଜଣାପଡିଛି। ଶ୍ରୀ ଆସିଫଙ୍କ ବାପା ଜଣେ ଚାଷୀ । ଶ୍ରୀ ଖାନ୍‌ଙ୍କ ଏଭଳି ସଫଳତା ପଛରେ ମହମ୍ମଦ ଆୟୁବ ଖାଁ, ମା ରାହାମତୁନିଶା ବେଗମ ଭଉଣୀ ଅଶରଫଉନିସା ବେଗମ ଓ ଭାଇ ମହମ୍ମଦ ଅଲ୍ଲୀ ଖାଁଙ୍କ ସହ ସମ୍ପର୍କୀୟଙ୍କ ବିଶେଷ ଅବଦାନ ରହିଥିବା ସେ କହିଛନ୍ତି। ସେହିପରି ମାଲକାନଗିରି ସଦରର ବାସିନ୍ଦା ପ୍ରୀତମ ୩୬୪ ନମ୍ବର ସ୍ଥାନ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି। ପ୍ରୀତମ ନିଜର ସଫଳତାର ଶ୍ରେୟ ପିତା ମାତା ଓ ଶିକ୍ଷକ ମାନଙ୍କୁ ପ୍ରଦାନ କରିଛନ୍ତି। ସେ ଗତ କିଛି ବର୍ଷ ଧରି ଭୁବନେଶ୍ୱରରେ ରହି ନିଜର ଇଚ୍ଛା ଓ ନିଷ୍ଠା ସହ କଠିନ ପରିଶ୍ରମ କରି ଆଜି ସଫଳ ହୋଇଥିବାରୁ ପରିବାର ଲୋକେ ବେଶ ଖୁସି ପ୍ରକାଶ କରିଛନ୍ତି।

## କାର୍-ବାଇକ୍ ମୁହାଁମୁହିଁ : ୨ ଗୁରୁତର

କୋରୁକୋଣ୍ଡା,୨୬।୯ (ସମିସ): ମାଲକାନଗିରି ଜିଲ୍ଲା ମାଲକାନଗିରି ସଦର, କୋରୁକୋଣ୍ଡା ଥାନା ଅଧୀନ କାମୱାଡା ଗ୍ରାମପଞ୍ଚାୟତ ଯିବା ରାସ୍ତାରେ ଆଜି ଏକ କାର୍-ବାଇକ୍ ଧକ୍କା ହେବାରୁ ବାଇକରେ ଥିବା ୩ଜଣଙ୍କ ମଧ୍ୟରୁ ଦୁଇ ଗୁରୁତର ହୋଇ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ପ୍ରତେକ୍ଷ ଦର୍ଶୀଙ୍କ ସୂଚନା ଅନୁଯାଇ ମାର୍କେଲ ଗୁଡ଼ାର ପଦେ ମାଡ଼କାମୀ ନିଜେ ପୁଅ ବିଜୁ ମାଡ଼କାମୀ ସହିତ ଆଜି ସକାଳେ ଝିଅକୁ ସ୍କୁଲ ହଷ୍ଟେଲରୁ ଝିଅ ଜୁଲ ମାଡ଼କାମିକୁକୁ ଆଣିବାକୁ ହୋଣ୍ଡା ବାଇକ ନଂ ଓଡି ୩୦ଡି୧୪୧୪ନଂରେ ଯାଇଥିଲେ। ଝିଅକୁ ନେଇ ନିଜ ଗ୍ରାମକୁ ଫେରିବା ସମୟରେ କୋରୁକୋଣ୍ଡା ବ୍ଲକ ସଦର ଠାରୁ କାମୱାଡା ଗ୍ରାମ ପଞ୍ଚାୟତକୁ ଯିବା ରାସ୍ତାରେ ଅପର ପକ୍ଷରୁ ଆସୁଥିବା କାର ନଂ ଓଡି ୦୨ ଏଏଲ ୫ ୯୨୩ କାରଟି ଦ୍ରୁତ ଗତିରେ ଆସୁଥିବା ସମୟରେ ଉଭୟଙ୍କ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବା ଫଳରେ ବାଇକରେ ଥିବା ମା ପୁଅ ଝିଅ ଛିଟିକି ହୋଇ ପଡିଯାଇଥିଲେ। ସେହି ରାସ୍ତା ଦେଇ ଜାତାୟତ କରୁଥିବା ପଥଚାରି ମାନେ ସମସ୍ତ ଆହତଙ୍କୁ ଉଧାର କରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ସହିତ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ମାଲକାନଗିରି ସଦର, କୋରୁକୋଣ୍ଡା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହିତ ଉଭୟ ଗାଡିକୁ ଥାନାକୁ ଆଣିଥିବା କହିଛନ୍ତି।

■ ବର୍ଷାରେ ବେହାଲ୍ ରାୟଗଡ଼ା ମୁଖ୍ୟ ବଜାର ରାସ୍ତା

## ରାସ୍ତାରେ ନର୍ଦ୍ଦମା ଦୁର୍ଗନ୍ଧ ପାଣି



ରାୟଗଡ଼ା,୨୬।୯ (ସମିସ): ସାମାନ୍ୟ ବର୍ଷାରେ ବେହାଲ ହୋଇପଡିଛି ରାୟଗଡ଼ା ସହରର ମୁଖ୍ୟ ରାସ୍ତା। ଏହି ରାସ୍ତା ଉପରେ ନାଳ ନର୍ଦ୍ଦମା ପାଣି ଲହଡି ମାରୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସାରଳା ଛକ ନିକଟରେ ଥିବା ରେଳବାଇ କଲୋନୀର ଉଭୟ ଡ୍ରେନ୍ ଜାମ୍ ହେବା ଫଳରେ ଅପରିଷ୍କାର ପାଣି ଓ ଆବର୍ଜନା ରାସ୍ତା ଉପରେ ଭାସୁ ଥିବାରୁ ମାର୍କେଟର ଉଭୟ ପାଶ୍ୱର୍ ଦୁର୍ଗନ୍ଧରେ ଫାଟି ପଡୁଥିବା ଦେଖିବାକୁ ମିଳିଛି। ମାର୍କେଟରେ ଦୋକାନୀ, ଗ୍ରାହକ ମାନେ, ପଥଚାରୀ, ବାଟୋଇ, ମଟରସାଇକେଲ, ସାଇକେଲ ପାଣି ଭିତର ଦେଇ ଯିବା ବେଳେ ନର୍ଦ୍ଦମା ଦେହକୁ ଛିଟିକା ମାରି ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ସାରଳା ଛକ ରାସ୍ତା ଓ ନିକଟରେ ରହିଥିବା ପରିବା ମାର୍କେଟ ସମ୍ମୁଖ ରାସ୍ତା ହାଲୁକା ବର୍ଷା ହେଲେ କୃତ୍ରିମ ହ୍ରଦ ସୃଷ୍ଟି ହେଉଛି। ସେଠାରେ ରହିଥିବା ପଥଚାରୀ ଓ ନିକଟସ୍ଥ ମାର୍କେଟ ବ୍ୟବସାୟୀମାନେ ବର୍ଷାଜଳ ନିଷ୍କାସନ ପାଇଁ ପ୍ରାୟ ସମୟରେ ଅଭିଯୋଗ କରୁଛନ୍ତି। ପୌର ପରିଷଦ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ଅପରପକ୍ଷେ ପରିମଳ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବାର୍ଷିକୀ ଉତ୍ସବ

ଖଇରପୁଟ,୨୬।୯(ସମିସ): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗୋବିନ୍ଦପାଲ୍ଲୀ ମଣ୍ଡଳ ତରଫରୁ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ବିଜୟା ଦଶମୀ ଦିନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘକୁ ୧୦୦ ବର୍ଷ ପୂର୍ଣ୍ଣ ହେଉ ଥିବା ବେଳେ ସେପ୍ଟେମ୍ବର ୨୫ ତାରିଖରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସାରାଦେଶରେ ଏହି ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ ଆଜି ଗୋବିନ୍ଦପାଲ୍ଲୀ ଗୋବିନ୍ଦ ଶ୍ରୀକ୍ଷେତ୍ର ପ୍ରାଙ୍ଗଣରେ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପଶ୍ଚିମ ପ୍ରାନ୍ତର ସହ-ଶାରୀରିକ ପ୍ରଶିକ୍ଷଣ ପ୍ରମୁଖ ସମାରୁ ପଡିଆମୀ ମୁଖ୍ୟ ବ୍ୟକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ଓ ଏଚପିଚି କର୍ମଚାରୀ ଅର୍ଜୁନ ଖରା, ବିଶିଷ୍ଟ ଚାଷୀ ଦେବ କିର୍ଷାନୀ ଏବଂ ପଶ୍ଚିମପ୍ରାନ୍ତ ସହ କାର୍ଯ୍ୟବାହ ହରିଶ ଚନ୍ଦ୍ର ପରିଡା ଯୋଗ ଦେଇଥିଲେ। ଶିକ୍ଷକ ତ୍ରିଲୋଚନ ବେହେରା କାଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରାୟ ୧୦୦ ସ୍ୱୟଂ ସେବକ ଅଂଶ ଗ୍ରହଣ କରିଥିଲେ।

## ମେଗା ସ୍ୱାସ୍ଥ୍ୟ ଶିବିର

ମାଲକାନଗିରି, ୨୬।୯(ସମିସ): ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଲକାନଗିରି ତରଫରୁ ଆଜିବିଶେଷଜ୍ଞ ମାନଙ୍କୁ ନେଇ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଦୋଳମଣୀ ପ୍ରଧାନ ଙ୍କ ଉପସ୍ଥିତି ରେୱାର୍ଡ କାଉନସିଲର ଦିପ୍ତିମୟୀ ବେହେରା ଓ ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଉଦ୍‌ଘାଟନ କରିଥିଲେ। ୨୪୫ରୁ ଅଧିକ ମହିଳାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ବିଶେଷଜ୍ଞ ମାନଙ୍କ ମଧ୍ୟରେ ଡା.ସୁରମା କୁମାରୀ ବେହେରା, ଡା.ସନ୍ତୋଷ କୁମାର ମିଶ୍ର, ଡା ଅବିଦ ହୁସେନ, ଡା.ସପନ କୁମାର ଦିଣ୍ଡା ,ଡା ନିହାର ରଞ୍ଜନ ପ୍ରହରାଜ , ଡ଼ା ପ୍ରଫୁଲ୍ଲ କୁମାର ବେହେରା, ଡା ଅଭିଷେକ ମିଶ୍ର ପ୍ରଭୃତି ଉପସ୍ଥିତ ରହି ରୋଗୀ ମାନଙ୍କୁ ଚିକିତ୍ସା କରିଥିଲେ। ଏହି ଅଭିଯାନ ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଦିଲୀପ କୁମାର ନନ୍ଦ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଘଡେଇ ବିଏସସି ନର୍ସିଙ୍ଗ କଲେଜ ଓ ସତ୍ୟନାରାୟଣ ନର୍ସିଙ୍ଗ କଲେଜର ଛାତ୍ରୀ, କାଇରୋଲୀନ ଦୀକ୍ଷିତ, ରମ୍ଭା କିରସାନି, ଧନୀତା ଖିଲ, ଉମା ମହେଶ୍ୱର ରାଓ,ସନ୍ତୋଷ କୁମାର ପତି, ବନ୍ଦନା ପରିଡା ,ନିରୁପମା ପରିଡା ,କନକ ପ୍ରଭା ସାହୁ ,ଯୋଗେଶ୍ୱରୀ ମାଢି, ଗାୟତ୍ରୀ ବେହେରା, ଲିପିକା ତୁରୁକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମହିଳାଙ୍କ ଦାଣ୍ଡିଆ ନୃତ୍ୟ, ସ୍ୱଦେଶୀ ବାଣିଜ୍ୟ ମେଳା



ମାଲକାନଗିରି, ୨୬।୯(ସମିସ): ମାଲକାନଗିରି ମହେଶ୍ୱରୀ ସମାଜ ପକ୍ଷରୁ ନବରାତ୍ରୀ ଅବସରରେ ମହିଳାଙ୍କ ଦାଣ୍ଡିଆ ନୃତ୍ୟ ଓ ସ୍ୱଦେଶୀ ବାଣିଜ୍ୟ ମେଳା ସ୍ଥାନୀୟ ମହେଶ୍ୱରୀ ଭବନ ଠାରେ ଆୟୋଜନ କରାଯାଇଛି। ଏହି ମେଳାର ଶୁଭାରମ୍ଭରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାଲକାନଗିରି ସହରର ମହେଶ୍ୱରୀ ସମାଜର ଶତାଧିକ ମାରୱାଡି ସମ୍ପ୍ରଦାୟର ଯୁବତୀ ଓ ମହିଳା ମାନେ ନବରାତ୍ର ଉପଲକ୍ଷେ ଓ ମା'ଦୁର୍ଗାଙ୍କ ଆଗମନକୁ ସ୍ୱାଗତ ଜଣାଇ ପାରମ୍ପରିକ ଦାଣ୍ଡିଆ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ ଥର ପାଇଁ ମହେଶ୍ୱରୀ ସମାଜ ପକ୍ଷରୁ ମହିଳା ମାନଙ୍କ ଦ୍ୱାରା ସ୍ୱଦେଶୀ ବାଣିଜ୍ୟ ମେଳାର ଆୟୋଜନ କରାଯାଇଛି। ଏହି ମେଳାରେ ପାରମ୍ପରିକ ପିଠା ପଣା, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ ହାତ ତିଆରି ସାମଗ୍ରୀ ପ୍ରଦର୍ଶନ କରାଯିବା ସହିତ ବିକ୍ରି ମଧ ହୋଇଥିଲା। ଏହା ୯ ଦିନ ଧରି ଚାଲିବ। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ସମାଜସେବୀ ସୁରେଶ ସୋମାନୀ ଓ ମହେଶ୍ୱରୀ ସମାଜର ସଦସ୍ୟ ମାନେ ପରିଚାଳନା କରିଥିଲେ।

■ ଆଇନ ସଚେତନତା ପରାମର୍ଶଦାତା କମିଟି ବୈଠକ

## ଅଲ୍‌ଟ୍ରାସାଉଣ୍ଡ ଚଢ଼ଉ ବ୍ୟାପକ ହେବ

ମାଲକାନଗିରି,୨୬।୯(ସମିସ) : ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପରାମର୍ଶଦାତା କମିଟି ବୈଠକ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ବୈଠକରେ ଜିଲ୍ଲାରେ ଥିବା ସମସ୍ତ ଅଲ୍ଟ୍ରାସାଉଣ୍ଡ ଗୁଡିକୁ ନିୟମିତ ଯାଞ୍ଚ ସହ ଅନ୍ୟ ବେଆଇନ କ୍ଲିନିକ ଚଢ଼ଉ କରିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ଜିଲ୍ଲାରେ ଲିଙ୍ଗ ନିରୂପଣ ଜନିତ ବେଆଇନ କାର୍ଯ୍ୟକୁ ରୋକିବା ନେଇ ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଲିଙ୍ଗ ନିରୂପଣକୁ ରୋକାଯାଇ ପାରିଲେ ଉଭୟ ପୁରୁଷ ଓ ନାରୀ ସଂଖ୍ୟା ସମାନୁପାତ ବଜାୟ ରହିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। କନ୍ୟାଭ୍ରୁଣ ହତ୍ୟା କରୁଥିବା ସଂସ୍ଥା ପ୍ରତି ନଜର ରଖିବା ଏବଂ ଚଢଉ କାର୍ଯ୍ୟକୁ ବ୍ୟାପକ କରାଯିବା ପ୍ରତି ଗୁରୁତ୍ୱାରୋପ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ। ଜିଲ୍ଲାରେ ଥିବା ଅଲ୍ଟ୍ରାସାଉଣ୍ଡ ସେଣ୍ଟର କୁ ଯାଞ୍ଚ କରାଯିବା ପାଇଁ କୁହାଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଡୋଳାମଣି ପ୍ରଧାନ, ଡ଼ା ଚୌଧୁରୀ ନିହାର ରଞ୍ଜନ ପ୍ରହରାଜ, ଡା. ବ୍ରଜବନ୍ଧୁ ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମି ରଞ୍ଜନ ସେନାପତି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଡିଏମଆରସିଏଚ୍ ସୂର୍ଯ୍ୟ ପ୍ରତାପ ମହମାନସିଂ, ସମାଜସେବୀ ଜୟନ୍ତୀ ବୁରୁଦା ଓ ଏଡିପିଏଚସିଓ ଶ୍ୟାମ ସୁନ୍ଦର ମାଝୀ ଯୋଗ ଦେଇଥିଲେ। ସହକାରୀ ମ୍ୟାନେଜର ସୂର୍ଯ୍ୟ ମହାପାତ୍ର ବୈଠକ ଉପସ୍ଥାପନ କରିବା ସହ ପରିଚାଳନା କରିଥିଲେ।

## ଚନ୍ଦ୍ରପୁରରେ ସଫେଇ ଅଭିଯାନ

ଚନ୍ଦ୍ରପୁର, ୨୬।୯(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଆଜି ସିଆରପିଏଫ୍ କୋମାଣ୍ଡାଣ୍ଟ ଫିରୋଜ କୁଜୁରଙ୍କ ନିର୍ଦ୍ଦେଶରେ ଏଫ କମ୍ପାନୀ କମାଣ୍ଡରଟି ପାଲାନିଙ୍କ ସଂଯୋଜନାରେ , ଚନ୍ଦ୍ରପୁର ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଶାନ୍ତ ସେଠୀଙ୍କ ସହଯୋଗରେ ପୁଲିସ କର୍ମଚାରୀ ଓ ଏଫ୍ କମ୍ପାନୀର ସମସ୍ତ ଯବାନ ମିଳିତ ଉଦ୍ୟମରେ ବସଷ୍ଟାଣ୍ଡ, ଡେଲି ବଜାର, ଡାକ୍ତରଖାନା ଓ ଏସଏସଡି ଉଚ୍ଚ ବାଳକ ଓ ବାଳିକା ବିଦ୍ୟାଳୟ ରାସ୍ତାର ଅଳିଆ ଅବର୍ଜନା ସଫା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଗୋମାଙ୍ଗ, କୃଷି ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ ଓ ଶିକ୍ଷକ ମାନେ ସହଯୋଗ କରିଥିଲେ। ଏପରି ମହତ୍ କାର୍ଯ୍ୟ କରିଥିବାରୁ ଗ୍ରାମବାସୀ କମାଣ୍ଡର ଶ୍ରୀ ପାଲାନୀ ଓ ଥାନା ଅଧିକାରୀ ଶ୍ରୀ ସେଠୀ, ସମସ୍ତ ସୁରକ୍ଷା ବଳଙ୍କୁ ପ୍ରଶଂସା କରିଛନ୍ତି।

## ଗଞ୍ଜେଇ ଜବତ, ୨ ଗିରଫ

ମାଲକାନଗିରି, ୨୬।୯(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ୪୦କିଲୋ ଗଞ୍ଜେଇ ସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା କାଲିମେଳା ପୋଲିସ ଷ୍ଟେସନ ଅଧୀନ ଭେଜାଙ୍ଗିୱାଡା ଗ୍ରାମର କେନାଲ ରାସ୍ତାରେ କାଲିମେଳା ଅବକାରୀ ଓଆଇସି ଦୀପକ କୁମାର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଛତିଶଗଡ଼କୁ ଚୋରା ଗଞ୍ଜେଇ ଚାଲାଣ କରୁଥିବା ଏକ ଟାଟା ପିକ୍‌ଅପ୍ ଗାଡିକୁ ଜବତ କରିଥିଲେ। ଯେଉଁଥିରେ ୪୦ କିଲୋଗ୍ରାମ ଚୋରା ଗଞ୍ଜେଇ ଥିବା ବେଳେ ଏହି ଘଟଣାରେ ପୁସଗୁଡ଼ା ଏବଂ ମୋଟୁ ଗ୍ରାମର ସୋଡି ମୁନ୍ନା ଓ ଆଶିଷ ସାଲବାମ ନାମକ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ପାଟ୍ରୋଲିଂ ସମୟରେ କନେଷ୍ଟବଳ ପ୍ରବୀଣ କୁମାର ସାହୁ, ସୁଜାତା ହିଆଲ ଏବଂ ଅନ୍ୟାନ୍ୟ ଏକ୍ସାଇଜ୍ କର୍ମଚାରୀ ଉପସ୍ଥିତ ଅଛନ୍ତି।

## ରାସ୍ତା କଡ଼ରେ ମାଛ, ମାଂସ ବିକ୍ରି ବନ୍ଦ ନେଇ ତାଗିଦ

ମାଲକାନଗିରି, ୨୬।୯(ସମିସ):



ସ୍କୁଲ ଓ ରାସ୍ତା କଡ଼ରେ ମାଛ, ମାଂସ ବିକ୍ରି ହେଉଥିବା ଭାରତୀୟ ସନାତନୀ ପରିବାରର ଅଭିଯୋଗ ପରେ ଆକ୍ସନ ମୁଡ଼ରେ ପୌରପରିଷଦ। ବ୍ୟବସାୟୀ ଙ୍କ ଆଇଁସ ବିକ୍ରୀ ବନ୍ଦ ସହିତ ତାଗିଦ କଲେ। ମାଲକାନଗିରି ପୌରପରିଷଦ ଅଧିକାରୀ ରାଜୀବ ଲୋଚନ ନାୟକଙ୍କ ସହ ଆଲୋଚନା ମାଧ୍ୟମରେ ଭାରତୀୟ ସନାତନୀ ପରିବାରର ସଭାପତି ବାଲାଜୀ ପଢାଲ୍, ଶ୍ରୀନିବାସ୍ ପାତ୍ର ଓ ସଦସ୍ୟବୃନ୍ଦ ମାଲକାନଗିରି ନଗରରେ ରାସ୍ତାକଡରେ ମାଛ ମାଂସ ଦୋକାନମାନ ଖୋଲା ବିକ୍ରି କରୁଛନ୍ତି। ଯଦିଓ ପୌରପରିଷଦର ୨ଟି ମାଛ, ମାଂସ ବିକ୍ରୟ କେନ୍ଦ୍ର ରହିଛି, ତଥାପି ରାଜରାସ୍ତା କଡ଼ରେ, ବିଦ୍ୟାଳୟ ଯିବା ରାସ୍ତାରେ ଓ ଦେବାଳୟ ନିକଟସ୍ଥ ଖୋଲା ସ୍ଥାନରେ ମାଛ ମାଂସ ବିକ୍ରି କରାଯାଉଛି । ଏଣୁ ଏହି ସମସ୍ତ ମାଛ ମାଂସ ଦୋକାନକୁ ଗୋଟିଏ ସ୍ଥାନରେ କରିବା, ସାଧାରଣ ଲୋକଙ୍କ ଯିବା ଆସିବା ସମୟରେ ଦୃଷ୍ଟିକୁ ନଆସିବା ବ୍ୟବସ୍ଥା କରିବା, ସମସ୍ତଙ୍କ ଓଜନ ମାପ ଯନ୍ତ୍ର ତଦାରଖ କରିବା, ଫୁଡ୍ ଲାଇସେନ୍ସ, ହତ୍ୟା ଜୀବର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପ୍ରଭୃତି ଦାବିରେ ଅନ୍ତର୍ଭୁକ୍ତ ରହିଛି । ଏହା ଶୁଣି ପୌର ଅଧିକାରୀ ରାଜୀବ ଲୋଚନ ନାୟକ ଓ ତାଙ୍କ ଟିମ୍ ଯାଇ ଯାଞ୍ଚ କରିଥିଲେ।

## ବ୍ଲକ ଉପାଧ୍ୟକ୍ଷଙ୍କ ବିରୋଧରେ ଜିଲ୍ଲାପାଳ, ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ



ମାଲକାନଗିରି, ୨୬।୯(ସମିସ): ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀଙ୍କ ନେତୃତ୍ୱରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଏବଂ ମାଲକାନଗିରି ବ୍ଲକ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ସୁନ୍ଦରରାୟ ସେଡାଙ୍କ ଉପସ୍ଥିତିରେ ଆଜି ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଚିନ୍ମୟ ରଞ୍ଜନ ସେନାପତିଙ୍କୁ ସାକ୍ଷାତ କରି ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାରଙ୍କ ବିରୋଧରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତ ୨୦ ତାରିଖ ଶନିବାର ଦିନ ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ ଏବଂ ବ୍ଲକ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ସୁନ୍ଦରରାୟ ସେଡାଙ୍କ ସହ ଏକ ସ୍ୱତନ୍ତ୍ର ପଞ୍ଚାୟତ ସମିତି ଅନୁସନ୍ଧାନକାରୀ ଟିମ୍ ମାଲକାନଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁମତି ନେଇ ମାଲକାନଗିରି ବ୍ଲକର ଗୌଡ଼ଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଲାଗୁଡ଼ା ଗ୍ରାମରେ ପହଞ୍ଚି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ କୁସୁମା ନାୟକ, ଚନ୍ଦ୍ରାବତୀ ନାୟକ, ଆଦି ନାୟକ, ଲଛନ ଖିଲ ଓ କଳାବତୀ ଖିଲଙ୍କୁ ସାକ୍ଷାତ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୨୩ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପତ୍ର ପାଇଥିଲେ। ସେହି ସମୟରେ ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର ଏହି ହିତାକାରୀମାନଙ୍କ ନିକଟରେ ପହଞ୍ଚି ଗୃହ ନିର୍ମାଣ କରିଦେବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ଲେଖାଏଁ ସମ୍ପୃକ୍ତ ହିତାଧିକାରୀ ମାନେ ନିରଞ୍ଜନ ହାଲଦାରଙ୍କୁ ପ୍ରଦାନ କରିଥିଲେ। ମାତ୍ର ଦୁଇବର୍ଷ ବିତି ଯାଇଥିଲେ ମଧ ସେମାନଙ୍କର ଗୃହ ସମାପ୍ତ ହୋଇନଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନିରଞ୍ଜନ ହାଲଦାରଙ୍କ ସହ କଥାବାର୍ତ୍ତା ହେଲେ ସେ ବିରକ୍ତ ହୋଇ ଗାଳି ଗୁଲଜ କରୁଥିବା ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଆଦର୍ଶ ଥାନାରେ ଉକ୍ତ ହିତାଧିକାରୀ ମାନେ ଏକ ଲିଖିତ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରଥମ କିସ୍ତିର ୪୦ହଜାର ଟଙ୍କା ସହ ମନରେଗା ଯୋଜନାରେ ୨୨ହଜାର ଟଙ୍କା ଆସିଥିବା ବେଳେ ସେହି ଟଙ୍କାଗୁଡିକ ବିଭିନ୍ନ ଲୋକଙ୍କ ନାମରେ ନିରଞ୍ଜନ ହାଲଦାର ଉଠାଇ ନେଇଛନ୍ତି। ତେବେ ଆବାସ ଘର ସମ୍ପୂର୍ଣ ନହେବା ପୂର୍ବରୁ କିଭଳି ମନରେଗା ଟଙ୍କା ଉଠାଗଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ କାର୍ଯ୍ୟ ଦାୟିତ୍ୱରେ ଥିବା ଜିଆରଏସ୍ ଏବଂ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପରେ ମଧ ପ୍ରଶ୍ନ ଉଠୁଛି। ଏହାର ଏକ ଉଚ୍ଚ ସ୍ତରର ତଦନ୍ତ କରିବା ସହ ନିରଞ୍ଜନ ହାଲଦାରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରାଯାଇ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବ୍ଲକ ସରପଞ୍ଚ ସଂଘ ସଭାପତି ସୁଦର୍ଶନ କୋପେ, ସରପଞ୍ଚ ଘାସି ନାୟକ, ସମିତି ସଭ୍ୟ ନରଶିଙ୍ଗ ମାଡି ଓ ମାଲକାନଗିରି ବ୍ଲକ୍ ସଭାପତି ସର୍ବ କୁମାର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁବିନ ଗର୍ଗ ମୃତ୍ୟୁ ମାମଲାରେ ସଙ୍ଗୀତଜ୍ଞଙ୍କ ଗିରଫ

ଦିଶପୁର, ୨୬।୯ (ଏଜେନ୍ସି): ସିଙ୍ଗାପୁରରେ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ସଂଶୟ ଜାରି ରହିଛି। ମାମଲାର ତଦନ୍ତ ଲାଗି ଆସାମ ସରକାର ସ୍ୱତନ୍ତ୍ର ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ଏସ୍‌ଆଇଟି ଏହି ମାମଲାରେ ସଙ୍ଗୀତଜ୍ଞ ଶେଖର ଜ୍ୟୋତି ଗୋସ୍ୱାମୀଙ୍କୁ ଗିରଫ କରିଛି। ସେହିପରି ଜୁବିନଙ୍କ ମ୍ୟାନେଜର ଘରେ ମଧ୍ୟ ଚଢ଼ଉ କରାଯାଇଛି। ସୂଚନା ଅନୁଯାୟୀ ଜୁବିନଙ୍କ ବ୍ୟାଣ୍ଡରେ ସଙ୍ଗୀତଜ୍ଞ ଭାବେ ଶେଖର କାର୍ଯ୍ୟ କରୁଥିଲେ। ସେ ସିଙ୍ଗାପୁର ଗସ୍ତରେ ମଧ୍ୟ ଜୁବିନଙ୍କ ସାଙ୍ଗରେ ଥିଲେ। ଏହା ବ୍ୟତୀତ ସିଙ୍ଗାପୁର କାର୍ଯ୍ୟକ୍ରମର ଆୟୋଜନକାରୀ ଶ୍ୟାନକାନୁ ମହନ୍ତଙ୍କୁ ମଧ୍ୟ ଯାଞ୍ଚ ପରିସରକୁ ନିଆଯାଇଛି। ଆୟୋଜନକାରୀ ଏବଂ ଜୁବିନଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମାଙ୍କ ଧିରେନପାରା ଓ ଗୀତାନଗର ସ୍ଥିତ ଘରେ ଚଢ଼ଉ କରାଯାଇଛି। କିନ୍ତୁ ଏହି ସମୟରେ ଉଭୟେ ଘରେ ନ ଥିଲେ। ରିପୋର୍ଟ ଅନୁଯାୟୀ ଯାଞ୍ଚ ପାଇଁ ଏସ୍‌ଆଇଟି ସିଦ୍ଧାର୍ଥଙ୍କ ଘରେ ପହଞ୍ଚିବା ପରେ ଅନେକ ଲୋକେ ଏକାଠି ହୋଇ ପୁଲିସ ଗାଡ଼ି ଉପରକୁ ପଥର ମାଡ଼ କରିଥିଲେ। ଉପଦ୍ରବୀଙ୍କୁ ଉସୁକାଇବାକୁ ନେଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ତେବେ କେଉଁ ଧାରାରେ ଏମାନଙ୍କୁ ଗିରଫ କରାଯାଇଛି ଏବଂ କ'ଣ ପ୍ରମାଣ ମିଳିଛି ତାହା ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ ଯେ ଗତ ୧୯ ତାରିଖରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରୁଥିବା ସମୟରେ ଜୁବିନଙ୍କ ମୃତ୍ୟୁ ହୋଇଥିଲା। ତେବେ ସେ ଲାଇଫ ଜ୍ୟାକେଟ ନ ପିନ୍ଧି ସମୁଦ୍ରକୁ ଯାଇଥିଲେ। ପ୍ରଥମେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ପରେ ଅନ୍ୟ ସନ୍ଦେହଜନକ ସ୍ଥିତିକୁ ନେଇ ସରକାର ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ବିହାରରେ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ଆରମ୍ଭ

ପାଟନା, ୨୬ ।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଭର୍ଚୁଆଲ ଭାବେ ବିହାରରେ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା'ର ଶୁଭାରମ୍ଭ କରିଛନ୍ତି। ସେ ରାଜ୍ୟର ୭୫ ଲକ୍ଷ ମହିଳାଙ୍କ ଖାତାକୁ ଅନ୍‌ଲାଇନରେ ୧୦ ହଜାର ଟଙ୍କା ଲେଖାଏଁ ପଠାଇଛନ୍ତି। ୨୦୨୦ର ତଥ୍ୟ ଅନୁଯାୟୀ ବିହାରରେ ମୋଟ ୩.୩୯ କୋଟି ମହିଳା ଭୋଟର ଅଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୨୨ ପ୍ରତିଶତ ମହିଳା ଭୋଟରଙ୍କୁ ଏହି ଯୋଜନାର ଲାଭ ମିଳିବ। ଏହି ଅବସରରେ 'ଜୀବିକା ଦିଦି'ଙ୍କୁ ସମ୍ବୋଧନ କରି ମୋଦୀ କହିଛନ୍ତି ଯେ ଦେଶରେ ଜନ-ଧନ ଯୋଜନା ଅଧିନରେ ୩୦ କୋଟିରୁ ଅଧିକ ମାଆ, ଭଉଣୀଙ୍କ ବ୍ୟାଙ୍କ ଖାତା ଖୋଲା ଯାଇ ନ ଥିଲେ ଆଜି ଏତେ ଟଙ୍କା ପଠାଇବା ସହଜ ହୋଇ ନ ଥାଆନ୍ତା। ଆଜି ଯେଉଁ ଟଙ୍କା ପଠାଯାଇଛି ତାହା ବ୍ୟାଙ୍କ ଖାତାରେ ଜମା ହେବ। ସେଥିରୁ କେହି ଗୋଟିଏ ପଇସା ବି ନେଇପାରିବେ ନାହିଁ। ପୂର୍ବରୁ ଯୋଜନାର ଅର୍ଥ ଆପଣଙ୍କ ପାଖକୁ ପହଞ୍ଚିବା ପୂର୍ବରୁ ଲୁଟ୍ ହୋଇ ଯାଇଥିଲା। ଭଉଣୀ ସୁସ୍ଥ ଏବଂ ଖୁସିରେ ରହିଲେ ଭାଇ ଖୁସି ହୋଇଥାଏ। ଆଜି ଆପଣଙ୍କ ଦୁଇ ଭାଇ ନରେନ୍ଦ୍ର ଏବଂ ନୀତୀଶ ମିଳିମିଶି ଭଉଣୀମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି।

## 'ବ୍ଲାକବୋର୍ଡ'ରେ ନିର୍ବାଚନ ଲଢିବେ ଲାଲୁଙ୍କ ପୁଅ

ପାଟନା, ୨୬।୯ (ଏଜେନ୍ସି): ପ୍ରେମ ପାଇଁ ପରିବାରରୁ ବିତାଡ଼ିତ ହେବା ପରେ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ନୂଆ ଦଳ ଗଠନ କରିଛନ୍ତି। ଏହି 'ଜନଶକ୍ତି ଜନତା ଦଳ' ମାଧ୍ୟମରେ ସେ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ତାଙ୍କ ଦଳ ସହ ମେଣ୍ଟ କରିବା ପାଇଁ କଂଗ୍ରେସ ଏବଂ ଆରଜେଡିକୁ ମଧ୍ୟ କହିଛନ୍ତି। ସେ ନିଜ ସାନ ଭାଇ ତଥା ଆର୍‌ଜେଡିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କୁହାଯାଉଥିବା ତେଜସ୍ୱୀ ଯାଦବଙ୍କୁ ମଧ୍ୟ ଚେତାବନୀ ଦେଇଛନ୍ତି। ଦଳ କଥାରେ ମୁଣ୍ଡ ନ ପୂରାଇବାକୁ କହିଛନ୍ତି। ଭାଇକୁ ମୁଖ୍ୟମନ୍ତ୍ରୀ ହେବାକୁ ସମର୍ଥନ ଦେବେ ବୋଲି ମଧ୍ୟ ତେଜପ୍ରତାପ ଉଲ୍ଲେଖ କରିଛନ୍ତି। ଏପରି ସମୟରେ ତେଜପ୍ରତାପଙ୍କ ଦଳକୁ ନିର୍ବାଚନୀ ଚିହ୍ନ ମିଳିଯାଇଛି। ବ୍ଲାକ ବୋର୍ଡ ତଥା କଳାପଟା ମାଧ୍ୟମରେ ସେ ମୈଦାନକୁ ଓହ୍ଲାଇବେ ବୋଲି ଜଣାପଡ଼ିଛି। ତେଜ ପ୍ରତାପ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆମେ ବିହାରର ସାମଗ୍ରିକ ବିକାଶ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଓ ପ୍ରସ୍ତୁତ। ରାଜ୍ୟରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣି ନୂତନ ବ୍ୟବସ୍ଥା ସୃଷ୍ଟି କରିବା ଆମର ଲକ୍ଷ୍ୟ। ସାମଗ୍ରିକ ବିକାଶ ପାଇଁ ଦୀର୍ଘ ଲଢେଇ ନିମନ୍ତେ ଆମେ ପ୍ରସ୍ତୁତ ଅଛୁ। ଏହା ସହିତ ତେଜପ୍ରତାପ ନିଜ ଦଳର ପୋଷ୍ଟର ଉନ୍ମୋଚନ କରିଛନ୍ତି। ଏଥିରେ ତାଙ୍କ ବାପାଙ୍କ ଫଟୋ ନାହିଁ। ମହାତ୍ମା ଗାନ୍ଧୀ, ବି.ଆର. ଆମ୍ବେଦକର, ରାମ ମନୋହର ଲୋହିଆ, ଜୟ ପ୍ରକାଶ ନାରାୟଣ ଏବଂ କର୍ପୁରୀ ଠାକୁରଙ୍କୁ ପୋଷ୍ଟରରେ ସ୍ଥାନ ଦିଆଯାଇଛି।

## ଶାହବାଜ-ମୁନୀରଙ୍କୁ ଅଧ ଘଣ୍ଟା ଅପେକ୍ଷା କରାଇଲେ ଟ୍ରମ୍ପ

ୱାଶିଂଟନ, ୨୬।୯ (ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନାମୁଖ୍ୟ ଅସୀମ ମୁନୀର ଗୁରୁବାର ବିଳମ୍ବିତ ରାତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସାକ୍ଷାତ କରିଛନ୍ତି। ବୈଠକ ପୂର୍ବରୁ ଟ୍ରମ୍ପ ଉଭୟଙ୍କୁ ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ଅପେକ୍ଷା କରାଇ ଥିଲେ। ଏହି ସମୟରେ ଟ୍ରମ୍ପ ସାମ୍ବାଦିକ ସମ୍ମିଳନୀ କରୁଥିଲେ। ସୂଚନା ଅନୁଯାୟୀ ରାତି ପ୍ରାୟ ୨ଟାରେ ଶାହବାଜ ହ୍ୱାଇଟହାଉସରେ ପହଞ୍ଚି ଥିଲେ। ଏହି ସମୟରେ ଟ୍ରମ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର ଏବଂ ସାମ୍ବାଦିକଙ୍କ ସହ ଆଲୋଚନା କରୁଥିଲେ। ଟ୍ରମ୍ପଙ୍କ ପାଇଁ ଶାହବାଜ ଅପେକ୍ଷା କରି ରହିଥିଲେ। ପରେ ଉଭୟଙ୍କ ମଧ୍ୟରେ ଘଣ୍ଟାଏ ୨୦ ମିନିଟ ପର୍ଯ୍ୟନ୍ତ ଗୁପ୍ତ ଆଲୋଚନା ହୋଇଥିଲା। ଏହି ବୈଠକକୁ ଗଣମାଧ୍ୟମକୁ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା। ଟ୍ରମ୍ପ ଏବଂ ସରିଫ-ମୁନୀର ଆଲୋଚନାକୁ ନେଇ ହ୍ୱାଇଟହାଉସ ପକ୍ଷରୁ କୌଣସି ଫଟୋ କିମ୍ବା ଭିଡିଓ ଜାରି କରାଯାଇ ନ ଥିଲା। ତେବେ ଏହା ପୂର୍ବରୁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ଟ୍ରମ୍ପ ଯେଉଁ ଦାବି କରି ଆସୁଛନ୍ତି ତାହାକୁ ଶାହବାଜ ସମର୍ଥନ ଦେଇଥିଲେ। ଗତ ତିନି ଦିନ ମଧ୍ୟରେ ଟ୍ରମ୍ପ ଏବଂ ଶାହବାଜଙ୍କ ମଧ୍ୟରେ ଦ୍ୱିତୀୟ ଆଲୋଚନା ହୋଇଛି।

### ୬୨ ବର୍ଷର ଯାତ୍ରାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

# ବିଦାୟ ନେଲା ତିନି ଯୁଦ୍ଧର ପ୍ରମୁଖ ସାରଥି

ଚଣ୍ଡିଗଡ଼, ୨୬।୯ (ଏଜେନ୍ସି): ତିନି ତିନିଟା ଯୁଦ୍ଧରେ ଭାରତର ପ୍ରମୁଖ ସାରଥି ସାଜିଥିବା ତଥା ଭାରତୀୟ ବାୟୁସେନାର ମେରୁଦଣ୍ଡ ଭାବେ ପରିଚିତ ଲଢୁଆ ଯୁଦ୍ଧ ବିମାନ ମିଗ୍-୨୧କୁ ଶୁକ୍ରବାର ଶେଷ ବିଦାୟ ଦିଆଯାଇଛି। ଏହି ବିମାନ ଯେଉଁଠି ସେବାରେ ସାମିଲ ହୋଇଥିଲା, ସେଇଠି ହିଁ ସେବାରୁ ଅବସର ନେଇଛି।

### ମିଗ୍-୨୧ ଉଡ଼ାଇଲେ ବାୟୁସେନା ମୁଖ୍ୟ

ଚଣ୍ଡିଗଡ଼ ଏୟାରବେସ୍‌ରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ମିଗ୍-୨୧କୁ ସେବାରୁ ଅପସାରଣ କରାଯାଇଛି। ଆଜିଠାରୁ ଆଉ କୌଣସି ଉଡ଼ାଣରେ ମିଗ୍-୨୧କୁ ଦେଖିବାକୁ ମିଳିବ ନାହିଁ। ଏହି ବିଦାୟୀ କାର୍ଯ୍ୟକ୍ରମରେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ୨୩ ସ୍କ୍ୱାଡ୍ରନର ୬ ଲଢୁଆ ବିମାନ ସହିତ ଶେଷ ଉଡ଼ାଣ ଭରିଥିଲେ। ସ୍କ୍ୱାଡ୍ରନ ଲିଡର ପ୍ରିୟା ଶର୍ମା ମଧ୍ୟ ଫ୍ଲାଇପାଷ୍ଟରେ ଭାଗ ନେଇଥିଲେ। ଏହି ବିମାନ ୧୯୬୩ରେ ଚଣ୍ଡିଗଡ଼ ଏୟାରବେସରୁ ବାୟୁସେନାରେ ସାମିଲ ହୋଇଥିଲା।

୬୨ ବର୍ଷର ସେବା ମଧ୍ୟରେ ଭାରତର ଏହି ପ୍ରଥମ ସୁପରସୋନିକ ଲଢୁଆ ବିମାନ ମିଗ୍-୨୧ ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ, ୧୯୭୧ରେ ବାଂଲାଦେସ ମୁକ୍ତି ସଂଗ୍ରାମ, ୧୯୯୯ର କାର୍ଗିଲ ଯୁଦ୍ଧ ଏବଂ ୨୦୧୯ର ବାଲାକୋଟ ଏୟାର ଷ୍ଟ୍ରାଇକରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଏହି ବିମାନ ଧ୍ୱନିଠାରୁ ସେକେଣ୍ଡ ପିଛା ୩୩୨ ମିଟର ଅଧିକ ବେଗରେ ଉଡ଼ି ପାରୁଥିଲା। ଏବେ ତେଜସ ଏଲ୍‌ସିଏ ମାର୍କ ୧ଏ ଲଢୁଆ ବିମାନ ମିଗ-୨୧ର ସ୍ଥାନ ନେବ। ଏହି ବିଦାୟକାଳୀନ କାର୍ଯ୍ୟକ୍ରମରେ ପ୍ରତିରକ୍ଷାମନ୍ତ୍ରୀ



ରାଜନାଥ ସିଂହ, ତିନି ସେନାର ମୁଖ୍ୟଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରାଳୟର ଅନେକ ଅଧିକାରୀ ସାମିଲ ହୋଇଥିଲେ। ଏଠାରେ ମିଗ୍-୨୧କୁ ଶେଷ ସାଲ୍ୟୁଟ (ୱାଟର ଗନ୍) ଦିଆଯାଇଥିଲା। ସୂର୍ଯ୍ୟକିରଣ ଟିମ୍ ରଣକୌଶଳ ପ୍ରଦର୍ଶନ କରିଥିଲା। ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ କହିଥିଲେ ଯେ ଦୀର୍ଘ ସମୟ ହେଲା ମିଗ୍-୨୧ ଅନେକ ସାହସିକ କାର୍ଯ୍ୟର ସାକ୍ଷୀ ରହିଛି। ଏହାର ଯୋଗଦାନ କୌଣସି ଗୋଟିଏ ଘଟଣା କିମ୍ବା ଗୋଟିଏ ଯୁଦ୍ଧରେ ସୀମିତ ନାହିଁ। ୧୯୭୧ ଯୁଦ୍ଧରୁ ନେଇ କାର୍ଗିଲ ସଂଘର୍ଷ ପର୍ଯ୍ୟନ୍ତ କିମ୍ବା ବାଲାକୋଟ ଏୟାରଷ୍ଟ୍ରାଇକରୁ ନେଇ 'ଅପରେସନ ସିନ୍ଦୂର' ଯାଏଁ ସବୁଥିରେ ମିଗ୍-୨୧ ସଶସ୍ତ୍ର ବାହିନୀକୁ ଅସୀମ ଶକ୍ତି ପ୍ରଦାନ କରିଛି। ସେନାର ବୀରତାର ଯାତ୍ରାରେ ଏହି ଲଢୁଆ ବିମାନର ଯୋଗଦାନ ରହିଛି। ଆଜି ଆମେ ଏହି ବିମାନକୁ ବିଦାୟ ଦେଉଛି। ମିଗ-୨୧କୁ ନେଇ ଗୌରବ ଏବଂ କୃତଜ୍ଞତା ରହିଛି। ଏହା କେବଳ ଏକ ମେସିନ ନୁହେଁ, ଭାରତ-ରୁଷ ବନ୍ଧୁତାର ସାକ୍ଷୀ ମଧ୍ୟ। ଭାରତରେ ୮୫୦ ମିଗ୍ ବିମାନ ଥିଲା।

ସୂଚନାଯୋଗ୍ୟ ଯେ ୧୯୫୬ରେ ମିଗ-୨୧ ସୋଭିଏତର ଆକାଶରେ ପ୍ରଥମ ଉଡ଼ାଣ ଆରମ୍ଭ କରିଥିଲା। ଏହା ୧୯୫୯ରେ ସୋଭିଏତ ୟୁନିୟନର ବାୟୁସେନା ଫ୍ଲିଟରେ ସାମିଲ ହୋଇଥିଲା। ୧୩ ମିଟର ଲମ୍ବ ବିଶିଷ୍ଟ ଏହି ବିମାନ ଥରକେ ୧୨୧୦ କିମି ପର୍ଯ୍ୟନ୍ତ ଉଡ଼ାଣ କରିବାରେ ସକ୍ଷମ। ଏହାର ଓଜନ ୯,୮୦୦ କେଜି। ଏହା ଘଣ୍ଟା ପ୍ରତି ୨୨୩୦ କିମି ବେଗରେ ଗତି କରିପାରିବ। ତେବେ ଏହି ଲଢୁଆ ବିମାନ 'ଉଡ଼ନ୍ତା କଫିନ' ଏବଂ 'ୱିଡୋ ମେକର' କୁହାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁଯାୟୀ ୪୦୦ରୁ ଅଧିକ ମିଗ-୨୧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୦୦ରୁ ଅଧିକ ପାଇଲଟ ପ୍ରାଣ ହରାଇ ଥିଲେ। ଏହି ବିମାନର ଯନ୍ତ୍ରାଂଶ ଏବଂ ଅନ୍ୟ ସରଞ୍ଜାମ ଗୁଡିକ ଶୀଘ୍ର ଖରାପ ହେଇ ଯାଉଥିଲା।

## 'ସମାନ ନାଗରିକ ସଂହିତା' ସପକ୍ଷରେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ବିଜେପି ଶାସିତ କିଛି ରାଜ୍ୟ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କଲେଣି। କିନ୍ତୁ ବିରୋଧୀ ଦଳଗୁଡିକ ଏହାକୁ ବିରୋଧ କରୁଛନ୍ତି। ଏପରି ସମୟରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ୟୁସିସି ସପକ୍ଷରେ ରାୟ ଦେଇଛନ୍ତି।

### ପୋକ୍ସୋରେ ବାଲ୍ୟ ବିବାହ ଅପରାଧ, କିନ୍ତୁ ପର୍ସନାଲ ଲ'ରେ ନୁହେଁ

ସମାନ ନାଗରିକ ସଂହିତା ସମୟର ଆବଶ୍ୟକତା ବୋଲି କୋର୍ଟ କହିଛନ୍ତି। ମୁସଲିମ ପର୍ସନାଲ ଲ'ରେ ବାଲ୍ୟ ବିବାହକୁ ଅନୁମତି ଦିଆଯାଇଛି। ମାତ୍ର ପୋକ୍ସୋ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ରେ ବାଲ୍ୟ ବିବାହ ଅପରାଧ। ଏହି ଆଇନଗୁଡ଼ିକୁ ନେଇ ବାରମ୍ବାର ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ତେଣୁ ଆଇନର ସ୍ପଷ୍ଟ ବାଖ୍ୟାର ଆବଶ୍ୟକତା ରହିଛି। ଏଭଳି ବିସଙ୍ଗତିଗୁଡିକୁ ୟୁସିସି ଦୂର କରିବ ବୋଲି ଜଷ୍ଟିସ ଅରୁଣ ମୋଙ୍ଗା କହିଛନ୍ତି।

ବିଚାରପତି କହିଛନ୍ତି ଯେ ଅନେକ ମାମଲାରେ କୋର୍ଟ ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ଏବେ କ'ଣ ୟୁସିସି ଲାଗୁ କରିବାର ସମୟ ଆସିନାହିଁ କି? ୟୁସିସିରେ ଗୋଟିଏ ବ୍ୟବସ୍ଥା ରହିବ, ଯେଉଁଥିରେ ପର୍ସନାଲ ଲ' ଭଳି ଆଇନ ଆଉ ରାଷ୍ଟ୍ରୀୟ ଆଇନ ଉପରେ ଭାରି ହେବ ନାହିଁ। ୟୁସିସି କାର୍ଯ୍ୟକାରୀ କରିବାର ନିଷ୍ପତ୍ତିକୁ ଆଇନ ପ୍ରଣେତାଙ୍କ ବିବେକ ଉପରେ ଛାଡ଼ିଦେବା ଉଚିତ। କିନ୍ତୁ ବିଧାନସଭା କିମ୍ବା ସଂସଦ ମାଧ୍ୟମରେ ମାମଲାର ସ୍ଥାୟୀ ସମାଧାନ ହେବା ଉଚିତ। ଜଣେ ନାବାଳିକାଙ୍କୁ ବିବାହ କରିଥିବା ଅଭିଯୁକ୍ତ ହାମିଦ ରାଜାର ଜାମିନ ଆବେଦନର ଶୁଣାଣି ସମୟରେ ଦିଲ୍ଲୀ ହାଇକୋର୍ଟ ଏହି ଟିପ୍ପଣୀ ଦେଇଥିଲେ। ହାମିଦ ବିରୋଧରେ ଆଇପିସିର ଧାରା ୩୭୬ ଏବଂ ପୋକ୍ସୋ ଆଇନ ଲଗାଯାଇଥିଲା। ନାବାଳିକାଙ୍କ ସାବତ ବାପା ଏହି ଅଭିଯୋଗ ଦାଏର କରିଥିଲେ।

## ଚାଷୀକୁ ମୁଖ୍ୟମନ୍ତ୍ରୀ କରିଦିଅ; ଆମେ କ'ଣ ବାଟି ଖେଳିବାକୁ ଆସିଛୁ



ମୁମ୍ବାଇ, ୨୬।୯ (ଏଜେନ୍ସି): ମହିଳା ଆଇପିଏସ ଅଧିକାରୀଙ୍କୁ ଖୋଲମଖୋଲା ଧମକ ଦେଇ ବିବାଦରେ ଫସିଥିବା ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ମୁଖ୍ୟ ଅଜିତ ପାୱାର ଏବେ ଗରିବ ଚାଷୀଙ୍କ ଉପରେ ରାଗ ଝାଡ଼ିଛନ୍ତି। ମରାଠାୱାଡ଼ା ଧାରାଶିବରେ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବାକୁ ଯାଇ ସେ ଚାଷୀଙ୍କ ଉପରେ ଚିହିଁକି ଉଠିଛନ୍ତି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ବନ୍ୟା ଫସଲ କ୍ଷତି ହୋଇଥିବା ଦର୍ଶାଇ ଚାଷୀ ଋଣ ଛାଡ଼ ଦାବି କରିବାରୁ ଉପ-ମୁଖ୍ୟମନ୍ତ୍ରୀ ଆଉ ନିଜକୁ ସମ୍ଭାଳି ପାରି ନ ଥିଲେ। ଚାଷୀଙ୍କ ଉପରେ ଦାଉ ସାଧି ଥିଲେ। ଯେଉଁ ଚାଷୀ ଋଣ ଛାଡ଼ ଦାବି କରିଥିଲେ ତାଙ୍କୁ ହିଁ ମୁଖ୍ୟମନ୍ତ୍ରୀ କରିଦିଅ ବୋଲି କହିଥିଲେ। ଆମେ କ'ଣ ବାଟି ଖେଳିବାକୁ ଆସିଛୁ ବୋଲି ପଚାରି ଥିଲେ। ଏହାକୁ ବିଭିନ୍ନ ମହଲରେ ତାଙ୍କୁ ସମାଲୋଚନା କରାଯାଉଛି। ଜଣେ ରାଜନେତା ହୋଇ ସେ ଗୁଣ୍ଡାଙ୍କ ଭଳି ବ୍ୟବହାର କରୁଥିବା କୁହାଯାଉଛି।

ଭାଇରାଲ ଭିଡିଓରେ ଅଜିତ ପାୱାର କହୁଛନ୍ତି ଯେ ସକାଳ ୬ଟାରୁ ମୁଁ ଆଜି କାର୍ଯ୍ୟାରମ୍ଭ କରିଛି। ଯିଏ କାମ କରୁଛି ତାକୁ ଖାଲି ଆପଣାମାନେ ସମାଲୋଚନା

### ଋଣଛାଡ଼ ଦାବିରେ ରାଗିଗଲେ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର

କରୁଛନ୍ତି। ଭଉଣୀମାନଙ୍କୁ ଆମେ ବହୁତ କିଛି ସହାୟତା କରିଛୁ। ବର୍ଷକୁ ୪୫ ହଜାର କୋଟିର ସହାୟତା ଦେଉଛୁ। ଚାଷୀଙ୍କ ବିଜୁଳି ବିଲ୍ ଛାଡ଼ କରୁଛୁ। ଏ ବାବଦକୁ ୨୦ ହଜାର କୋଟି ଟଙ୍କା ଦିଆଯାଇଛି। ତେଣୁ ଟଙ୍କାକୁ ନେଇ ଦେଖେଇ ହୁଅନ୍ତୁ ନାହିଁ ବୋଲି ଅଜିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ଚଳିତ ମାସରେ ମହିଳା ଆଇପିଏସ ଅଧିକାରୀ ଅଞ୍ଜନା କୃଷ୍ଣାଙ୍କ ସହ ପାୱାର ଯୁକ୍ତି କରୁଥିବା ଭିଡିଓ ସାମ୍ନାକୁ ଆସିଥିଲା।

## ଲଦାଖ ହିଂସା ପାଇଁ ବନ୍ଧାହେଲେ ୱାଙ୍ଗଚୁକ୍



ଲେହ, ୨୬।୯ (ଏଜେନ୍ସି): ଲଦାଖ ହିଂସାକୁ ନେଇ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଏହି ହିଂସା ପାଇଁ ସରକାର ତାଙ୍କୁ ଦାୟୀ କରିଛନ୍ତି। ସେ ଉସୁକାଇବା ଭଳି ମନ୍ତବ୍ୟ ଦେବାରୁ ହିଂସା ହେଲା ବୋଲି କୁହାଯାଇଛି। ତେବେ ସେ ଦିନକ ତଳେ ନିଜକୁ ନିର୍ଦ୍ଦୋଷ କହିଥିଲେ। ଏହି କାରଣରୁ ଯେକୌଣସି ସମୟରେ ଗିରଫ କଲେ ଖୁସି ହେବି ବୋଲି କହିଥିଲେ। କିନ୍ତୁ କେଉଁ ମାମଲାରେ ତାଙ୍କୁ ଗିରଫ କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୱାଙ୍ଗଚୁକଙ୍କ ବିରୋଧରେ ନ୍ୟାସନାଲ ସିକ୍ୟୁରିଟି ଆକ୍ଟ (ଏନ୍‌ଏସଏ) ଲଗାଯାଇଛି। ତାଙ୍କୁ ଗିରଫ କରି ଅଜ୍ଞାତ ସ୍ଥାନକୁ ନିଆଯାଇଛି। ଶୁକ୍ରବାର ରାତିରେ କିମ୍ବା ଶନିବାର ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାର ସମ୍ଭାବନା ରହିଛି। ଏନ୍‌ଏସଏ ଅଧିନରେ ଅଭିଯୁକ୍ତକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ହେପାଜତରେ ରଖିବାକୁ ସୁରକ୍ଷା ଏଜେନ୍ସିକୁ ଅନୁମତି ଦିଆଯାଇଛି। ଏହା ସହିତ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଲଦାଖରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ଭୁଲ୍ ସୂଚନା ପ୍ରଚାରପ୍ରସାରକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ଗତ ୨୪ ତାରିଖରେ ହୋଇଥିବା ହିଂସା ପରଠାରୁ କ୍ରମାଗତ ତୃତୀୟ ଦିନ ପାଇଁ ଲେହରେ କର୍ଫ୍ୟୁ ଜାରି ରହିଛି। ସ୍କୁଲ-କଲେଜଗୁଡିକୁ ଶନିବାର ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଲେହକୁ ରାଜ୍ୟମାନ୍ୟତା ଏବଂ ଷଷ୍ଠ ଅନୁସୂଚୀରେ ସାମିଲ ଦାବିକୁ ନେଇ ବିକ୍ଷୋଭ ଚାଲିଥିବାବେଳେ ଏହି ହିଂସା ହୋଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ୪୦ ପୁଲିସ କର୍ମଚାରୀଙ୍କ ସମେତ ୮୦ରୁ ଅଧିକ ଆହତ ହୋଇଥିଲେ। ଏ ପର୍ଯ୍ୟନ୍ତ ଏହି ମାମଲାରେ ୬୦ ଅଭିଯୁକ୍ତଙ୍କୁ ଗିରଫ କରାଗଲାଣି। ଅନ୍ୟପକ୍ଷରେ ୱାଙ୍ଗଚୁକଙ୍କ ସଂସ୍ଥା ଷ୍ଟୁଡେଣ୍ଟସ ଏଜୁକେସନାଲ ଆଣ୍ଡ କଲ୍‌ଚୁରାଲ ମୁଭମେଣ୍ଟ ଅଫ ଲଦାଖ (ଏସଇସିଏମଓଏଲ)ର ବିଦେଶୀ ଫଣ୍ଡିଂ ଲାଇସେନ୍ସକୁ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ରଦ୍ଦ କରିଦେଇଛି। ଏହି ସଂସ୍ଥା ବିଦେଶୀ ପାଣ୍ଠି ସଂଗ୍ରହ ନିୟମକୁ ଉଲ୍ଲଙ୍ଘନ କରିଛି ବୋଲି କୁହାଯାଇଛି। ସେହିପରି ସିବିଆଇ ୱାଙ୍ଗଚୁକ୍‌ଙ୍କ ଆଉ ଏକ ଏନ୍‌ଜିଓ ହିମାଲୟାନ ଇନଷ୍ଟିଚ୍ୟୁଟ ଅଫ ଅଲଟରନେଟିଭସ ଲଦାଖ (ଏଚଆଇଏଏଲ)ର ବିଦେଶୀ ଫଣ୍ଡିଂ (ଏଫ୍‌ସିଆରଏ) ମାମଲାର ତଦନ୍ତ ଆରମ୍ଭ କରିଛି। ଏହି ସଂସ୍ଥା ମଧ୍ୟ ଏଫ୍‌ସିଆରଏ ନିୟମ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ଲାଗିଛି। ସିବିଆଇ ଟିମ୍ ବି ଏହି ଏନ୍‌ଜିଓର ଆକାଉଣ୍ଟ ଏବଂ ରେକର୍ଡ ଯାଞ୍ଚ କରୁଛି।

ୱାଙ୍ଗଚୁକ କହିଛନ୍ତି ଯେ ତିନୋଟି ମାମଲାରେ ମିଳିତ ଜାତିସଂଘ, ସ୍ୱିଜରଲାଣ୍ଡର ଏକ ୟୁନିଭର୍ସିଟି ଏବଂ ଇଟାଲୀର ଏକ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହାକୁ ନେଇ ସରକାରଙ୍କୁ

### ଅଜ୍ଞାତ ସ୍ଥାନରେ ରଖାଯାଇଛି

### ତୃତୀୟ ଦିନରେ ଲଦାଖରେ କର୍ଫ୍ୟୁ

ଟିକସ ମଧ୍ୟ ଦିଆଯାଇଥିଲା। ସିବିଆଇ କେବଳ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତର ରେକର୍ଡ ଯାଞ୍ଚ କରିବାର ଥିଲା। କିନ୍ତୁ ଏବେ ୨୦୨୦ ଏବଂ ୨୦୨୧ର ରେକର୍ଡ ବି ଦେଖୁଛି। ବାହାରର ସ୍କୁଲ୍‌ରୁ ମଧ୍ୟ କାଗଜପତ୍ର ମଗାଯାଉଛି। ପ୍ରଥମେ ସ୍ଥାନୀୟ ପୁଲିସ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ଲଗାଇ ଥିଲା। ଚାରି ବର୍ଷ ତଳର ଏକ ପୁରୁଣା ମାମଲା ମଧ୍ୟ ଖୋଲିଥିଲା। ଏଥିରେ ଶ୍ରମିକଙ୍କୁ ଦରମା ଦେଇ ନ ଥିବା ଅଭିଯୋଗ ହୋଇଥିଲା। ନିକଟରେ ଏଚଆଇଏଲ ପକ୍ଷରୁ ଦିଆଯାଇଥିବା ଜମି ପଟାକୁ ସରକାର ଖାରଜ କରିଦେଇଥିଲେ। ଲିଜ୍ ବାବଦ ଦେୟ ଦିଆଯାଇ ନ ଥିବା କୁହାଯାଇଥିଲା। କିନ୍ତୁ ସରକାର ଦେୟ ଗ୍ରହଣ କରିଥିବା ନେଇ ତାଙ୍କ ପାଖରେ ପ୍ରମାଣ ରହିଛି। ଆୟକର ବିଭାଗ ମଧ୍ୟ ତାଙ୍କୁ ନୋଟିସ ପଠାଇଛି। ଅନ୍ୟପଟେ ୱାଙ୍ଗଚୁକ୍‌ଙ୍କ ଗିରଫକୁ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ବିଜେପି ନିଜ ପ୍ରତିଶ୍ରୁତି ପୂରଣ କରିନାହିଁ। ଏଭଳି ସ୍ଥିତି ସୃଷ୍ଟି ହେବାକୁ ବିଜେପି କାହିଁକି ଦେଲା ବୋଲି ସେ ପ୍ରଶ୍ନ କରିଛନ୍ତି।

## ଜାତିସଂଘରେ ନେତନ୍ୟାହୁଙ୍କୁ ବୟକଟ୍

ନ୍ୟୁୟର୍କ, ୨୬।୯ (ଏଜେନ୍ସି): ୟୁକ୍ରେନ ଯୁଦ୍ଧକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଗିରଫ ହେବାର ଭୟ ଘାରିଛି। ତେଣୁ ସେ ମାର୍ଗ ବଦଳାଇ ଆମେରିକାରେ ପହଞ୍ଚିଛନ୍ତି। ୫ ୟୁରୋପୀୟ ଦେଶର ବାୟୁସୀମା ନ ଦେଇ୬୦୦ କିମି ଅଧିକ ଯାତ୍ରା କରି ଜାତିସଂଘ ସାଧାରଣ ପରିଷଦ ବୈଠକ (ୟୁଏନଜିଏ)ରେ ଅଭିଭାଷଣ ଦେବାକୁ ପହଞ୍ଚିଛନ୍ତି। କାରଣ ଗାଜାରେ ନରସଂହାରକୁ ନେଇ ଆଇସିସି ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। ତେଣୁ ଫ୍ରାନ୍ସ, ସ୍ପେନ, ପର୍ତ୍ତୁଗାଲ, ବ୍ରିଟେନ, ଆୟରଲାଣ୍ଡ ଆକାଶ ମାର୍ଗ ଦେଇ ଯାଇଥିଲେ ତାଙ୍କୁ ଗିରଫ କରାଯିବାର ଆଶଙ୍କା ଥିଲା। ଅନ୍ୟପଟେ ନେତନ୍ୟାହୁଙ୍କ ଅଭିଭାଷଣକୁ ଜାତିସଂଘରେ ବୟକଟ୍ କରାଯାଇଛି। ସେ ଅଭିଭାଷଣ ଆରମ୍ଭ କରିବା ମାତ୍ରେ ଅନେକ ଦେଶର କୂଟନୈତିଜ୍ଞ ହଲ୍ ଛାଡ଼ି ପଳାଇଛନ୍ତି। ଏହା ସତ୍ତ୍ୱେ ସେ ଭାଷଣ ଜାରି ରଖିଥିଲେ। ଇସ୍ରାଏଲ ନିଜର ସବୁ ଶତ୍ରୁଙ୍କୁ ନିହତ କରିଛି ବୋଲି କହିଥିଲେ।

# ମୋଦୀ-ପୁତିନଙ୍କୁ ନେଇ ନାଟୋ ମୁଖ୍ୟଙ୍କ ଅପପ୍ରଚାର

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଚାହୁଁଛନ୍ତି। ଏହା ପାଇବା ପାଇଁ ସେ ସବୁ କିଛି କରିବାକୁ ପ୍ରସ୍ତୁତ ଅଛନ୍ତି। ଏହାକୁ ନେଇ ସେ ନାଟୋ ମୁଖ୍ୟ ମାର୍କ ରୁଟ୍‌ଙ୍କୁ ଅସ୍ତ୍ର କରିଛନ୍ତି। ଆଉ ଭାରତରେ ବିରୋଧରେ ମିଥ୍ୟା ପ୍ରଚାରପ୍ରସାର କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଶୁଳ୍କ ଚାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଫୋନ୍‌ରେ କଥା ହୋଇଥିବା ମାର୍କ ଦାବି କରିଛନ୍ତି। ସେ ଏକ ସାକ୍ଷାତକାରରେ କହିଥିଲେ ଯେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ରୁଷଠାରୁ ତୈଳ କିଣୁଥିବାରୁ ଏଥିରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ସାମିଲ ରହିଛି। ଏହାର ଗଭୀର ପ୍ରଭାବ ମସ୍କୋ ଉପରେ ପଡ଼ିଛି। ଏହାକୁ ନେଇ ନୂଆଦିଲ୍ଲୀ ଏବଂ ମସ୍କୋ ମଧ୍ୟରେ ଫୋନ ଯୋଗେ ଆଲୋଚନା ଜାରି ରହିଛି। ଏହି ବାର୍ତ୍ତାଳାପରେ ମୋଦୀ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାର ଯୋଜନା ବିଷୟରେ ପୁତିନଙ୍କୁ ପଚାରି ଥିଲେ। ଟ୍ରମ୍ପଙ୍କ ଶୁଳ୍କକୁ ନେଇ ଭାରତ ଏବଂ ରୁଷ୍ ମଧ୍ୟରେ ଅନେକ ଥର ଆଲୋଚନା ମଧ୍ୟ ହୋଇଛି। ଏବେ ଭାରତ ଏହାର ମୁଖା

### ତୀବ୍ର ବିରୋଧ କଲା ଭାରତ

### ଏଭଳି ମନ୍ତବ୍ୟ ଗ୍ରହଣଯୋଗ୍ୟ ନୁହେଁ



ଖୋଲି ଦେଇଛି। ଭାରତୀୟ ବୈଦେଶିକ ମନ୍ତ୍ରାଳୟ ଏହାକୁ ସମ୍ପୂର୍ଣ୍ଣ ଆଧାରହୀନ କହିଛି।

ନାଟୋ ମୁଖ୍ୟଙ୍କୁ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଦୃଢ଼ ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ପୁତିନଙ୍କ ମଧ୍ୟରେ ଫୋନ୍ ବାର୍ତ୍ତାଳାପକୁ ନେଇ ନାଟୋ ମୁଖ୍ୟ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ୍। ଏହା ଆଧାରହୀନ ଏବଂ ଭ୍ରମାତ୍ମକ। ମାର୍କଙ୍କ ମନ୍ତବ୍ୟରେ କୌଣସି ସତ୍ୟତା ନାହିଁ। ମୋଦୀ ଏବଂ ପୁତିନଙ୍କ ମଧ୍ୟରେ ଏଭଳି କୌଣସି ଆଲୋଚନା ହୋଇନାହିଁ। ଉଭୟ ନେତାଙ୍କୁ ନେଇ ନାଟୋ ମୁଖ୍ୟ ଏଭଳି ଆଧାରହୀନ ମନ୍ତବ୍ୟ ଦେବାରୁ ବିରତ ରହିବା ଉଚିତ। ଏଭଳି ଟିପ୍ପଣୀକୁ କଦାପି ସ୍ୱୀକାର କରାଯିବ ନାହିଁ। ନାଟୋ ଭଳି ସଂଗଠନର ମୁଖ୍ୟ ଅଧିକ ଦାୟିତ୍ୱବାନ ହେବା ଉଚିତ। କିନ୍ତୁ ଏଭଳି ଟିପ୍ପଣୀ ନୈରାଶ୍ୟଜନକ। ନାଟୋ ପକ୍ଷରୁ ଏଭଳି ଟିପ୍ପଣୀ ଦିଆ ନ ଯିବା ଉଚିତ।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷାକୁ ଧ୍ୟାନରେ ରଖି ଭାରତ ଶକ୍ତି ଆମଦାନୀ ନେଇ ନିଷ୍ପତ୍ତି ନେଇଥାଏ। ଭାରତୀୟ ଗ୍ରାହକମାନଙ୍କୁ କମ୍ ଦାମରେ ଏବଂ ଶକ୍ତି ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥାଏ। ଭାରତ ନିଜର ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷାକୁ ରକ୍ଷା କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ।

## ଆଜିର ରାଶିଫଳ

**ମେଷ:** ପରିଶ୍ରମ ଅନୁସାରେ ଫଳ ମିଳିବ। ମାନସମ୍ମାନ ବୃଦ୍ଧି ପାଇବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଅଚାନକ ଖୁସି ଖବର ପାଇବେ। ପରିବାରର ଦାୟିତ୍ୱ ବଢ଼ିପାରେ। ଲେଖକ/ଲେଖିକାଙ୍କ ପାଇଁ ଦିନଟି ବହୁତ ଭଲ। ଅତିଥି ସତ୍କାର କରିପାରନ୍ତି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ମିଥୁନ:** ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଭଲ ସମୟ। ପ୍ରେମ ବ୍ୟାପାରରେ ସଫଳ ହେବେ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ।

**କର୍କଟ:** ଆୟ ଅନୁସାରେ ବ୍ୟୟ ଅଧିକ ହେବ। ଦୀର୍ଘ ଦିନରୁ ଚାଲିଥିବା ପାରିବାରି ସମସ୍ୟାରୁ ମୁକ୍ତି ମିଳିବ। ପିଲାଙ୍କ ଗତିବିଧି ଉପରେ ମା' ମାନେ ନଜର ରଖନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାମ କରନ୍ତୁ।

**ସିଂହ:** ରାଜନେତାଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ। ପଡୋଶୀଙ୍କ ସହ ଛୋଟ ଛୋଟ କଥାରେ ମନୋମାଳିନ୍ୟ ହୋଇପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ। ପାରିବାରିକ ଜୀବନ ସୁଖମୟ ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ତୁଳା:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଉଧାର ଟଙ୍କା ଫେରି ପାଇବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

## ଆଜିର ଇତିହାସ

- ୧୭୬୦- ମୀର୍ କାସିମ୍ ବଙ୍ଗର ନବାବ ହେଲେ।
- ୧୮୩୩- ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ଦେହାନ୍ତ।
- ୧୯୦୭- ମହାନ୍ କ୍ରାନ୍ତିକାରୀ ଭଗତ ସିଂହଙ୍କ ଜନ୍ମ।
- ୧୯୩୯- ପୋଲାଣ୍ଡ ଜର୍ମାନୀ ନିକଟରେ ଆତ୍ମସମର୍ପଣ କଲା।
- ୧୯୯୮- ସର୍ଚ୍ଚ ଇଞ୍ଜିନ୍ 'ଗୁଗଲ'ର ସ୍ଥାପନା ହୋଇଥିଲା।
- ୨୦୦୫- ବିଲ୍ ଗେଟ୍‌ସ ଲଗାତାର ଏଗାର ଥର ପାଇଁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହେଲେ।

# ୩୦ ବର୍ଷ ଧରି ପିଉଛନ୍ତି ଇଞ୍ଜିନ୍ ଅଏଲ




ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାନ୍ତି। ଏହି କ୍ରମରେ କର୍ଣ୍ଣାଟକରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଏଠାକାର ଜଣେ ବ୍ୟକ୍ତି ତିନି ଦଶନ୍ଧି ଧରି ଭାତ ରୁଟି ଛାଡ଼ି ଇଞ୍ଜିନ୍ ଅଏଲ୍ ପିଇ ଜୀବିତ ଅଛନ୍ତି। ନିକଟରେ ଏହି ବ୍ୟକ୍ତିଙ୍କର ଭିଡିଓ ଭାଇରାଲ ହେବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଶିବମୋଗା ଜିଲ୍ଲାରେ ରହୁଥିବା ଏହି ବ୍ୟକ୍ତି ଜଣକ ଅଏଲ କୁମାର ନାଁରେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ସେ ନିତିଦିନ ପାଖାପାଖି ସାତରୁ ଆଠ ଲିଟର ଇଞ୍ଜିନ୍ ଅଏଲ୍ ପିଇଥାନ୍ତି। ଏହାବାଦ୍ ପ୍ରତିଦିନ ସେ ଚା' ମଧ୍ୟ ପିଅନ୍ତି। ଭାଇରାଲ ଭିଡିଓରେ ଲୋକେ ତାଙ୍କୁ ଖାଦ୍ୟ ଯାଚୁଥିବାର ଦେଖାଯାଇଛି। ସେ କିନ୍ତୁ ଖାଦ୍ୟକୁ ଆଡ଼େଇ ଦେଇ ଇଞ୍ଜିନ୍ ଅଏଲ୍ ପିଉଥିବାର ଦେଖାଯାଇଛି। ଉଲ୍ଲେଖନୀୟ କଥାଟି ହେଉଛି, ତିରିଶ ବର୍ଷ ଧରି ଇଞ୍ଜିନ୍ ଅଏଲ୍ ପିଇବା ସତ୍ତ୍ୱେ ତାଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇ ନାହିଁ। ଏପରିକି ସେ ଏଥିପାଇଁ ମେଡିକାଲ ମଧ୍ୟ ଯାଇ ନାହାନ୍ତି। ସେ କିଛି ରୋଗରେ ମଧ୍ୟ ପୀଡ଼ିତ ହୋଇ ନାହାନ୍ତି। ଏନେଇ ଅଏଲ୍ କୁମାରଙ୍କ କହିବା କଥା, ତାଙ୍କ ଜୀବନ ଭଗବାନ ଅୟପ୍ପାଙ୍କ କୃପାରୁ ଚାଲିଛି। ଭଗବାନଙ୍କ ଆର୍ଶୀବାଦ ନ ଥିଲେ ସେ ଏତେ ବର୍ଷ ଜିଇ ନ ଥାନ୍ତେ । ଇଞ୍ଜିନ୍ ଅଏଲ୍ ପେଟ୍ରୋଲିୟମ୍‌ରୁ ତିଆରି ହେଉଥିବାରୁ ମଣିଷ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ୍ ବିପଜ୍ଜନକ ବୋଲି କୁହାଯାଏ। ଭୁଲବଶତଃ ଯଦି କୌଣସି ବ୍ୟକ୍ତି ଏହାକୁ ପିଇ ଦିଅନ୍ତି ଏହା ପାଚନତନ୍ତ୍ର ଓ ଫୁସ୍‌ଫୁସ୍ ଉପରେ ଗଭୀର ପ୍ରଭାବ ପକାଇଥାଏ। ତେବେ ଏହି ବ୍ୟକ୍ତି ଜଣକ ଏତେ ଦିନ ଧରି ଇଞ୍ଜିନ୍ ଅଏଲ୍ ପିଇ ଜୀବିତ ରହିବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ବିଶ୍ୱ ପର୍ଯ୍ୟଟନ ଦିବସ



ଆଜି ବିଶ୍ୱ ପର୍ଯ୍ୟଟନ ଦିବସ। ବିଶ୍ୱବ୍ୟାପୀ ପର୍ଯ୍ୟଟନର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏହାବାଦ୍ ପର୍ଯ୍ୟଟକମାନେ ବିଭିନ୍ନ ଦେଶ ବୁଲି ସେଠାକାର ସଂସ୍କୃତି ସମ୍ପର୍କରେ ଜାଣିବାକୁ ଏହି ଦିବସ ଉତ୍ସାହିତ କରିଥାଏ। ବିଶ୍ୱର ବିଭିନ୍ନ ଦେଶର ଲୋକଙ୍କୁ ପରସ୍ପରର ନିକଟତର ହେବାର ସୁଯୋଗ ଦେବା, ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହ ସାଂସ୍କୃତିକ ସମ୍ପର୍କକୁ ମଜଭୁତ କରିବା ଏହି ଦିବସ ବାର୍ତ୍ତା ପ୍ରଦାନ କରିଥାଏ। ବିଶ୍ୱର କୋଣ ଅନୁକୋଣରେ ଥିବା ପର୍ଯ୍ୟଟନସ୍ଥଳଗୁଡ଼ିକ ବିଷୟରେ ଲୋକଙ୍କୁ ଅବଗତ କରିବା ସହ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସଂଯୁକ୍ତ ରାଷ୍ଟ୍ର ବିଶ୍ୱ ପର୍ଯ୍ୟଟନ ସଂଗଠନ ଦ୍ୱାରା ୧୯୮୦ ମସିହାରୁ ସେପ୍ଟେମ୍ବର ୨୭ ତାରିଖକୁ 'ବିଶ୍ୱ ପର୍ଯ୍ୟଟନ ଦିବସ' ଭାବେ ପାଳନ କରାଯାଉଛି। ଏହି ଦିବସର ବିଶେଷତ୍ୱ ହେଲା ଯେ, ୧୯୭୦ ମସିହା ଏହି ଦିନ ମିଳିତ ଜାତିସଂଘ, ବିଶ୍ୱ ପର୍ଯ୍ୟଟନ ସଂଗଠନର (UNWTO) ଆଇନକୁ ମାନ୍ୟତା ଦିଆଯାଇଥିଲା। ବିଶ୍ୱସ୍ତରରେ ପର୍ଯ୍ୟଟନକୁ ବିଶେଷ ପ୍ରୋତ୍ସାହନ ଦେବା ସନ୍ଦର୍ଭରେ ଏହି ଆଇନଗତ ପ୍ରକ୍ରିୟା ଏକ ମାଇଲ୍ ଖୁଣ୍ଟ ସଦୃଶ। ପର୍ଯ୍ୟଟନ ସହିତ ଜଡ଼ିତ ଥିବା ଲୋକଙ୍କ ପାଇଁ ବିଶ୍ୱ ପର୍ଯ୍ୟଟନ ଦିବସ ଅତ୍ୟନ୍ତ ସ୍ୱତନ୍ତ୍ର । ଏହି ଦିନ ପର୍ଯ୍ୟଟନ ଏବଂ ପର୍ଯ୍ୟଟକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ବିଶ୍ୱରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ପ୍ରତିବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସର ଭିନ୍ନ ବିଷୟବସ୍ତୁ ରହିଥାଏ । ଏ ବର୍ଷର ବିଷୟବସ୍ତୁ ହେଉଛି 'Tourism and Sustainable Transformation'।

# କିଆରାଙ୍କ ସ୍ଥାନ ନେବେ ଅନୀତ!



'ସୈୟାରା' ଫିଲ୍ମରୁ ଅନୀତ ପଡ୍ଡା ରାତାରାତି ଷ୍ଟାର୍ ପାଲଟି ଯାଇଛନ୍ତି। ତାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଏବେ ଅନୀତଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଥିବା ଚର୍ଚ୍ଚା ହେଉଛି। ଦିନେଶ ବିଜନଙ୍କ ହରର୍ କମେଡି ୟୁନିଭର୍ସର ଆଗାମୀ ଫିଲ୍ମ 'ଶକ୍ତି ଶାଳିନୀ'ରେ ସେ ଲିଡ୍ ରୋଲରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଏହି ଫିଲ୍ମ ପାଇଁ କିଆରା ଆଡଭାନୀଙ୍କୁ ଫାଇନାଲ କରାଯାଇଥିଲା। ଏବେ କିଆରାଙ୍କ ସ୍ଥାନ ଅନୀତ ନେବେ ବୋଲି ନିକଟରେ କିଛି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହି ରିପୋର୍ଟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ମ୍ୟାଡକ୍ ଫିଲ୍ମସ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ ଏନେଇ ଏକ ପୋଷ୍ଟ ସେୟାର୍ କରାଯାଇଥିଲା। ଏଥିରେ କୁହାଯାଇଛି, 'ମହାମୁଞ୍ଜ୍ୟା' ଓ 'ଶକ୍ତି ଶାଳିନୀ'ର କଳାକାରଙ୍କୁ ନେଇ ଆସିଥିବା ଖବର ପୂରାପୂରି ଗୁଜବ। ଏନେଇ ଆମେ ବିଧିବଦ୍ଧ ଭାବେ କିଛି ଘୋଷଣା କରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।' ମ୍ୟାଡକ୍ ଫିଲ୍ମର ସ୍ପଷ୍ଟୀକରଣ ପରେ ବି ଦର୍ଶକେ କିଆରାଙ୍କ ଠାରୁ ଅନୀତ ଭଲ ବିକଳ୍ପ ବୋଲି କହିଛନ୍ତି। 'ଶକ୍ତି ଶାଳିନୀ'ର ନିର୍ଦ୍ଦେଶନା ଦାୟିତ୍ୱରେ ଆଦିତ୍ୟ ସରପୋତଦାର ଅଛନ୍ତି। ଏହାର ସୁଟିଂ ୨୦୨୫ ଶେଷ ଆଡ଼କୁ ଆରମ୍ଭ ହେବ।

## ଗାନ୍ଧୀ ଜୟନ୍ତୀ



ଭୋଜରାଜ ବୁଡ଼

ଧନ୍ୟ ଧନ୍ୟ ରାଜ୍ୟ ଗୁଜରାଟ,
କୋଳେ ଲଭିଲୁ ପରମ ସୁତ,
ଅଠରଶ ଅଣସ୍ତରୀ ଅକ୍ଟୋବର,
ଦୁଇ ତାରିଖେ କଲୁ ଭୂମିଷ୍ଠ ॥
ଧନ୍ୟ କରମ ଚାନ୍ଦ ଗାନ୍ଧୀ ତାତ,
ପୁତୁଳି ବାଇ ଧନ୍ୟ ତୁମେ ମାତ,
ପୁରୁବ ସୁକୃତ ବଳେ କଲ ଜାତ,
ଦେଶପ୍ରେମୀ, ଗୁଣୀ, ଜ୍ଞାନୀ ସୁତ ॥
ଆହେ ବରେଣ୍ୟ ମହାମାନବ,
ତୁମ ନାମ କି କେହି ଭୁଲିବ,
ଦେଶଦଶ ଲାଗି ପ୍ରାଣବଳି ଦେଲ,
ତା'ର ଦୃଷ୍ଟାନ୍ତ କି କାହିଁ ଥିବ ॥
ଯୋଗୀ ପରି କରମ ସାଧିଲ,
ଦୈତ୍ୟ ଫିରିଙ୍ଗି ବଳ ଭାଙ୍ଗିଲ,
ତେର ନଈ ସାତ ଦରିଆ ସେପାରେ,
ବିନା ଅସ୍ତ୍ରେ ରାକ୍ଷସେ ତଡ଼ିଲ ॥
ପରାଧୀନ ଶୃଙ୍ଖଳ ଛିଣ୍ଡିଲା,
ସ୍ୱାଧୀନତା ସୂରୁଜ ଉଇଁଲା,
ଦେଶ ଜନନୀର ତପ୍ତ ଅଶ୍ରୁଧାର,
ଚିର ଦିନ ପାଇଁ ପୋଛିଦେଲା ॥
ଆମେ ତୁମରତ ବଂଶଧର,
ବକ୍ଷେ ବହେ ତୁମ ରକ୍ତଧାର,
ହେବୁ ଯୋଗ୍ୟସୁତ ଭାରତ ମାତାର,
ସ୍ୱର୍ଗେ ଥାଇ ସୁଆଶିଷ କର ॥
ଆଜି ପାଳୁଛୁ ତବ ଜୟନ୍ତୀ
କରୁ ଭିକ୍ଷା ଦିଅ ହେ ଶକତି,
କୁଟି ଖାଇ କାଟି ପିନ୍ଧିଣ ସାହସେ,
ମାନି ଚଳିବୁ ଅହିଂସା ନୀତି ॥

ପାଇକମାଳ, ବରଗଡ଼
ମୋ- ୬୩୭୧୯୮୭୫୪୨

## ମାଆ ଆସିବେ ବୋଲି





ଅନସୂୟା ପଣ୍ଡା

ସଜ ହେଲାଣି ଧରଣୀ ରାଣୀ
ଆସିବେ ବୋଲି ମାଆ।
ରଙ୍ଗୋଲୀ ଶେଫାଳି ବସି ଆଙ୍କିଲାଣି
କାଶ ଫୁଲରେ ଚାମର କରେ ବାଆ।
ହସୁଛି ଆଜି ଧଳା ବଉଦ
ଆକାଶେ ଲେଖି ସ୍ୱାଗତ ଗୀତ
ମଣ୍ଡପ ସବୁ ସଜ ହେଲାଣି
ମାଆ ଆସିବେ ସଭିଙ୍କ ମନ ପ୍ରୀତ।
ଜାଗଇ ମନେ ଭକତି ଭାବ
ଖେଳେ ମନରେ ମିଠା ଆବେଗ
ସଜାଏ ବୋଉ ଘର ଦୁଆର
ତିଆରି କରେ ନାନା ଜାତିର ଭୋଗ।
କୁନା ଆଣିଛି ନୂଆ ସାର୍ଟ
ଯିବ ଦେବୀ ମେଢ଼କୁ ଦେଖି
ରୂପା ସୁନାର ସାଜ ସଜାରେ
ଝଲସି ଯିବ ତା' ଆଖି।
ନୂଆ ଖେଳଣା ଆଣିବ ବୋଲି
ଲାଗିଛି ତା'ର ମନରେ ପରା ଜିଦି
ଫାଷ୍ଟ ଫୁଡ୍ ଖାଇବ ବୋଲି
ତେଲ ମାରୁଛି ଭାଇକୁ ନିଇତି।
ମାଆ ପାଖରେ ରଖିବ ଅଳି
ଦୁର୍ଦ୍ଦିନ ଦୁର୍ବିପାକ ଯାଉ ସରି
ଶାନ୍ତି ସେନେହର ବରଷା ହେଉ
ଜଗତ ଯାଉ ଖୁସି ଗୀତରେ ଭରି।

ବୁର୍ଲା, ସମ୍ବଲପୁର
ମୋ- ୯୪୩୯୨୧୧୭୧

## ସୁମନ



# ଭଲ୍ଲୁକ ରଜାର ବିଚାର





ସୁବ୍ରତ ଦାସ

ଜଙ୍ଗଲରେ ଭାଲୁ ରାଜାର ବୟସ ଅଧିକ ହୋଇଯିବ ଲକ୍ଷ୍ୟ କରି ସବୁ ପଶୁପକ୍ଷୀମାନେ ନୂଆ ରାଜା କିଏ ହେବ, ସେହି ଚିନ୍ତାରେ ଥାଆନ୍ତି । କେତେକ ପଶୁ ସିଂହକୁ ରାଜା କରିବା କଥା ପ୍ରସ୍ତାବ ଦେଉଥାନ୍ତି ତ, ଆଉ କେତେକ ପକ୍ଷୀ ଉକ୍ତ ପ୍ରସ୍ତାବରେ ସହମତି ପ୍ରକାଶ କରୁ ନ ଥାନ୍ତି। ଏହିଭଳି ସମସ୍ତେ ନିଜ ନିଜର ପ୍ରସ୍ତାବ ଭାଲୁକୁ ଦେଉ ଥାଆନ୍ତି। ଭଲ୍ଲୁକ ମହାରାଜ ସମସ୍ତଙ୍କ କଥା ଶୁଣୁଥାନ୍ତି। ମହାରାଜ କହିଲେ, ଦେଖ ମୁଁ ବୁଢ଼ା ହୋଇଗଲିଣି। ତେଣୁ ମୋ' ପରେ ରଜା ଯିଏ ହେବ ସେ ଯେମିତି ତୁମ ସମସ୍ତଙ୍କର ସୁଖଦୁଃଖର ସାଥି ହେବା ସହ ତୁମ୍ଭମାନଙ୍କୁ ସବୁ ବିପଦରୁ ରକ୍ଷା କରି ପାରୁଥିବ। ତେଣୁ ଭଲ୍ଲୁକ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲରେ ଗୋଟିଏ ସଭା ଡକାଗଲା। ବିଲୁଆ, ମାଙ୍କଡ଼, କଜଳପାତି, ଠେକୁଆ ସମସ୍ତ ପଶୁପକ୍ଷୀମାନଙ୍କୁ ଗୋଟିଏ ସ୍ଥାନରେ ରୁଣ୍ଡ କରିବା ପାଇଁ ଦାୟିତ୍ୱ ନେଲେ। ସମସ୍ତେ ମିଶି ଜଙ୍ଗଲର ଜୀବଜନ୍ତୁମାନଙ୍କୁ ଖବର ଦେଲେ । କିଛି ସମୟ ପରେ ସଭା ଆରମ୍ଭ ହେଲା । ମାଙ୍କଡ଼ ପ୍ରଥମେ ସମସ୍ତ ପ୍ରାଣୀମାନଙ୍କୁ ସଭାର ଉଦ୍ଦେଶ୍ୟ ବିଷୟରେ ଜଣାଇଦେଲା । ବିଲୁଆ କହିଲା, ଭାଇ ଭଉଣୀମାନେ ଆମ୍ଭେ ଜଙ୍ଗଲରେ ଦୀର୍ଘଦିନ ହେବ ରହି ଆସୁଛନ୍ତି । ଭଲ୍ଲୁକ ମହାରାଜ ଆମ୍ଭର ରାଜା ଥିଲେ, ମାତ୍ର ବୟସ ଅଧିକ ହେତୁ ସେ ଆଉ ଶାସନ ଚଳାଇ ପାରୁନାହାନ୍ତି। ତେଣୁ ଆମ୍ଭମାନଙ୍କୁ ନୂତନ ରାଜା ବାଛିବାକୁ ହେବ । ଆମର ଯିଏ ରାଜା ହେବ ସେଯେମିତି ଆମର ସବୁ ସୁବିଧା ଅସୁବିଧା ବୁଝି ପାରୁଥିବ ଏବଂ ଶତ୍ରୁ ଆକ୍ରମଣରୁ ସୁରକ୍ଷା ଦେଇ ପାରୁଥିବ। ସମସ୍ତେ ମିଳିତ ସ୍ୱରରେ ବିଲୁଆର କଥାକୁ ସମ୍ମତି ଜଣାଇଲେ । ତେଣୁ ରଜା କିଏ ହେବ ବା କାହାକୁ ରାଜା ବାଛିବେ ଜୀବଜନ୍ତୁଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ପ୍ରଥମେ ଶୃଗାଳ ସିଂହର ପ୍ରସ୍ତାବ ଦେଇ କହିଲା, ସିଂହ ସବୁଠୁ ବଳବାନ ପ୍ରାଣୀ। ସେ ସବୁ ବିପଦରୁ ଆମ୍ଭକୁ ରକ୍ଷାକରି ପାରିବ। ତାକୁ ସମସ୍ତେ ଭୟ କରନ୍ତି । ତେଣୁ ସିଂହ ଭାଇଙ୍କୁ ରଜା କରାଯାଉ । ପରେ ଗଧିଆ ଥରିଥରି ହସ୍ତୀର ନାମ ପ୍ରସ୍ତାବ ଦେଲା ଏବଂ କହିଲା, ଜଙ୍ଗଲରେ ସବୁଠାରୁ ବୃହତ୍ତର ପ୍ରାଣୀ ହସ୍ତୀ ଅଟେ । ତାର ଗୋଟିଏ ଗର୍ଜନରେ ସାରା ଜଙ୍ଗଲ ଥରହର ହୋଇଯାଏ। ତା' ସାମ୍ନାକୁ କୌଣସି ପ୍ରାଣୀ ସାହସ କରି ଆସିପାରିବେ ନାହିଁ । ତେଣୁ ହସ୍ତୀକୁ ରଜା କରାଯାଉ । ଏହି ପ୍ରସ୍ତାବରେ ବଣି ଚଢ଼େଇ, ହରିଣ ସମେତ ସମସ୍ତ ପକ୍ଷୀ ଜାତି ସମ୍ମତି ପ୍ରଦାନ କଲେ। ଭଲ୍ଲୁକ ମହାରାଜ ସମସ୍ତଙ୍କ କଥା ଶୁଣି ମୁଣ୍ଡ ହଲାଇବା ସହ ଆଉ କେଉଁ ପ୍ରାଣୀମାନଙ୍କର କିଛି କହିବାର ଅଛି ବୋଲି ପ୍ରଶ୍ନ କଲେ । ମାତ୍ର ସମସ୍ତ ପ୍ରାଣୀ ନୀରବ ରହିଲେ। ତାପରେ ଭଲ୍ଲୁକ ମହାରାଜ କହିଲେ, ସବୁ ସ୍ଥଳଚର ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଲା ମାତ୍ର ଆମ ଜଙ୍ଗଲ ପାର୍ଶ୍ୱ ନଦୀରେ ବାସ କରୁଥିବା ସରୀସୃପ, ଜଳଚର ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଲା ନାହିଁ । ଆମେ ସମସ୍ତେ ନଦୀର ପାଣିକୁ ବ୍ୟବହାର କରୁଛନ୍ତି । ସେମାନେ ମଧ୍ୟ ଆମ ସହ ବସବାସ କରୁଛନ୍ତି, ତାଙ୍କର ମଧ୍ୟ ମତ ଦେବାର ଅଧିକାର ଅଛି। ତାଙ୍କୁ ବି ଏହି ନିଷ୍ପତ୍ତିରେ ସାମିଲ କରିବା କଥା । ଏହି ପ୍ରସଙ୍ଗରେ ଘୋଡ଼ା, ଚଟୁ ଘୋଡ଼ା, ଠେକୁଆ ସମସ୍ତେ ମିଶି କହିଲେ, ଚାଲ, ଆମେ ସମସ୍ତେ ତାଙ୍କ ପାଖକୁ ଯିବା। ତାଙ୍କର ମତାମତ ନେବା। ସମସ୍ତେ ସାଙ୍ଗ ହୋଇ ଭଲ୍ଲୁକ ମହାରାଜଙ୍କୁ ସାଙ୍ଗରେ ନେଇ ନଦୀ ପାଖକୁ ଗଲେ। ନଦୀ କୂଳରେ କେତେକ କୁମ୍ଭୀର ଶୋଇଥିଲେ। ଜଙ୍ଗଲର ସମସ୍ତ ଜୀବଜନ୍ତୁଙ୍କୁ ଏକା ସାଙ୍ଗରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ବିଲୁଆ ତାଙ୍କୁ ବୁଝାଇ ଦେଲା ଏବଂ କହିଲା, ଆମେ ସମସ୍ତ ପ୍ରାଣୀ ତୁମ୍ଭମାନଙ୍କର ମତାମତ ନେବାକୁ ଆସିଛୁ। କିଏ ଜଙ୍ଗଲର ରଜା ହେବ? ସିଂହ, ହାତୀ ଦୁଇ ଜଣ ପ୍ରାର୍ଥୀଙ୍କ ଭିତରୁ କିଏ ରଜା ହେବା ପାଇଁ ପ୍ରକୃତ ଯୋଗ୍ୟ । କୁମ୍ଭୀର କହିଲା, ଆଜ୍ଞା ଆମେ ଅଧିକାଂଶ ସମୟ ଜଳରେ ବାସ କରୁ। ତେଣୁ ଆମକୁ ସୁରକ୍ଷା ଦେବା ପାଇଁ କେବଳ ହାତୀ ହିଁ ଭରସାଯୋଗ୍ୟ। ତେଣୁ ହାତୀ ରଜା ହେବା ଉଚିତ୍। ଏହି ସମୟରେ ବେଙ୍ଗଟିଏ ପାଣି ଭିତରୁ ଡେଇଁ ପଡି ଉପରକୁ ଆସି ଭଲ୍ଲୁକ ମହାରାଜଙ୍କୁ ମୁଣ୍ଡିଆଟେ ମାରି କହିଲା, ମଣିମା ଆମ୍ଭେ ସମସ୍ତେ କୁମ୍ଭୀର ଭାଇ କଥାରେ ଏକମତ। କାରଣ ଆମ୍ଭେ ବେଙ୍ଗ ଜାତି ଖୁବ୍ ଛୋଟ ଆଉ ଦୁର୍ବଳ ପ୍ରାଣୀ । ଯେଉଁ ପ୍ରାଣୀ ଛୋଟ ଜୀବଜନ୍ତୁ ଓ ଦୁର୍ବଳ ଶ୍ରେଣୀର ଜନ୍ତୁମାନଙ୍କ ପ୍ରତି ଦୟାବାନ୍ ହେବ, ସେ ରଜା ହେବା ପାଇଁ ଯୋଗ୍ୟ । କାରଣ ସିଂହ ନିଜକୁ ଶକ୍ତିଶାଳୀ ଜୀବ ଭାବି ନଦୀକୁ ପାଣି ପିଇବା ସମୟରେ ଆସିଲାବେଳେ ଆମ୍ଭ ବେଙ୍ଗ ଛୁଆ ଉପରେ ଚଢ଼ି ମାରି ଦିଏ । ସେ ସର୍ବଦା ଉପରକୁ ଅନାଇ ଚାଲେ, ତା'ର ନଜର ତଳକୁ କେବେ ପଡେ ନାହିଁ । ମାତ୍ର ହସ୍ତୀ ଏତେ ବଡ଼ ଜୀବ ହେଲେ ବି ଛୋଟ ଜୀବଙ୍କ ପ୍ରତି ଖୁବ୍ ଯତ୍ନଶୀଳ । କେବେ ବି ଆମ ଶାବକଙ୍କ ଉପରେ ପାଦ ପକାଏ ନାହିଁ । ସବୁବେଳେ ତଳକୁ ନଜର ଦେଇ ଚାଲିଥାଏ । ତେଣୁ ସେ ରଜା ହେବା ପାଇଁ ଯୋଗ୍ୟ । ସମସ୍ତ ଜୀବଜନ୍ତୁମାନେ ବେଙ୍ଗର କଥା ଶୁଣି ଚକିତ ହୋଇଗଲେ । ଭଲ୍ଲୁକ ମହାରାଜ ମୁଣ୍ଡ ଟୁଙ୍ଗାରି କହିଲେ, ହଁ ଠିକ୍ କଥା। ଯିଏ ରଜା ହେବ ସେ ସର୍ବଦା ଦୁର୍ବଳ, ଅସହାୟ ଉପରେ ନଜର ରଖି ତାଙ୍କୁ ସାହାଯ୍ୟ, ସହାୟ ହେବା ଉଚିତ୍ । ତେଣୁ ଭଲ୍ଲୁକ ରଜାଙ୍କ ବିଚାରରେ ହସ୍ତୀକୁ ଜଙ୍ଗଲର ନୂଆ ରଜା ରୂପେ ଘୋଷଣା କରାଗଲା । ଏହି ବାର୍ତ୍ତା ଜଙ୍ଗଲ ସାରା ପ୍ରଚାର କରିବା ପାଇଁ ହନୁ ମାଙ୍କଡ଼ ଓ କଜଳପାତୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ସମସ୍ତେ ବେଙ୍ଗର ବୁଦ୍ଧିକୁ ପ୍ରଶଂସା କଲେ ।

ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭ ୭୩୧୯୦୩

## ପ୍ରହେଳିକା

- ଦଶ ହାତେ ଦଶ ଅସ୍ତ୍ର ସେ ଧରି
ଧରାକୁ ଆସନ୍ତି ସେ ଅବତରି
କରିଥିଲେ ଯିଏ ଦୁଷ୍ଟ ସଂହାର
ଶରତରେ ଚାଲେ ପୂଜା ତାଙ୍କର
ମଣ୍ଡପରେ ବିଜେ କରନ୍ତି ସିଏ
ନାମଟି ତାଙ୍କର କହିବ କିଏ?

ଉ-ଦେବୀ ଦୁର୍ଗା

- ପବନ ସାଥିରେ ଖେଳଇ ଦୋଳି
ନଈପଠାରେ ଘର ସେ କରି
ଧବଳ ରଙ୍ଗରେ ମୁରୁକି ହସେ
ଧରଣୀ ସୁନ୍ଦର ତା'ର ପରଶେ
ପାର୍ବଣ ଋତୁକୁ ସଜାଏ ସିଏ
ନାମଟି ତାହାର କହିବ କିଏ ?



ଉ-କାଶତଣ୍ଡି

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫





**ପ୍ରିୟଲ ଶାହ**
ପ୍ରଥମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର





**ମାନସ ରଞ୍ଜନ ଆଚାର୍ଯ୍ୟ**
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





**ସ୍ମୃତିରେଖା ବାସ୍କେ**
ଚତୁର୍ଥ ଶ୍ରେଣୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଖୁଣ୍ଟା, ମୟୂରଭଞ୍ଜ





**ମନୀଷା ନାଏକ**
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଭୋଳାଗଡିଆ, ମୟୂରଭଞ୍ଜ

## ଏସିଆ କପ୍: ଭାରତ-ଶ୍ରୀଲଙ୍କା ସୁପର-୪ ମୁକାବିଲା

# ଅଭିଷେକ ଶର୍ମାଙ୍କ ହ୍ୟାଟ୍ରିକ୍ ଅର୍ଦ୍ଧଶତକ

ଦୁବାଇ,୨୬।୯ (ଏଜେନ୍ସି)



ଭାରତୀୟ ଓପନର ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଅବ୍ୟାହତ ରହିଛି। ଏଠାରେ ଚାଲିଥିବା ଏସିଆ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାରେ ଶୁକ୍ରବାର ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ସୁପର-୪ର ଶେଷ ମୁକାବିଲାରେ ଅଭିଷେକ ୨୨ ବଲରେ ଅର୍ଦ୍ଧଶତକ ଏବଂ ୩୧ ବଲ୍‌ରେ ୬୧ ରନ୍ କରିବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ ୱିକେଟରେ ୨୦୨ ରନ୍ କରିଛି। ଅନ୍ୟମାନଙ୍କ ମଧ୍ୟରେ ତିଳକ ବର୍ମା ଅପରାଜିତ ୪୯, ସଞ୍ଜୁ ସାମସନ ୩୯ ଓ ଅକ୍ଷର ପଟେଲ ଅପରାଜିତ ୨୧ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ବୋଲରମାନେ ଭଲ ବୋଲିଂ କରିଥିଲେ ମଧ୍ୟ ଭାରତୀୟ ବ୍ୟାଟରଙ୍କୁ ଅଟକାଇବାରେ ଅସମର୍ଥ ହୋଇଥିଲେ। ଅଭିଷେକ ପାକିସ୍ତାନ ବିପକ୍ଷରେ ୭୪ ଓ ବାଂଲାଦେଶ ବିପକ୍ଷରେ ୭୫ ରନ୍ କରିଥିବା ବେଳେ ସୁପର-୪ରେ ହ୍ୟାଟ୍ରିକ୍ ଅର୍ଦ୍ଧଶତକ ହାସଲ କରିଛନ୍ତି। ଜବାବରେ ୨୦୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୧୦ ଓଭର ଖେଳ ଶେଷସୁଦ୍ଧା ଶ୍ରୀଲଙ୍କା ୧ ୱିକେଟ ହରାଇ ୧୧୪ ରନ୍ କରିନେଇଛି। ଏହି ସମୟରେ ପାଥୁମ ନିଶାଙ୍କା -୩୨ ବଲ୍‌ରୁ ୬୧ ଓ କୁଶାଲ ପରେରା ୨୭ ବଲ୍‌ରୁ ୫୨ ରନ୍ କରି ବ୍ୟାଟିଂ କରୁଥିଲେ। ପ୍ରଥମ ଓଭରର ଚତୁର୍ଥ ବଲରେ କୁଶାଲ ମେଣ୍ଡିସ୍ ଗୋଲ୍ଡେନ୍ ଡକ୍‌ରେ ଆଉଟ ହୋଇଥିଲେ। ଶ୍ରୀଲଙ୍କାକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୬୦ ବଲ୍‌ରେ ଆଉ ୮୯ ରନ୍ ଆବଶ୍ୟକ ହେଉଛି।

### ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ୨୦୦ ରନ୍

ଟସ୍ ହାରି ବ୍ୟାଟିଂ କରିବା ପରେ ଶୁବମନ ଗିଲ (୪) ଦ୍ୱିତୀୟ ଓଭରରେ ଆଉଟ ହୋଇଥିଲେ। ଅଭିଷେକ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ୱିକେଟରୁ ୩୩ ବଲ୍‌ରେ ୫୯ ରନ୍ ଉଠାଇଥିଲେ। ଗୋଟିଏ ପଟେ ଅଭିଷେକ ଦ୍ରୁତଗତିରେ ରନ୍ ସଂଗ୍ରହ କରୁଥିଲାବେଳେ ଅନ୍ୟ ପଟେ ୱିକେଟ ପଡ଼ିଥିଲା। ୨୨ ବଲ୍‌ରେ ୫୦ ରନ୍ କରି ସେ ଚଳିତ ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ୍ ଅର୍ଦ୍ଧଶତକ ହାସଲ କରିବା ପରେ ଦଳୀୟ ସ୍କୋର ୯୨ ରନ୍ ଥିଲାବେଳେ ସେ ଆଉଟ ହୋଇଥିଲେ। ଏହା ମଧ୍ୟରୁ ଅଭିଷେକଙ୍କ ଅବଦାନ ଥିଲା ୬୧ ରନ୍। ଏଥିଲାଗି ସେ ୩୧ଟି ବଲ୍‌ର ସାମ୍ନା କରି ୮ଟି ଚୌକା ଓ ୨ଟି ଛକା ମାରିଥିଲେ। ଅଭିଷେକଙ୍କ ଆଉଟ ପରେ ଚତୁର୍ଥ ୱିକେଟରେ ତିଳକ ବର୍ମା ଓ ସଞ୍ଜୁ ସାମସନ ୪୨ ବଲ୍‌ରୁ ୬୬ ଓ ୬ଷ୍ଠ ୱିକେଟରେ ତିଳକ ଓ ଅକ୍ଷର ପଟେଲ ୨୩ ବଲ୍‌ରୁ ୪୦ ରନ୍ ଉଠାଇବା ଫଳରେ ଭାରତର ସ୍କୋର ପ୍ରଥମଥର ଦୁଇ ଶହ ରନ୍ (୨୦୨/୫) ଅତିକ୍ରମ କରିଥିଲା। ଏସିଆ କପ୍‌ରେ ମଧ୍ୟ ଏହା ଦ୍ୱିତୀୟ ସର୍ବାଧିକ ଦଳଗତ ସ୍କୋର। ତିଳକ ୩୪ ବଲ୍‌ରୁ ୪ ଚୌକା ଓ ୧ ଛକା ସହ ଅପରାଜିତ ୪୯ ଓ ସାମସନ ୨୩ ବଲ୍‌ରୁ ୧ ଚୌକା ଓ ୩ ଛକା ସହ ୩୯ ରନ୍ କରିଥିଲେ। ଅକ୍ଷର ବିଟ୍ ହୋଇଥିଲେ ମଧ୍ୟ ୧୫ ବଲ୍‌ରୁ ୨୧ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ନୁୱାନ ଥୁସାରାଙ୍କୁ ବାଦ୍ ଦେଲେ ଅନ୍ୟ ୫ଜଣ ବୋଲର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ଅଭିଷେକଙ୍କ ସଫଳତା

ଏହି ଟୁର୍ଣ୍ଣାମେଣ୍ଟରେ ଅଭିଷେକ ଶର୍ମା ୟୁଏଇ ବିପକ୍ଷରେ ୩୦, ପାକିସ୍ତାନ ବିପକ୍ଷରେ ୩୧, ଓମାନ ବିପକ୍ଷରେ ୩୮, ସୁପର-୪ରେ ପାକିସ୍ତାନ ବିପକ୍ଷରେ ୭୪ ଓ ବାଂଲାଦେଶ ବିପକ୍ଷରେ ୭୫ ରନ୍ କରି ଏସିଆ କପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ୍ କରିବାରେ ରେକର୍ଡ କରିଛନ୍ତି। ସେ ୬ଟି ମ୍ୟାଚ୍ ଖେଳି ୫୧.୫୦ ହାରରେ ୩ଟି ଅର୍ଦ୍ଧଶତକ ସହ ୩୦୯ ରନ୍ କରିଛନ୍ତି। ଏଥିରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ହେଉଛି ୨୦୪.୬୩।

## ● ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ

# ରୌଫ୍, ସୂର୍ଯ୍ୟକୁମାରଙ୍କୁ ଆର୍ଥିକ ଦଣ୍ଡ





ଦୁବାଇ,୨୬।୯ (ଏଜେନ୍ସି): ଭାରତ ଓ ପାକିସ୍ତାନ ମୁକାବିଲାବେଳେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରି ଉଭୟ ଦେଶର ଦୁଇ ଖେଳାଳି ଦଣ୍ଡିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପାକିସ୍ତାନୀ ଫାଷ୍ଟ ବୋଲର ହାରିସ୍ ରୌଫ୍ ଓ ଭାରତୀୟ ଅଧିନାୟକ ଆଇସିସି ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନଙ୍କ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ଉଭୟ ଖେଳାଳିଙ୍କ ମ୍ୟାଚ୍ ଫି'ର ୩୦ ଶତକଡ଼ା ଦଣ୍ଡ ଆକାରରେ କାଟି ନିଆଯାଇଛି। କିନ୍ତୁ ବନ୍ଧୁକ ମାରିବା ଆକ୍ସନରେ ଅର୍ଦ୍ଧଶତକ ସିଲେବ୍ରେସନ କରିଥିବା ପାକିସ୍ତାନୀ ଓପନର ସାହିବଜାଦା ଫରହାନ୍‌ଙ୍କୁ କେବଳ ଚେତାବନୀ ଦିଆଯାଇ ଛାଡ଼ିଦିଆଯାଇଛି। ସେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରି ନ ଥିବା କିମ୍ବା ପ୍ରତିପକ୍ଷ ଖେଳାଳି କିମ୍ବା ସମର୍ଥକଙ୍କୁ ଉସୁକାଇ ନ ଥିବା ରିଚାର୍ଡସନଙ୍କର ହୃଦ୍‌ବୋଧ ହୋଇଥିଲା। ଗୁରୁବାର ଏଠାରେ ରିଚାର୍ଡସନ ଉଭୟ ଦଳ ପକ୍ଷରୁ ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ। ଆଜି ସେ ତାଙ୍କର ରାୟ ପ୍ରକାଶ କରିଛନ୍ତି। ସେପ୍ଟେମ୍ବର ୧୪ ତାରିଖରେ ପାକିସ୍ତାନକୁ ଲିଗ୍ ମ୍ୟାଚ୍‌ରେ ହରାଇବା ପରେ ଦେଇଥିବା ପ୍ରତିକ୍ରିୟାରେ ଦଳର ବିଜୟକୁ ଭାରତୀୟ ସେନା ଓ ପହଲଗାମ୍‌ରେ ସନ୍ତ୍ରାସବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଥିବା ଭାରତୀୟଙ୍କ ପରିବାର ସଦସ୍ୟଙ୍କୁ ଉତ୍ସର୍ଗ କରିଥିଲେ। ଖେଳରେ ରାଜନୀତି ପୂରାଇଥିବା ସେ ଲେଭଲ-୧ ଅପରାଧ କରିଥିଲେ। ସେହିପରି ସେପ୍ଟେମ୍ବର ୨୧ ତାରିଖ ଭାତ ବିପକ୍ଷ ସୁପର-୪ ମୁକାବିଲାରେ ପାକିସ୍ତାନର ଫାଷ୍ଟ ବୋଲର ପ୍ରତିପକ୍ଷ ଖେଳାଳିଙ୍କୁ ଉସୁକାଇବା ଓ ଅଶୋଭନୀୟ ଶୈଳୀରେ ସମର୍ଥକଙ୍କ ସହ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିଥିଲେ। ଏହା ଆଇସିସି ଆଚରଣ ସଂହିତାକୁ ଉଲ୍ଲଙ୍ଘନ କରୁଥିବାରୁ ଲେଭେଲ-୧ ଅପରାଧ କରିଥିଲେ। ଏହା ଫଳରେ ତାଙ୍କୁ ଚେତାବନୀ ଦିଆଯିବା ସହ ଦଣ୍ଡ ପ୍ରଦାନ କରାଯାଇଛି। ଉଭୟ ଦେଶର କ୍ରିକେଟ ବୋର୍ଡ ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ। ଗୁରୁବାର ଏହାର ଶୁଣାଣି କରି ରିଚାର୍ଡସନ ଶୁକ୍ରବାର ଏପରି ନିଷ୍ପତ୍ତି ନେଇଛନ୍ତି।

## ● ଅଷ୍ଟ୍ରେଲିଆର କ୍ରମାଗତ ତୃତୀୟ ପରାଜୟ

# ଭାରତର ଦିନିକିଆ ସିରିଜ୍ ସ୍ୱିପ୍

ବ୍ରିସ୍‌ବେନ୍,୨୬।୯ (ଏଜେନ୍ସି): ବେଦାନ୍ତ ତ୍ରିପାଠୀ (୮୬), ରାହୁଲ କୁମାର (୬୨)ଙ୍କ ଅର୍ଦ୍ଧଶତକ ସହିତ ଖୀଲନ ପଟେଲ (୪/୨୬) ଓ ଉଧବ ମୋହନ (୩/୨୬)ଙ୍କ ସୁନ୍ଦର ବୋଲିଂ ବଳରେ ଇଆନ ହିଲି ଓଭାଲ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ୧୯ ବର୍ଷରୁ କମ୍ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତ ୧୬୭ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୩ ମ୍ୟାଚ୍ ଦିନିକିଆ ସିରିଜ୍‌କୁ ୩-୦ରେ ଜିତି ରିଜ୍ ସ୍ୱିପ୍ କରିଛି। ଏହା ପୂର୍ବରୁ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଭାରତ ୭ ୱିକେଟରେ ଓ ଦ୍ୱିତୀୟ ମ୍ୟାଚ୍‌କୁ ୫୧ ରନ୍‌ରେ ଜିତିଥିଲା। ଦିନିକିଆ ସିରିଜ୍ ପରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଏଠାରେ ଓ ଦ୍ୱିତୀୟ ମ୍ୟାଚ୍ ମ୍ୟାକୟରେ ଅକ୍ଟୋବର ୭ରୁ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୮୦ ରନ୍ କରିଥିଲା। ଦଳ ପକ୍ଷରୁ ଗୁଜରାଟ ବ୍ୟାଟର ବେଦାନ୍ତ ତ୍ରିପାଠୀ ୯୨ ବଲ୍‌ରୁ ୮ ଚୌକା ସହ ସର୍ବାଧିକ ୮୬ ରନ୍ କରିଥିଲେ। ପଞ୍ଜାବର ରାହୁଲ କୁମାର ୮୪ ବଲ୍‌ରୁ ୬ ଚୌକା ସହ ୬୨ ରନ୍‌ର ଯୋଗଦାନ ଦେଇଥିଲେ। ନଂ-୩ ବିହାନ ମାଲହୋତ୍ରା ୪୦, ହରବଂଶ ପାଙ୍ଗଲିଆ ୨୩ ଓ ଖୀଲନ ପଟେଲ ୨୦ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୨୬.୩ ଓଭରରେ ମାତ୍ର ୧୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଆଲେକ୍ସ ଟର୍ଣ୍ଣର ୩୨, ଟମ୍ ହୋଗାନ ୨୮ ଓ ଅଧିନାୟକ ୱିଲ ମଲାନଜୁକ୍ ୧୫ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଭାରତ ପକ୍ଷରୁ ଗୁଜରାଟ ବାମହାତୀ ସ୍ପିନର ଖୀଲନ ପଟେଲ ୨୬ ରନ୍‌ରେ ସର୍ବାଧିକ ୪ଟି ଓ ଦିଲ୍ଲୀର ପେସ୍ ବୋଲର ଉଧବ ମୋହନ ମଧ୍ୟ ୨୬ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ରାଜସ୍ଥାନ ଅଫ୍ ସ୍ପିନର କନିସ୍କ ଚୌହାନଙ୍କୁ ୨ଟି ୱିକେଟ ମିଳିଥିଲା।

## ରାହୁଲ ୧୭୬*, ସୁଦର୍ଶନ ୧୦୦

# ଭାରତ-ଏ'ର ଐତିହାସିକ ବିଜୟ



ଲକ୍ଷ୍ନୌ, ୨୬।୯ (ଏଜେନ୍ସି): ବରିଷ୍ଠ ଖେଳାଳି ଲୋକେଶ ରାହୁଲଙ୍କ ଅପରାଜିତ ୧୭୬ ଓ ସାଇ ସୁଦର୍ଶନଙ୍କ ୧୦୦ ରନ୍ ସହାୟତାରେ ଏଠାରେ ଶୁକ୍ରବାର ଶେଷ ହୋଇଥିବା ଦ୍ୱିତୀୟ ଅନ୍ତିମ ଟେଷ୍ଟରେ ଅଷ୍ଟ୍ରେଲିଆ-ଏ'କୁ ୫ ୱିକେଟରେ ହରାଇ ଐତିହାସକ ବିଜୟ ହାସଲ କରିଛି। ଏହି ମ୍ୟାଚ୍ ଜିତିବାକୁ ଭାରତ-ଏ' ଆଗରେ ୪୧୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଘରୋଇ ଦଳ ରାହୁଲ ଓ ସୁଦର୍ଶନଙ୍କ ଶତକ, ଅଧିନାୟକ ଧ୍ରୁବ ଜୁରେଲଙ୍କ ୫୬ ରନ୍ ସହାୟତାରେ ଦଳ ୫ ୱିକେଟ ହରାଇ 'ଏ' ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ ରନ୍ ସଂଗ୍ରହ କରି ଇତିହାସ ସୃଷ୍ଟି କରିଥିଲା। ଏହା ଫଳରେ ଦଳ ୨୦୨୨ ହାବନଟୋଟାରେ ଶ୍ରୀଲଙ୍କା-ଏ' ବିପକ୍ଷରେ ୩୬୭ ରନ୍ କରି ମ୍ୟାଚ୍ ଜିତିଥିବା ଅଷ୍ଟ୍ରେଲିଆ-ଏ'ର ରେକର୍ଡକୁ ଅତିକ୍ରମ କରିଥିଲେ। ଭାରତ ମଧ୍ୟ ନିଜ ରେକର୍ଡରେ ଉନ୍ନତି ଆଣିଛି। ୨୦୦୩ରେ ନର୍ଟିଂହାମସାୟର ବିପକ୍ଷରେ ଭାରତ-ଏ' ୩୪୦ ରନ୍ କରି ବିଜୟୀ ହୋଇଥିଲାବେଳେ ଏଠାରେ ମଧ୍ୟ ଏହି ରେକର୍ଡ ଅତିକ୍ରମ ହୋଇଯାଇଛି। ଏହି ବିଜୟ ଫଳରେ ଭାରତ-ଏ' ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୧-୦ରେ ଜିତିନେଇଛି। ଏଠାରେ ପୂର୍ବରୁ ଖେଳାଯାଇଥିବା ପ୍ରଥମ ଟେଷ୍ଟ ହାରଜିତ ବିନା ଫଇସଲାରେ ଶେଷ ହୋଇଥିଲା।

ଭାରତ-ଏ' ପକ୍ଷରୁ ଖେଳୁଥିବା ରାହୁଲ ତାଙ୍କ ପାରମ୍ପରିକ ଟ୍ରେଡମାର୍କ ସଟ୍ ସହାୟତାରେ ୨୧୦ ବଲ ଖେଳରି ୧୬ ଚୌକା ଓ ୪ ଛକା ସହାୟତାରେ ଅପରାଜିତ ୧୭୬ ରନ୍ ଦଳକୁ ଜିତାଇଥିଲେ। ଏହି ପ୍ରଦର୍ଶନ ଲାଗି ତାଙ୍କୁ ମଧ୍ୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଓ ୨ଟି ଟେଷ୍ଟର ୪ଟି ଯାକ ଇନିଂସରେ ସଫଳ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ-ଏ'ର ଜୋଶ ଫିଲିପ୍ସଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଭାରତ-ଏ' ଦ୍ୱିତୀୟ ଇନିଂସରେ ସାଇ ସୁଦର୍ଶନ ୧୭୨ ବଲ୍‌ରୁ ୧୦୦ ଓ ଅଧିନାୟକ ଧ୍ରୁବ ଜୁରେଲ ୬୬ ବଲ୍‌ରୁ ୫୬ ରନ୍ ସଂଗ୍ରହ କରି ଉପଯୁକ୍ତ ସହାୟତା ଯୋଗାଇଥିଲେ। ଶେଷରେ ନୀତୀଶ କୁମାର ରେଡ୍ଡୀ ଅପରାଜିତ ୧୬ କରି ରାହୁଲଙ୍କ ସହ ଦଳକୁ ମ୍ୟାଚ୍ ଜିତାଇଥିଲେ।

ଏହି ଟେଷ୍ଟର ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ-ଏ'ର ୪୨୦ ରନ୍ ଜବାବରେ ଭାରତ-ଏ' ମାତ୍ର ୧୯୪ ରନ୍‌ରେ ଅଲଆଉଟ ହୋଇଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ଭାରତ-ଏ'ର ବୋଲରମାନେ ଘାତକ ପ୍ରଦର୍ଶନ କରିବା ଫଳରେ ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସରେ ମାତ୍ର ୧୮୫ ରନ୍ କରିଥିଲା। ଫଳରେ ପ୍ରଥମ ଇନିଂସରେ ୨୨୬ ରନ୍‌ର ଅଗ୍ରଣୀକୁ ମିଶାଇ ଅଷ୍ଟ୍ରେଲିଆ-ଏ' ଘରୋଇ ଦଳ ଆଗରେ ୪୧୨ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ଭାରତ ମାତ୍ର ୫ ୱିକେଟ ହରାଇ ହାସଲ କରିବା ସହ ଇତିହାସ ସୃଷ୍ଟି କରିଛି। ଟେଷ୍ଟ ସିରିଜ୍ ପରେ ଦୁଇ ଦେଶ ମଧ୍ୟରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୫ ମଧ୍ୟରେ କାନପୁରର ଗ୍ରୀନ୍‌ପାର୍କ ଷ୍ଟାଡିୟମ୍‌ରେ ୪ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ।

## ଆଇଏସଏସ୍ ଜୁନିଅର ୱାର୍ଲ୍ଡକପ୍



# ଜୋନାଥନଙ୍କୁ ସ୍ୱର୍ଣ୍ଣ, ରଶ୍ମିକାଙ୍କୁ ରୌପ୍ୟ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଭାରତର ଜୋନାଥନ ଆଣ୍ଟୋନି ତାଙ୍କ ଇଟାଲୀୟ ପ୍ରତିଦ୍ୱନ୍ଦ୍ୱୀ ଲୁକା ଆରିଗିଙ୍କୁ ୮.୫ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଏଠାରେ ଚାଲିଥିବା ଆଇଏସ୍‌ଏସ୍ ଜୁନିଅର ୱାର୍ଲ୍ଡ କପ୍ ସୁଟିଂରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଡଃ କାର୍ଣ୍ଣି ସିଂହ ରେଞ୍ଜରେ ଆଜି ଅନୁଷ୍ଠିତ ପୁରୁଷ ଏୟାର ପିସ୍ତଲ ଇଭେଣ୍ଟରେ କର୍ଣ୍ଣାଟକର ଜୋନାଥନ ବିଜେତା ହୋଇଛନ୍ତି। ଖେଳରତ୍ନ ପୁରସ୍କାର ବିଜେତା ଜିତୁ ରାୟଙ୍କ ତତ୍ତ୍ୱାବଧାନରେ ଜୋନାଥନ ପ୍ରଶିକ୍ଷଣ ନେଉଛନ୍ତି। ମହିଳା ଏୟାର ପିସ୍ତଲରେ ନିରପେକ୍ଷ ଦେଶ ଭାବେ ଭାଗନେଇଥିବା ରୁଷର ଇଭେଲିନା ସିନା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ଦ୍ୱିତୀୟ ସ୍ଥାନରେ ରହି ଭାରତର ରଶ୍ମିକା ସେହଗଲ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଦ୍ୱିତୀୟ ଦିନ ସୁଦ୍ଧା ଭାରତ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ଟି କାଂସ୍ୟ ସହ ପଦକ ତାଲିକାର ଶୀର୍ଷସ୍ଥାନ ଅଧିକାର କରିଛି।

# ୨୦୨୬ ଫିଫା ବିଶ୍ୱକପ୍‌ର ମାସ୍କଟ ଉନ୍ମୋଚିତ



କୋରାଲ ଗାବଲ୍ସ, ୨୬।୯ (ଏଜେନ୍ସି): ଆମେରିକା, କାନାଡା ଓ ମେକ୍ସିକୋରେ ଖେଳାଯିବାକୁ ଥିବା ୨୦୨୬ ଫିଫା ବିଶ୍ୱକପ୍ ଲାଗି ଆଜି ମାସ୍କଟ ଉନ୍ମୋଚନ କରାଯାଇଛି। ଏହି ମାସ୍କଟର ନାମ ରଖାଯାଇଛି କ୍ଲଚ୍, ଜାୟୁ ଓ ମାପଲ। ଆମେରିକାକୁ କ୍ଲଚ୍, ମେକ୍ସିକୋକୁ ଜାୟୁ ଓ କାନାଡାକୁ ମାପଲ ପ୍ରତିନିଧିତ୍ୱ କରୁଛି। ଜୁନ୍ ୧୧ରେ ଫିଫା ବିଶ୍ୱକପ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶ୍ୱକପ୍ ପ୍ରଥମଥର ୩ଟି ଦେଶରେ ଓ ପ୍ରଥମଥର ୪୮ଟି ଦେଶକୁ ନେଇ ଆୟୋଜିତ ହେଉଛି। ଜୁଲାଇ ୧୯ରେ ଶେଷ ହେବାକୁ ଥିବା ଏହି ବିଶ୍ୱକପ୍ ୧୬ଟି ସହରରେ ଖେଳାଯିବ।

# ଶ୍ରଦ୍ଧାଞ୍ଜଳି ଜାତୀୟ ଫୁଟବଲ ଚୟନକର୍ତ୍ତା



ଭୁବନେଶ୍ୱର,୨୬।୯ (ସମିସ): ଓଡ଼ିଶାର କିଂବଦନ୍ତୀ ମହିଳା ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଜାତୀୟ ମହିଳା ଫୁଟବଲର ଚୟନକର୍ତ୍ତା ନିଯୁକ୍ତ ହୋଇଛନ୍ତି। ବରିଷ୍ଠ ଦଳରେ ଏହା ତାଙ୍କର ପ୍ରଥମ ନିଯୁକ୍ତି। ଛତିଶଗଡ଼ଠାରେ ଅକ୍ଟୋବର ୧ରୁ ୧୦ ତାରିଖ ଯାଏ ଜାତୀୟ ବରିଷ୍ଠ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରୁ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରିବା ଶ୍ରଦ୍ଧାଞ୍ଜଳି ଓ ତାଙ୍କ ଟିମ୍‌ର ଦାୟିତ୍ୱ। ଆସନ୍ତାବର୍ଷ ଏସିଆ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ସମ୍ଭାବ୍ୟ ଦଳ ଚୟନ କରାଯିବ ବୋଲି ଜଣାଯାଇଛି। ଭାରତୀୟ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ୨୦୨୪ରେ ଭାରତର ୧୯ ବର୍ଷରୁ କମ୍ ଦଳକୁ ସାଫ୍ କପ୍ ଜିତାଇଥିଲେ। ଏପରି ସମ୍ମାନଜନକ ଦାୟିତ୍ୱ ପାଇଥିବାରୁ ଶ୍ରଦ୍ଧାଞ୍ଜଳି ତାଙ୍କ ନିଯୁକ୍ତିଦାତା ନାଲକୋ, ରାଜ୍ୟ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶାକୁ କୃତଜ୍ଞତା ଜଣାଇଛନ୍ତି।

# ସୁଶ୍ରୀ ଓଡ଼ିଶା କ୍ରିକେଟ୍ ଦଳର ଅଧିନାୟିକା



କଟକ,୨୬।୯ (ସମିସ): ଆସନ୍ତା ଅକ୍ଟୋବର ୮ରୁ ବରିଷ୍ଠ ମହିଳା ଜାତୀୟ ଟି-୨୦ ଟ୍ରଫି ଖେଳାଯିବ। ଏଥି ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଦଳ ଘୋଷଣା କରାଯାଇଥିଲା। ୧୬ ଜଣିଆ ଦଳରେ ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ନେତୃତ୍ୱ ଦିଆଯାଇଛି। ବିଜୟଲକ୍ଷ୍ମୀ ବେହେରା, ଡି ଜାନକୀ ରେଡ୍ଡୀ, ଜ୍ୟୋତି କୁମାରୀ ପ୍ରସାଦ, ଲକ୍ଷ୍ମୀପ୍ରିୟା ନାଏକ, ମାଧୁରୀ ମେହେଟା, ମୋନାଲିସା ରାଉତ(ୱିକେଟ କିପର), ନିବେଦିତା ଜନ୍ ନାଏକ, ପ୍ରଜ୍ଞା ପରମିତା ମହାନ୍ତି(ୱିକେଟ କିପର), ରାମେଶ୍ୱରୀ ନାଏକ, ରାଣୀ ଟୁଡୁ, ରୀମାଲକ୍ଷ୍ମୀ ଏକ୍କା, ସଙ୍ଗୀତା ଖାଡିଆ(ଉପଅଧିନାୟିକା), ସରିତା ମେହେର, ଶୁଭ୍ରନିର୍ଝରିଣୀ ସ୍ୱାଇଁ, ତନ୍ମୟୀ ବେହେରା ଦଳରେ ସ୍ଥାନ ପାଇଛନ୍ତି। ଏଲିଟ୍-ସି ଗ୍ରୁପରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ହାଇଦ୍ରାବାଦ ବିପକ୍ଷରେ ପ୍ରଥମ ଲିଗ୍ ମ୍ୟାଚ୍ ଖେଳିବ। ଗ୍ୱାଲିୟରରେ ଗ୍ରୁପର ସମସ୍ତ ମ୍ୟାଚ୍ ଖେଳାଯିବ। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା ଚୟନ କମିଟି ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ, ମୁଖ୍ୟ କୋଚ୍ ସୁମନ ଶର୍ମା ଉପସ୍ଥିତ ଥିଲେ।


# ତାରାକାନ୍ତ ପରିଡ଼ାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୬।୯ (ସମିସ): ଇଣ୍ଡିଆନ ମାଉଣ୍ଟେନିୟରିଂ ଫେଡେରେସନ (ଆଇଏମ୍‌ଏଫ୍) ପକ୍ଷରୁ ନେଦରଲାଣ୍ଡ ଟିମ୍‌ର ଲିଆସନିଂ ଅଫିସର ଭାବେ କାମ କରି ସଫଳତା ପାଇଥିବା ଓଡ଼ିଶାର ତାରାକାନ୍ତ ପରିଡ଼ାଙ୍କୁ ଆସା (ଅସୋସିଏସନ ଅଫ୍ ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟି) ପକ୍ଷରୁ ସମ୍ମାନିତ କରାଯାଇଛି। ଜୁଡୋ ହଲ ପରିସରରେ ଶୁକ୍ରବାର ଆୟୋଜିତ ବନ୍ଧୁମିଳନରେ ତାରାକାନ୍ତଙ୍କୁ ଆସା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ଅନୁଷ୍ଠିତ ଏକ ଅନୌପଚାରିକ ବୈଠକରେ ଆସାର ଉପଦେଷ୍ଟା ତଥା ଅବସରପ୍ରାପ୍ତ ବରିଷ୍ଠ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରଥମ ଏଭରେଷ୍ଟ ଆରୋହଣକାରୀ ତଥା ଆସାର ସମ୍ପାଦକ ଗଣେଶ ଜେନା, ହରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସା ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା।

## ୫ଟି ମ୍ୟାଚ୍‌ରେ ଓଭର କଟିଲା, ସେମିଫାଇନାଲ ସହ ୪ ମ୍ୟାଚ୍ ବାତିଲ

# ଓଡ଼ିଶା ପ୍ରୋ ଟି-୨୦ରେ ବର୍ଷା ପ୍ରତିବନ୍ଧକ

କଟକ,୨୬।୯ (ସମିସ)



ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ବର୍ଷା ବାଧକ ସାଜୁଛି। ଶୁକ୍ରବାର ସନ୍ଧ୍ୟାରେ ଏଠାରେ ହେବାକୁ ଥିବା କଟକ ପାନ୍ଥର୍ସ ଏବଂ ସମ୍ବଲପୁର ୱାରିୟର୍ସ ବିପକ୍ଷ ଫାଇନାଲ ମୁକାବିଲା ମଧ୍ୟ ବର୍ଷା ଯୋଗୁଁ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇପାରିନାହିଁ। ଦିନ ତମାମ୍ ଲଗାଣବର୍ଷା ଯୋଗୁଁ ବାରବାଟୀର ଆଉଟଫିଲ୍ଡ ସନ୍ତସନ୍ତିଆ ରହିଛି। ପଡ଼ିଆ ଖେଳ ଉପଯୋଗୀ କରାଇବା ନିମନ୍ତେ ଉଦ୍ୟମ ଚାଲିଥିବା ବେଳେ ଖବର ଲେଖାଯିବା ସୁଦ୍ଧା ରାତି ୯ଟାରେ ଟସ୍ ପଡ଼ିବ ବୋଲି ସୂଚନା ମିଳିଛି।



ସେପ୍ଟେମ୍ବର ମାସରେ ଅଦିନିଆ ବର୍ଷା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସଫଳ ଆୟୋଜନ ଉପରେ ଅଙ୍କୁଶ ଲଗାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ପ୍ରଥମଥର ଏଭଳି ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ତେବେ ଲିଗ୍ ପର୍ଯ୍ୟାୟରେ ଏକାଧିକ ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହୋଇଥିବା ବେଳେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁଁ ଧୋଇ ହୋଇ ଯାଇଥିଲା। ଯଦ୍ୱାରା ପଏଣ୍ଟ ଆଧାରରେ ସମ୍ବଲପୁର ୱାରିୟର୍ସ ଫାଇନାଲରେ ପ୍ରବେଶ କରିଥିଲା ଏବଂ ଭୁବନେଶ୍ୱର ଟାଇଗର୍ସକୁ ନିରାଶ ହେବାକୁ ପଡ଼ିଥିଲା। ଏଥି ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ରାଉରକେଲା ଷ୍ଟିଲର୍ସ-କଟକ ପାନ୍ଥର୍ସ, ସମ୍ବଲପୁର ୱାରିୟର୍ସ-ଭୁବନେଶ୍ୱର ଟାଇଗର୍ସ, ଭୁବନେଶ୍ୱର ଟାଇଗର୍ସ-ପୁରୀ ଟାଇଟନ୍ସ ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହୋଇଥିଲା। ୨ଟି ମ୍ୟାଚ୍ ବାତିଲ ଯୋଗୁଁ ଟାଇଗର୍ସ ଲିଗ୍ ପର୍ଯ୍ୟାୟରେ ଅଧା ପଏଣ୍ଟ ପାଇଥିଲା। ସେମିଫାଇନାଲ ମୁକାବିଲାରେ ଏହାର ପ୍ରଭାବ ପଡ଼ିଥିଲା। ଏତଦ୍ ବ୍ୟତୀତ ୫ଟି ମ୍ୟାଚ୍ ବର୍ଷା ଯୋଗୁଁ କମ୍ ଓଭର ବିଶିଷ୍ଟ ଖେଳାଯାଇଛି। ଅନ୍ୟ କିଛି ମ୍ୟାଚ୍‌ର ଫଳାଫଳ ଡିଏଲଏସ୍ ପଦ୍ଧତିରେ ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ଫାଇନାଲ ମୁକାବିଲା ବିଳମ୍ବରେ ଆରମ୍ଭ ହେଲେ ସୁଦ୍ଧା ୨୦ଓଭର ବିଶିଷ୍ଟ ଖେଳାଯିବ ବୋଲି ସୂଚନା ମିଳିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS